RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI
◆VOLUME- 43 ◆ISSUE-14 ◆TUESDAY ◆8 JULY 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୧୪ ◆ମଙ୍ଗଳବାର ◆୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ରଥରେ ଲାଗିହେଲା ଅଧରପଣା

## ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ



■ **ପୁରୀ, ୭।୭ (ସମିସ):** ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ମଙ୍ଗଳବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ସୋମବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ଧାର୍ଯ୍ୟ ସମୟ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ୧ଘଣ୍ଟା ୧୦ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୧୦ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭାଙ୍ଗିଥିଲା।

ସୋମବାର ଆଷାଢ଼ଶୁକ୍ଳ ଦ୍ୱାଦଶୀ। ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ

### ତିନିରଥରେ ଭାଙ୍ଗିଲା ୯ ଅଧରପଣା ହାଣ୍ଡି

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏଁ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

ରାତି ୮ଟା ସୁଦ୍ଧା ଅଧରପଣା ନୀତି ଶେଷ ହେବାକୁ ଥିବା ବେଳେ ରାତି ୯ଟା ୧୦ରେ ସରିଥିଲା। ତେବେ ପ୍ରଥମେ ଦେବଦଳନ ରଥରେ ରାତି ୮ଟା ୪୮ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ପରେ ତାଳଧ୍ୱଜ ରଥରେ ୮ଟା ୪୯ରେ ଏବଂ ଶେଷରେ ନନ୍ଦିଘୋଷ ରଥରେ ରାତି ୯ଟା ୧୦ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା।

### ବର୍ଷକରେ କଞ୍ଚା ତେଲ କମିଛି ୨୦ ଡଲାର: କମୁନି ପେଟ୍ରୋଲ-ଡିଜେଲ

# କମ୍ପାନୀ ମାଲେମାଲ୍; ଖାଉଟି କାଙ୍ଗାଳ

■ **ନୂଆଦିଲ୍ଲୀ, ୭।୭ (ଏଜେନ୍ସି):** ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲ ଅର୍ଥାତ୍ କ୍ରୁଡ଼ ଅଏଲ ମୂଲ୍ୟ ତଳମୁହାଁ। କ୍ରୁଡ଼ ଅଏଲର ମୂଲ୍ୟ ବ୍ୟାରେଲ ପିଛା ୬୬ ଡଲାରରେ ପହଞ୍ଚିଛି। ଆଗକୁ କ୍ରୁଡ଼ ଅଏଲ୍ ମୂଲ୍ୟ ୬୦ ଡଲାର ତଳକୁ ଖସିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ମାତ୍ର ଆନ୍ତର୍ଜାତୀୟସ୍ତରରେ ତୈଳ ମୂଲ୍ୟ କମିଥିଲେ ମଧ୍ୟ ଭାରତୀୟ ଉପଭୋକ୍ତା ଏଥିରୁ କୌଣସି ଲାଭ ପାଉ ନାହାନ୍ତି।




- ୪୦ ଟଙ୍କାର ତେଲକୁ ୧୦୧ରେ କିଣୁଛି ଖାଉଟି
- ତେଲ କମ୍ପାନୀ ଲାଭ ଲିଟର ପିଛା ୧୫ ଟଙ୍କା
- ୪୨ ଟଙ୍କା ଟିକସ ନେଉଛି କେନ୍ଦ୍ର ଓ ରାଜ୍ୟ
- ପେଟ୍ରୋଲ ପମ୍ପ ମାଲିକଙ୍କ ଭାଗ ୩ରୁ ୪ ଟଙ୍କା

ବର୍ତ୍ତମାନର ମହଙ୍ଗା ବଜାର ଦରରେ ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦରଠାରୁ ବଳିଯାଉଛି ଖାଉଟିଙ୍କ ତେଲ କଷ୍ଟ। ବିଡ଼ମ୍ବନା ହେଉଛି ପେଟ୍ରୋଲିୟମ ଉତ୍ପାଦ ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟର ଅଧାରୁ ଅଧିକ କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଏବଂ ପେଟ୍ରୋଲିୟମ କମ୍ପାନୀର ଲାଭ ନେଇଯାଉଛି। ପ୍ରକ୍ରିୟାକରଣ ପରେ ଅଶୋଧିତ ତୈଳର ମୂଲ୍ୟ ପାଖାପାଖି ୫୦ ଟଙ୍କା ଥିବାବେଳେ ଖାଉଟି ଏହାକୁ ୧୦୧ ଟଙ୍କା ଦରରେ କ୍ରୟ କରୁଛି। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ହାରାହାରି ଲିଟର ପିଛା ୧୫ ଟଙ୍କା ଲାଭ କରୁଛନ୍ତି। ଓଡ଼ିଶାରେ ଟିକସ ବାବଦରେ ୨୮% ▶ପୃଷ୍ଠା-୭

## ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ ନବୀନ



■ **ଭୁବନେଶ୍ୱର, ୭।୭ (ସମିସ):** ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେସନ୍ ପରେ ଆଜି କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ସମୟରେ ସେଠାରେ ଉପସ୍ଥିତ ଥିବା ଡ଼ାକ୍ତର,

**ଆସନ୍ତା ସପ୍ତାହରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ**

ପାରା ମେଡିକାଲ ଷ୍ଟାଫ୍ ଓ ଅନ୍ୟ ସହଯୋଗୀ କର୍ମଚାରୀଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ସମସ୍ତଙ୍କ ସହ ହାତ ମିଳାଇ ସେମାନଙ୍କ ଚିକିତ୍ସା ଓ ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି। କୋକିଳାବେନ୍ ଧୀରୁଭାଇ ▶ପୃଷ୍ଠା-୭

## ଦେଢ଼ ବର୍ଷ ପରେ ପୁଣି ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା

■ **ନବରଙ୍ଗପୁର, ୭।୭ (ସମିସ):** ପାଖାପାଖି ଦେଢ଼ବର୍ଷ ପରେ ପୁଣି ଥରେ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା। ଉପାନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଆଦି ଜିଲ୍ଲାଗୁଡ଼ିକର ଗୁରୁତର ରୋଗୀମାନଙ୍କ ଚିକିତ୍ସା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ। ରାଜଧାନୀରୁ ବରିଷ୍ଠ ଓ ବିଶେଷଜ୍ଞ

**ଉପାନ୍ତରେ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଥିଲେ ନବୀନ ପଟ୍ଟନାୟକ**



ଡ଼ାକ୍ତରମାନେ ଉପାନ୍ତ ଅଞ୍ଚଳକୁ ଯାଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ଏପରିକି ଆବଶ୍ୟକସ୍ଥଳେ ରୋଗୀମାନଙ୍କୁ କଟକ, ବ୍ରହ୍ମପୁର, ଭୁବନେଶ୍ୱର ଆଦି ସହରର ବଡ଼ ଡ଼ାକ୍ତରଖାନାକୁ ଆଣି ଚିକିତ୍ସା କରାଯାଉଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପ୍ରାୟ ଦେଢ଼ବର୍ଷ ଧରି ବନ୍ଦ ହୋଇ ଯାଇଥିବା ▶ପୃଷ୍ଠା-୭

## ଏଟିଏମ୍ କାଟି ଲୁଟିନେଲେ ୧୭ ଲକ୍ଷ

■ **ସୋର, ୭।୭ (ସମିସ):** ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତର ଯୋଡ଼ାମ୍ବ ଛକରେ ଥିବା ଏକ ଏସ୍‌ବିଆଇ ଏଟିଏମ୍‌ରୁ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏହି ଆପରାଧିକ ଘଟଣା ଘଟିଛି। ଖବର ପାଇ ଆଜି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତମାନେ କଳା ରଙ୍ଗ ସ୍ପ୍ରେ' କରିଦେଇଥିବାରୁ ଫୁଟେଜ୍‌ରୁ ଅଭିଯୁକ୍ତମାନଙ୍କୁ ଧରିବା ପୁଲିସ୍ ପାଇଁ ଆହ୍ୱାନ ହୋଇଛି। ▶ପୃଷ୍ଠା-୭

### ବିଜେପି ରାଜ୍ୟ ସଭାପତି ପାଇଁ ଏକମାତ୍ର ନାମାଙ୍କନ ଦାଖଲ

## ମୁଖିଆ ହେବେ ମନମୋହନ

■ **ଭୁବନେଶ୍ୱର, ୭।୭ (ସମିସ):** ବିଗତ କିଛି ମାସ ଧରି ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଲାଗି ରହିଥିବା କଳ୍ପନା।ଜଳ୍ପନାରେ ଯବନିକା ପଡ଼ିଛି। ମନମୋହନ ସାମଲ ପୁନର୍ବାର ରାଜ୍ୟ ବିଜେପିର ସଭାପତି ହେବା ପଥ ପରିଷ୍କାର ହୋଇଛି। ରାଜ୍ୟ ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ମନମୋହନ ସାମଲ ନାମାଙ୍କନ ଦାଖଲ କରିଛନ୍ତି।



ତେଣୁ ଚତୁର୍ଥ ଥର ପାଇଁ ଶ୍ରୀ ସାମଲ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ଆପାତତଃ ଚୂଡ଼ାନ୍ତ ବୋଲି କୁହାଯାଉଛି। ତେବେ ଆସନ୍ତାକାଲି ବିଧିବଦ୍ଧ ଭାବରେ ଦଳର ସଭାପତି ଭାବରେ ତାଙ୍କ ନାମ ଘୋଷଣା ହେବ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କ ସୂଚନା ଅନୁସାରେ ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ନ ସାଢ଼େ ୩ଟା ▶ପୃଷ୍ଠା-୭

## ବଜ୍ରାଘାତରେ ଟଳିପଡ଼ିଲେ ୩ ଚାଷୀ

■ **ଭଦ୍ରକ/ତିହିଡ଼ି/ଖଇରା/ସିମୁଳିଆ, ୭।୭ (ସମିସ):** ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଆଜି ବଜ୍ରପାତରେ ୨ଭାଇଙ୍କ ସମେତ ୩ଚାଷୀଙ୍କ ଜୀବନ ଯାଇଛି। ମୃତକମାନେ ହେଲେ, ତିହିଡ଼ି ବ୍ଲକ୍ ଅନ୍ତର୍ଗତ ହରସିଂପୁର ପଞ୍ଚାୟତର ଚଣ୍ଡୀସାହି ଗାଁର ମଦନ ମହାରଣା (୬୦) ଓ ହୃଦାନନ୍ଦ ମହାରଣା (୫୫) ଏବଂ ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବ ଚାଷୀ ଚନ୍ଦ୍ରକାନ୍ତ ପଣ୍ଡା (୨୫)। ସେହିପରି ଅନ୍ୟ ଜଣେ ଚାଷୀ ଗିରିଧାରୀ ମହାଳିକ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ମଦନ ଓ ହୃଦାନନ୍ଦ ଦୁଇଭାଇ। ସେମାନେ ଆଜି ମଧ୍ୟାହ୍ନରେ ଗିରିଧାରୀଙ୍କ ସହ ବିଲକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ସେମାନେ ନିକଟରେ ଥିବା କୁଡ଼ିଆରେ ଆଶ୍ରୟ ନେଇଥିଲେ। ସେଠାରେ ବଜ୍ରପାତ ହେବାରୁ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ତେବେ ସୌଭାଗ୍ୟକୁ ସେଠାରେ ଉପସ୍ଥିତ ଥିବା ଅନ୍ୟ ୨ ଜଣ ବ୍ୟକ୍ତି ମେଘୁଆ ମହାଳିକ, ଜୟଦେବ ମହାରଣା ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁତରମାନଙ୍କୁ ତୁରନ୍ତ ତିହିଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମଦନ ଓ ହୃଦାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୀରହାଟ ପ୍ରଦେଶ ସେବା ସଙ୍ଗଠନର କର୍ମକର୍ତ୍ତା ମୃତାହତଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ଖଇରା ▶ପୃଷ୍ଠା-୭



### ଲଘୁଚାପ ବର୍ଷା ଜାରି

## ଆଜି ମୁଣ୍ଡଳୀରୁ ବନ୍ୟା ଜଳ

■ **ଭୁବନେଶ୍ୱର, ୭।୭ (ସମିସ):** ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ଲଘୁଚାପ କ୍ଷେତ୍ରଟି ଆଗାମୀ ୨ ଦିନ ମଧ୍ୟରେ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଦେଇ ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକ ସମେତ ମହାନଦୀର ଉପରମୁଣ୍ଡ ଅର୍ଥାତ ଛତିଶଗଡ଼ରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗିରହିଥିବା ବର୍ଷା ସ୍ଥିତି ଯୋଗୁଁ ବର୍ତ୍ତମାନ ଅଧିକାଂଶ ନଦୀର ଜଳସ୍ତର ଅଧିକ ରହିଛି। ବିଶେଷକରି ଉତ୍ତର ଓଡ଼ିଶା ମଧ୍ୟ ଦେଇ ଯାଇଥିବା ନଦୀଗୁଡ଼ିକର ଜଳସ୍ତର ଅଧିକ ରହିଥିବା ବେଳେ ମଙ୍ଗଳବାର ମହାନଦୀରେ ମୁଣ୍ଡଳୀଠାରେ ▶ପୃଷ୍ଠା-୭


GIET UNIVERSITY
GUNUPUR - 765022, RAYAGADA, ODISHA
The Best University in Eastern India incorporated by Act 23 (2018) of Govt. of Odisha, and approval of UGC, NBA, AICTE, AIU, DSIR, INC & ICAR, New Delhi, India.
CAMPUS PLACEMENT DURING 2024-25 HIGHLIGHTS
192 + Companies
1044 + Job Offers
26.5 LPA Highest Salary Offered
5.2 LPA Average CTC
720 + Paid Internships
540 + Students With multiple job offers
B.Tech
Computer Sc. & Engg. (AI & ML, DS, IoT), Computer Sc. & Tech., Electrical & Electronics Engg., Electrical Engg., Civil Engg., Ele. & Comm. Engg., VLSI Design & Tech, Biotechnology Engg., Chemical Engg., Mechanical Engg.
AERONAUTICAL ENGINEERING
M.Tech Heat Power & Thermal Engg., Manufacturing Tech., Machine Design, Power Electronics, VLSI Design, Electronics & Comm. Engg., Computer Sc. & Engg., Structural Engg., Construction Tech. & Mgt. Biotechnology Engg., Chemical Engg., Industrial Safety Engg.
DIPLOMA CSE, EE, Mechanical & Civil
M.Sc. Agri., Phy., Chem., Math., Life Sc. & Biotech.
WE ARE A HIGH GRADE UNIVERSITY, BUT OUR FEES ARE AFFORDABLE.


ATTRACTIVE SCHOLARSHIPS TO MERITORIOUS STUDENTS AVAILABLE
We also offer
B.Sc. Ag.
MBA
BBA
MCA
BCA
B.Sc. Nursing
WE GIVE 100% GUARANTEE OF CAMPUS PLACEMENT to all students attending 90% of the classes.
8118053 001 to 009
deanadmission@giet.edu

## ବିହାରରେ ଡାହାଣୀ ସନ୍ଦେହରେ ପରିବାରର ୫ ଜଣଙ୍କୁ ହତ୍ୟା



ପୂର୍ଣ୍ଣିଆ, ୭ ।୭ (ଏଜେନ୍ସି): ବିହାରର ପୂର୍ଣ୍ଣିଆରେ ଗୋଟିଏ ପରିବାରର ୫ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ରବିବାର ରାତିରୁ ସମସ୍ତେ ନିଖୋଜ ଥିଲେ । ସୋମବାର ସନ୍ଧ୍ୟାରେ ସମସ୍ତଙ୍କ ମୃତଦେହ ଠାବ କରାଯାଇଛି । ଘରଠାରୁ ଦେଢ କିମି ଦୂରରେ ଥିବା ଏକ ଗଡ଼ିଆରେ ମୃତଦେହଗୁଡିକ ମିଳିଛି । ମୃତଦେହଗୁଡିକ ଜଳାଇବାକୁ ଚେଷ୍ଟା କରାଯାଇଥିଲା ଓ ୮୦ ପ୍ରତିଶତ ଜଳିଯାଇଛି । ଏହି ପରିବାର ସଦସ୍ୟ ଗୁଣିଗାରେଡି ତଥା ଝାଡଫୁଙ୍କ କରୁଥିଲେ ବୋଲି ପୁଲିସ ତରଫରୁ କୁହାଯାଇଛି । ୩ ଦିନ ତଳେ ଗାଁରେ ଜଣେ ଛୋଟ ଝିଅ ମୃତ୍ୟୁବରଣ କରିଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଗାଁ ଲୋକେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି । ରବିବାର ରାତି ୧୦ରେ ହଠାତ ୫୦ ଜଣ ଲୋକ ଆମ ଘରକୁ ଆସିଥିଲେ ଓ ମୋ ମାଙ୍କୁ ଡାହଣୀ କହି ବାଉଁସରେ ପିଟିବାକୁ ଲାଗିଥିଲେ ବୋଲି ପରିବାରର ଛୋଟ ପୁଅ କହିଛି । ମାଡପିଟ୍ କରିବା ପରେ ୫ ଜଣଙ୍କ ଉପରେ ଡିଜେଲ ପକାଇ ଜିଅନ୍ତା ଜଳାଇ ଦେଇଥିଲୁ ବୋଲି ଗରିଫ୍ ହୋଇଥିବା ନକୁଳ କହିଛନ୍ତି । ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ପୁତିନଙ୍କ ଦ୍ୱାରା ବହିଷ୍କୃତ ହେବା ପରେ ପରିବହନ ମନ୍ତ୍ରୀଙ୍କ ଆତ୍ମହତ୍ୟା



ମସ୍କୋ, ୭ ।୭(ଏଜେନ୍ସି): ରାଷ୍ଟ୍ରପତି ଭ୍ଲାଡିମୀର ପୁତିନଙ୍କ ଦ୍ୱାରା ପଦରୁ ବହିଷ୍କୃତ ହେବା ପରେ ରୁଷିଆର ପରିବହନ ମନ୍ତ୍ରୀ ରୋମାନ ଷ୍ଟାରୋଭୋଲେଟ୍ ନିଜ ବନ୍ଧୁକରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି । ପରିବହନ କ୍ଷେତ୍ରରେ ବୃଦ୍ଧିପାଉଥିବା ଦୁର୍ନୀତି ଓ ଏ ନେଇ ଚାପକୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ପୁତିନ ତାଙ୍କୁ ପଦରୁ ବହିଷ୍କାର କରିଥିଲେ । ସୋମବାର ମ୍ୟାକିନିନୋ ଗାଁ ନିକଟରେ ରୋମାନଙ୍କ ମୃତଦେହ ତାଙ୍କ କାର୍‌ରେ ଦେଖିବାକୁ ମିଳିଥିଲା । ଏବେ ତାଙ୍କ ଡେପୁଟି ଆନ୍ଦ୍ରେଇ ନିକିତିନଙ୍କୁ ନୂଆ ପରିବହନ ମନ୍ତ୍ରୀ ଭାବେ ପୁତିନ ନିଯୁକ୍ତି ଦେଇଛନ୍ତି । ରୋମାନଙ୍କୁ ୨୦୨୩ରେ ପୁରସ୍କାର ବାବଦରେ ଏହି ବନ୍ଧୁକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହି ବନ୍ଧୁକରେ ହିଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଇଛି । ଏ ନେଇ ତଦନ୍ତ ଶେଷ ହୋଇ ନଥିଲେ ମଧ୍ୟ ସେ ଆତ୍ମହତ୍ୟା କରିଛନ୍ତି ବୋଲି ତଦନ୍ତକାରୀ କମିଟି ତରଫରୁ କୁହାଯାଇଛି । ମସ୍କୋ ଓ ସେଣ୍ଟ ପିଟର୍ସବର୍ଗ ବିମାନବନ୍ଦରରେ ଶହଶହ ବିମାନ ଉଡାଣ ବାତିଲ ଓ ବିଳମ୍ବିତ ହେବା ଫଳରେ ରୋମାନଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା ଓ ସେ ସମାଲୋଚିତ ହୋଇଥିଲେ । ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ ବିମାନ ସେବା ଓ ପରିବହନ କ୍ଷେତ୍ରରେ ଅସନ୍ତୁଳନ ସୃଷ୍ଟି ହୋଇଥିଲା । ଗତ ଶନିବାର ଓ ରବିବାର ପାଖାପାଖି ୪୮୫ ବିମାନ ଉଡାଣକୁ ରଦ୍ଦ କରାଯାଇଥିଲ ଓ ୧, ୯୦୦ ଉଡାଣରେ ଅସମ୍ଭବ ପ୍ରକାର ବିଳମ୍ବିତ ହୋଇଥିଲା ।

## ଶାଶୁ, ଶଶୁରଙ୍କୁ ବିଷାକ୍ତ ଛତୁ ଖୁଆଇ ହତ୍ୟା



କାନବେରା, ୭ ।୭ (ଏଜେନ୍ସି): ଅଷ୍ଟ୍ରେଲିଆରେ ଜଣେ ମହିଳା ନିଜ ଶାଶୁ ଓ ଶଶୁରଙ୍କୁ ବିଷାକ୍ତ ଛତୁ ଖାଇବାକୁ ଦେଇ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ଏହି ମାମାଲରେ ଅଭିଯୁକ୍ତ ମହିଳା ଏରିନ ପିଟରସନ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏରିନ୍ ୨୦୨୩ ଜୁଲାଇ ୨୯ରେ ନିଜ ଶଶୁର ଡୋନାଲ୍ଡ ପିଟରସନ, ଶାଶୁ ଗେଲ୍ ପିଟରସନ ଓ ଶାଶୁଙ୍କ ଭଉଣୀ ହିଥର ୱିଲ୍କିନସନ ଓ ହିତରଙ୍କ ପତି ଇଆନ ୱିଲ୍କିନସନ୍‌ଙ୍କୁ ନିମନ୍ତ୍ରଣ କରିଥିଲେ । ଅଲଗା ରହୁଥିବା ନିଜ ସ୍ୱାମୀ ସାଇମନ ପିଟରସନଙ୍କୁ ମଧ୍ୟ ଏରିନ ନିମନ୍ତ୍ରଣ କରିଥିଲେ । କିନ୍ତୁ ସେ ଆସିବାକୁ ମନା କରିଦେଇଥିଲେ । ଖାଦ୍ୟ ଖାଇବାର କିଛି ଘଣ୍ଟା ପରେ ହିଁ ୪ ଜଣ ଅତିଥି ଅସୁସ୍ଥ ହୋଇପଡ଼ିଥିଲେ ଓ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲରେ ଚିକିତ୍ସା ଅବସରରେ ଗେଲ (୭୦), ଡୋନାଲ୍ଡ (୭୦) ଓ ହିଥର (୬୬) ମୃତ୍ୟୁବରଣ କରିଥିଲେ । କିନ୍ତୁ ଇଆନ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ । ଖାଦ୍ୟରେ ବିଷାକ୍ତ ଛତୁ ପରାସା ଯାଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା । ଏହି ମାମଲାରେ ୨୦୨୩ ନଭେମ୍ବରରେ ପୁଲିସ ଏରିନଙ୍କୁ ଗିରଫ୍ କରିଥିଲା । ଏବେ ସେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବାରୁ ତାଙ୍କୁ ଆଜୀବନ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଶା କରାଯାଉଛି ।

## ବସ୍ ପଲଟି ୮ ମୃତ

ହୋଶିଆରପୁର, ୭ ।୭(ଏଜେନ୍ସି): ପଞ୍ଜାବର ହୋଶିଆରପୁର ଜିଲ୍ଲାରେ ସୋମବାର ସକାଳ ୧୦ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ହୋଇଛି । ଯାତ୍ରୀଙ୍କୁ ନେଇ ଏକ ବସ ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ମଝି ସଡ଼କରେ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ୮ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଦସୁଆ- ହାଜିପୁର ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା । ଆହତଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ନେଇ ତଦନ୍ତ ଆରମ୍ଭ ହୋଇଛି । ବସ୍‌ରେ ମୋଟ ୩୯ ଜଣ ଯାତ୍ରୀ ଥିଲେ । ମୃତକଙ୍କ ମଧ୍ୟରେ ମା ଓ ଝିଅ ଓ ଏକ ଛୋଟ ପିଲା ମଧ୍ୟ ସାମିଲ ଅଛନ୍ତି । ଗୁରୁତର ଭାବେ ଆହତ ହୋଇଥିବା ୭ ଯାତ୍ରୀଙ୍କୁ ଅମୃତସର ହସ୍ପିଟାଲକୁ ରେଫର କରାଯାଇଥିଲା ।

## ଶଯ୍ୟାଶାୟୀ ପତିଙ୍କୁ ହତ୍ୟା କଲେ ପତ୍ନୀ ଓ ପ୍ରେମିକ

ନାଗପୁର, ୭ ।୭(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ଶଯ୍ୟାଶାୟୀ ପତିଙ୍କୁ ତାଙ୍କ ପତ୍ନୀ ଓ ପ୍ରେମିକ ଷଡ଼ଯନ୍ତ୍ରପୂର୍ବକ ହତ୍ୟା କରିଛନ୍ତି । ପତିଙ୍କ ମୁହଁ ଉପରେ ଟକିଆ ମାଡି ଅଣନିଶ୍ୱାସୀ କରିବା ସହ ଦୁହେଁ ହତ୍ୟା କରିଛନ୍ତି । ଦୁହେଁ ପୁଲିସ ନିକଟର ଏହି ଅପରାଧ ଘଟାଇଥିବା ସ୍ୱୀକାର କରିଛନ୍ତି । ୧୩ ବର୍ଷ ତଳେ ଚନ୍ଦ୍ରସେନ ରାମଟେକ ଓ ଦୀଶା ରାମଟେକ ବିବାହ କରିଥିଲେ । ସେମାନଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । ପାଖାପାଖି ଦୁଇବର୍ଷ ପୂର୍ବେ ଚନ୍ଦ୍ରସେନ୍ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ହୋଇଥିଲେ । ଦୁଇମାସ ତଳେ ଦୀଶା ଜଣେ ମେକାନିକ୍ ଆସିଫ୍ ଇସଲାମ ଅନସାରୀ ଉଫ୍‌ର୍ ରାଜାବାବୁ ତିରେୱାଲାଙ୍କ ସହ ପରିଚିତ ହୋଇଥିଲା ଓ ପରେ ପରସ୍ପର ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । କିନ୍ତୁ ପତି ଦୀଶା ଓ ଆସିଫ୍‌ଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ଜାଣି ପାରିଥିଲେ ଏବଂ ପତି ଓ ପତ୍ନୀଙ୍କ ମଧ୍ୟରେ ଝଗଡ଼ା ଚରମ ସୀମାରେ ପହଞ୍ଚିଥିଲା । ଫଳରେ ଦୁହେଁ ୩୮ ବର୍ଷୀୟ ଚନ୍ଦ୍ରସେନଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଏତଲା ରୁଜୁ ହେବା ଆବଶ୍ୟକ: ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୭ ।୭(ଏଜେନ୍ସି): ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବାସଭବନରେ ମିଳିଥିବା ଅଧାଜଳା ନଗଦ ଟଙ୍କା ମାମଲାରେ ତୁରନ୍ତ ମାମଲା ରୁଜୁ କରିବା ଜରୁରୀ ବୋଲି କହିଛନ୍ତି । ଏହି ମାମଲା ନିହାତି ଚିନ୍ତାଜନକ । ଏହା ଆମ ନ୍ୟାୟିକ ବ୍ୟବସ୍ଥାକୁ ଦୋହାଲାଇ ଦେବା ଭଳି ସ୍ଥିତି ସୃଷ୍ଟି କରିଛି ବୋଲି ସେ କହିଛନ୍ତି । ଏହି ମାମଲାର ମୂଳକୁ ଯିବା ଆବଶ୍ୟକ । ନଗଦ ଟଙ୍କା କେଉଁଠୁ ଆସିଲା ତାହା ଜାଣିବା ନିହାତି ଜରୁରି । କିନ୍ତୁ ଏହି ମାମଲାରେ କେନ୍ଦ୍ର ସରକାର ନାଚାର । ୯୦ ଦଶକରେ ସୁପ୍ରିମକୋର୍ଟଙ୍କ ଆଦେଶ କାରଣରୁ କୌଣସି ବିଚାରପତି ଉପରେ ଏତଲା ଦାଏର କରାଯାଇପାରିବ ନାହିଁ ବୋଲି ଧନଖଡ କହିଛନ୍ତି । ନ୍ୟାସନାଲ ଆଡଭାନ୍ସ ଲିଗାଲ ଷ୍ଟଡିଜ୍ (ଏନ୍‌ୟୁଏଏଲ୍‌ଏସ୍) ବିଶ୍ୱବିଦ୍ୟାଳୟର ସେମିନାରେ ଯୋଗ ଦେଇ ସେ ଏହି କଥା କହିଛନ୍ତି ।

# ବ୍ରିକ୍ସ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ଘୋଷଣା

### ଆମେରିକା-ବିରୋଧୀ ନୀତି ପାଇଁ ଅତିରିକ୍ତ ୧୦ % ଶୁଳ୍କ ଧାର୍ଯ୍ୟ ଧମକ

ନୂଆଦିଲ୍ଲୀ, ୭।୭(ଏଜେନ୍ସି): ସଂପ୍ରତି ବିଶ୍ୱରେ ପ୍ରଚଳିତ ବାଣିଜ୍ୟ ବିଶୃଙ୍ଖଳାକୁ ନେଇ ବ୍ରିକ୍ସ ଚିନ୍ତା ପ୍ରକଟ କରିଥିବା ବେଳେ ଏହି ସଂଗଠନ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ ଧମକ ଦେଇଛନ୍ତି ଯେ ଯେଉଁ ଦେଶ ବ୍ରିକ୍ସର ଆମେରିକା-ବିରୋଧୀ ନୀତିକୁ ସମର୍ଥନ କରିବ ତା ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରାଯିବ । ଏଥିରେ ଚୀନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ବାଣିଜ୍ୟ କ୍ଷେତ୍ରରେ ଏଭଳି ଧମକ କାମ ଦେବନାହିଁ ।


ଭାରତ ସମେତ ୧୧ଟି ଦେଶକୁ ନେଇ ଗଠିତ ବ୍ରିକ୍ସ ସମ୍ମିଳନୀରେ ଟ୍ରମ୍ପଙ୍କ ବାଣିଜ୍ୟନୀତିର ତୀବ୍ର ସମାଲୋଚନା କରାଯାଇଛି । ବ୍ରିକ୍ସ ପକ୍ଷରୁ କୁହାଯାଇଛି ଯେ ଆମେରିକା ଯେଉଁଭଳି ଶୁଳ୍କ ନୀତି ଆପଣାଇଛି, ତାହା ବିଶ୍ୱ ବାଣିଜ୍ୟକୁ ଅସ୍ଥିର କରିପକାଇବ । କେବଳ ଏତିକି ନୁହେଁ ଆମେରିକାର ଆଖିବୁଜା ଶୁଳ୍କ ବୃଦ୍ଧି ବାଣିଜ୍ୟ ପ୍ରତି ବିପଦ ମଧ୍ୟ ସୃଷ୍ଟି କରିବ । ତେବେ ବ୍ରିକ୍ସ ଘୋଷଣାନାମାରେ ଆମେରିକା କିମ୍ବା ଟ୍ରମ୍ପଙ୍କ ନାମ ନିଆଯାଇନାହିଁ । ଆମେରିକା ଓ ଟ୍ରମ୍ପଙ୍କୁ ପରୋକ୍ଷ ସମାଲୋଚନା କରି ଘୋଷଣାନାମାରେ କୁହାଯାଇଛି ଯେ ଏଭଳି ଶୁଳ୍କ ନୀତି ଆନ୍ତର୍ଜାତିକ ଅର୍ଥନୈତିକ ଓ ବାଣିଜ୍ୟ କାରବାର କ୍ଷେତ୍ରରେ ଏବେ ଠାରୁ ଅନିଶ୍ଚିତତା ସୃଷ୍ଟି କରିବା ଆରମ୍ଭ କଲାଣି । ବିଶ୍ୱ ବାଣିଜ୍ୟ ସଂଗଠନ ତତ୍ତ୍ୱାବଧାନରେ ଆପୋସ ବୁଝାମଣା ଓ ସହମତି ଜରିଆରେ ଏକ ଖୋଲା ଓ ସ୍ୱଚ୍ଛ ବାଣିଜ୍ୟ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଘୋଷଣାନାମାରେ ଆହ୍ୱାନ କରାଯାଇଛି । ଏହି ଘୋଷଣାନାମା ପ୍ରକାଶ ପାଇବା ପରେ ଟ୍ରମ୍ପ ପ୍ରତିକ୍ରିୟାଶୀଳ ହୋଇ ବ୍ରିକ୍ସ ରାଷ୍ଟ୍ରଙ୍କୁ ଶୁଳ୍କ ଧମକ ଦେଇଛନ୍ତି । କହିଛନ୍ତି ଯେ ଏଥିରେ କାହାରିକୁ ରିହାତି ମିଳିବାର ପ୍ରଶ୍ନ ଉଠୁନାହିଁ ।

### ପହଲ୍‌ଗାମ୍ ଓ ଇରାନ ଆକ୍ରମଣକୁ ବ୍ରିକ୍ସ ଦେଶଙ୍କ ନିନ୍ଦା

ସୂଚନାଯୋଗ୍ୟ ଯେ ୨୦୦୯ରେ ଭାରତ, ବ୍ରାଜିଲ, ରୁଷ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ହୋଇଥିବା ବ୍ରିକ୍ସରେ ଏବେ ୧୧ ଦେଶ ସଭ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଇଣ୍ଡୋନେସିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ଇଜିପ୍ଟ ଏବଂ ଯୁଥୋପିଆ ।

ବ୍ରାଜିଲର ରିଓ ଡି ଜାନେରିଓରେ ଅନୁଷ୍ଠିତ ୧୭ତମ ବ୍ରିକ୍ସ ସମ୍ମିଳନୀର ଯେଉଁ ମିଳିତ ଘୋଷଣାନାମା ଜାରି କରାଯାଇଛି ସେଥିରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଇରାନ ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରାଯାଇଛି । ତେବେ ପାକିସ୍ତାନର ନାମ ନିଆଯାଇ ନାହିଁ । ଏହା ପୂର୍ବରୁ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ ସଦସ୍ୟ ଥିବା କ୍ୱାଡ ରାଷ୍ଟ୍ରଙ୍କ ବିଦେଶମନ୍ତ୍ରୀ ସମ୍ମିଳନୀରେ ପହଲଗାମ ଆକ୍ରମଣକୁ ନିନ୍ଦା କରାଯାଇଥିଲା । ବ୍ରିକ୍ସ ସମ୍ମିଳନୀରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ପହଲଗାମ ଆକ୍ରମଣ କେବଳ ଭାରତ ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ । ଆତଙ୍କବାଦକୁ ନିନ୍ଦା କରିବା ଆମର ସିଦ୍ଧାନ୍ତ ହେବା ଉଚିତ । ଏହା ସୁବିଧା ହେବା ଅନୁଚିତ । ଏହା ସହିତ ମୋଦୀ ଏକ ନୂଆ ବିଶ୍ୱ ବ୍ୟବସ୍ଥା ପାଇଁ ଦାବି କରିଥିଲେ । ସମ୍ମିଳନୀରେ ଆତଙ୍କବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଶବ୍ଦରେ ନିନ୍ଦା କରାଯାଇ କୁହାଯାଉଛି ଯେ ଆତଙ୍କବାଦକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବା ଉଚିତ ନୁହେଁ ।







### ଏନ୍‌ଆଇଏ ଜେରାରେ ସତ ମାନିଲା ତହବୁର

## ୨୬/୧୧ ଆକ୍ରମଣ ସମୟରେ ମୁମ୍ବାଇରେ ଥିଲା

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ୨୦୦୮ରୁ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ଆତଙ୍କବାଦୀ ତହବୁର ରାଣା ମୁମ୍ବାଇରେ ଥିଲା । ସେ ପାକିସ୍ତାନ ସେନାର ଏଜେଣ୍ଟ ଭାବେ ମଧ୍ୟ କାମ କରୁଥିଲା । ଆତଙ୍କବାଦୀ ଡେଭିଡ କୋଲମାନ ହେଡଲି ସହ ସେ ପାକିସ୍ତାନରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଶିବିରରେ ପ୍ରଶିକ୍ଷଣ ନେଇଥିଲା । ଏହି ଲସ୍କର ଏକ ଆତଙ୍କବାଦୀ ନେଟୱର୍କ ଭଳି କାମ କରୁଥିଲା । ଏନ୍‌ଆଇଏ ଜେରା ସମୟରେ ଆତଙ୍କବାଦୀ ତହବୁର ରାଣା ଏହା ସ୍ୱୀକାର କରିଛି । ଏହି ଜେରାରେ ସାମିଲ ମୁମ୍ବାଇ ପୁଲିସ କ୍ରାଇମବ୍ରାଞ୍ଚ ଏବେ ରାଣାକୁ ଗିରଫ କରି ରିମାଣ୍ଡରେ ନେବାକୁ ପ୍ରସ୍ତୁତି କରୁଛି । ଏବେ ସେ ନ୍ୟାୟିକ ହେପାଜତରେ ରହିଛି । ଦିଲ୍ଲୀର ଅଦାଲତ ଏହି ସମୟସୀମାକୁ ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛନ୍ତି । ୨୦୦୯ ଅକ୍ଟୋବରରେ ଆମେରିକା ଏଜେନ୍ସି ଏଫ୍‌ବିଆଇ ରାଣାକୁ ଚିକାଗୋରୁ ଗିରଫ କରିଥିଲା । ତାକୁ ଗତ ଏପ୍ରିଲ ୧୦ ତାରିଖରେ ପ୍ରତ୍ୟର୍ପଣ କରି ଆମେରିକାରୁ ଭାରତ ଅଣା ଯାଇଥିଲା ।

ଜେରା ସମୟରେ ରାଣା କହିଥିଲେ ଯେ ସେ ଯୋଜନା କରି ମୁମ୍ବାଇରେ ନିଜ କମ୍ପାନୀ ନାମରେ ଇମିଗ୍ରେସନ୍ ସେଣ୍ଟର ଖୋଲିଥିଲେ । ଆକ୍ରମଣର ପ୍ରସ୍ତୁତି ପାଇଁ ସ୍ଥାନ ଏବଂ ସୁବିଧା ଉପଲବ୍ଧ କରିବାକୁ ସେ ଏପରି କରିଥିଲା । ସେଠାରେ ହୋଇଥିବା କାରବାରକୁ ବ୍ୟବସାୟିକ ଖର୍ଚ୍ଚରେ ଦର୍ଶା ଯାଇଥିଲା । ସେ ହେଡଲିକୁ ମୁମ୍ବାଇରେ ଫାଷ୍ଟ ୱାର୍ଲ୍ଡ ନାମରେ ଅଫିସ ଖୋଲିବା ପାଇଁ ମଧ୍ୟ ସହଯୋଗ କରିଥିଲା । ନିଜ ଆତଙ୍କବାଦୀ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ହେଡଲି ଏହାକୁ ବ୍ୟବହାର କରିଥଇଲା । ରାଣା ନିଜେ ଛତ୍ରପତି ଶିବାଜୀ ଟର୍ମିନସ୍ ଭଳି ସ୍ଥାନଗୁଡ଼ିକର ରେକି କରିଥିଲେ ବୋଲି ସ୍ୱୀକାର କରିଛି ।ରିପୋର୍ଟ ଅନୁଯାୟୀ ରାଣା କହିଛନ୍ତି ଯେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହିତ ମିଶି ୨୬/୧୧ ଆକ୍ରମଣ କରିଥିଲା । ଉପସାଗରୀୟ ଦେଶରେ ଯୁଦ୍ଧ ସମୟରେ ତାକୁ ପାକ୍ ସେନା ସାଉଦି ଆରବ ପଠାଇ ଥିଲା ବୋଲି ସେ ସ୍ୱୀକାର କରିଛି । ସୂଚନାଯୋଗ୍ୟ ଯେ ମୁମ୍ବାଇ ଆକ୍ରମଣକୁ ନେଇ ୪୦୫ ପୃଷ୍ଠାର ଆରୋପପତ୍ର ଦାଖଲ କରାଯାଇଛି । ଏଥିରେ ତହବୁର ରାଣାର ନାମ ରହିଛି ।



## ବିବାଦରେ ୟୁଟ୍ୟୁବର ଜ୍ୟୋତିଙ୍କ କେରଳ ଗସ୍ତ

ହିସାର, ୭ ।୭ (ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହିସାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପୁଣି ଜେଲ୍‌କୁ ପଠାଇ ଦିଆଯାଇଛି । ସୋମବାର ଷଷ୍ଠଥର ପାଇଁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । କିନ୍ତୁ କୋର୍ଟ ତାଙ୍କୁ ପୁଣିଥରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇନ୍ତି । ଉଲ୍ଲେଖଥାଉ କି, ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଅପରେସନ ଆରମ୍ଭ କରିଥିଲା । ଏହି ଅବସରରେ ଜ୍ୟୋତି ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରି ସେନା ସମ୍ପର୍କିତ ଗୁପ୍ତ ତଥ୍ୟ ପାକିସ୍ତାନକୁ ସେୟାର କରିବା ଅଭିଯୋଗରେ ଗିରଫ ହୋଇଥିଲେ ।

ସେପଟେ ଜ୍ୟୋତିଙ୍କୁ ନେଇ ନୂଆ ଖୁଲାସା ହୋଇଛି । ଆରଟିଆଇ ଦ୍ୱାରା ଦାଏର କରାଯାଇଥିବା ଏକ ଆବେଦନର ଜବାବ ଦେବା ଅବସରରେ ଜ୍ୟୋତି କେରଳ ଗସ୍ତ କରିଥିଲେ ବୋଲି କୁହାଯାଇଛି ଓ ଏ ନେଇ ବିବାଦ ସୃଷ୍ଟି ହୋଇଛି । କେରଳ ସରକାରଙ୍କ ନିମନ୍ତ୍ରଣ କ୍ରମେ ସେ ସେଠାକୁ ଯାଇଥିଲେ । ଜ୍ୟୋତିଙ୍କ ସମେତ ଏକାଧିକ ବ୍ଲଗର୍ସଙ୍କୁ କେରଳ ଡକାଯାଇଥିଲା ବୋଲି କେରଳ ସରକରାଙ୍କ ପର୍ଯ୍ୟଟନ ମନ୍ତ୍ରୀ ମହମ୍ମଦ ରିୟାଜ୍ କହିଛନ୍ତି । କେରଳ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି । ଏହି ଗସ୍ତରେ ଜ୍ୟୋତି କୋଚି, କନ୍ନୁର, କୋଝିକୋଡ, ଅଲପୁଝା, ମୁନ୍ନାର ଓ ତିରୁବନନ୍ତପୁରମ ଯାତ୍ରା କରିଥିଲେ । ଏହି ଅବସରରେ ସେ ଭିଡିଓ ବନାଇ ୨୦୨୫ ଜାନୁୟାରୀ ୩୧ରେ ତାଙ୍କ ୟୁଟ୍ୟୁବ ଚ୍ୟାନେଲ୍‌ରେ ଅପଲୋଡ କରିଥିଲେ । ତାଙ୍କ ସବୁ ଖର୍ଚ୍ଚ କେରଳ ସରକାର ବହନ କରିଥିଲେ । ଏ ନେଇ ବିଜେପି କେରଳ ସରକାରଙ୍କୁ ସମାଲୋଚନା କରିଛନ୍ତି । ଜ୍ୟୋତି ମହଙ୍ଗା ହୋଟେଲ ଓ ହାଉସ୍ ବୋଟ୍‌ରେ ରହିଥିଲେ ବୋଲି ଅଭିଯୋଗ ହୋଇଛି ।

# ସହିପାରୁ ନାହାନ୍ତି ଚୀନ୍, ପାକିସ୍ତାନ

### ଜାଲିଆତି କରି ଭାରତ ବିରୋଧରେ ଅପପ୍ରଚାର ଚଳାଇଛନ୍ତି

ପ୍ୟାରିସ, ୭।୭ (ଏଜେନ୍ସି): କ୍ରମାଗତ ଭାବେ ପାକିସ୍ତାନ ଏବଂ ଚୀନ୍ ଭାରତ ବିରୋଧୀ ଚକ୍ରାନ୍ତ କରି ଚାଲିଛନ୍ତି । 'ଅପରେସନ ସିନ୍ଦୂର' ଅଧିନରେ ଘମାଘୋଟ ଆକ୍ରମଣକୁ ଦେଖି ଅସ୍ତ୍ରବିରତି ପାଇଁ ଆମେରିକାର ଶରଣ ପଶି ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ଚୀନ୍ ସହି ମିଶି ଭାରତ ବିରୋଧରେ ଅପପ୍ରଚାର ଚଲାଇଛି । ଚୀନ ଏବଂ ତୁର୍କୀର ସହାୟତା ନେଇ ବି ଭାରତ ସହ ୪ ଦିନିଆ ସଂଘର୍ଷରେ ହାର ମାନିଥିବା ଇସ୍‌ଲାମାବାଦ ଜମାରୁ ସୁଧୁରିବାର ନା ଧରୁନି । ଏହି ଯୁଦ୍ଧରେ ପାକିସ୍ତାନ, ଚୀନ୍ ଏବଂ ତୁର୍କୀକୁ ବଡ଼ ଝଟ୍‌କା ଲାଗିଥିଲା । ଯୁଦ୍ଧରେ ଚୀନ୍ ସମସ୍ତ ସହାୟତା ଦେଇଥିବା ସତ୍ତ୍ୱେ ପାକିସ୍ତାନ ମୁହଁ ମାଡ଼ି ପଡ଼ିଥିଲା । ଏହି ଝଟ୍‌କାକୁ ଚୀନ୍ ଏବଂ ପାକିସ୍ତାନ ସହି ପାରୁନାହାନ୍ତି । ତେଣୁ ଜାଲିଆତି କରି ରାଫେଲ ଲଢୁଆ ବିମାନକୁ ନେଇ ଭାରତ ଏବଂ ଫ୍ରାନ୍ସ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରୁଛନ୍ତି । ରାଫେଲର କ୍ଷମତା ଉପରେ ପ୍ରଶ୍ନ ଉଠାଉଛନ୍ତି । ପାକିସ୍ତାନ ସାମାଜିକ ଗଣମାଧ୍ୟମରେ ଏବଂ ବିଭିନ୍ନ ଦେଶରେ ଥିବା ନିଜ ଦୂତାବାସଙ୍କୁ ଚୀନ୍ ବ୍ୟବହାର କରି ଏପରି କରୁଛି । ଏହି ଷଡ଼ଯନ୍ତ୍ର ପାଇଁ ଅପରେସନ ସିନ୍ଦୂରର ଏଆଇ ଫଟୋକୁ ବ୍ୟବହାର କରାଯାଉଛି । ପାକିସ୍ତାନର ଗୁମରକୁ ଭାରତ ଏବଂ ଫ୍ରାନ୍ସର ମିଲିଟାରୀ ଏବଂ ସିକ୍ରେଟ ଅଧିକାରୀମାନେ ଚୀନ୍‌ର ମୁଖା ଖୋଲି ଦେଇଛନ୍ତି ।

ଅନେକ ପାକିସ୍ତାନୀ ସାମାଜିକ ଗଣମାଧ୍ୟମ ସାଇଟରେ ଭାରତର ତିନୋଟି ରାଫେଲ ସହିତ ୫ଟି ଯୁଦ୍ଧ ବିମାନ ଉଡ଼ାଇଥିବା ଦାବି କରାଯାଇଥିଲା । ଏଥିରେ ଭାରତୀୟ ବାୟୁସେନାର ୪ ପାଇଲଟ ପ୍ରାଣ ହରାଇଥିବା କୁହାଯାଇଥିଲା । ଏମାନଙ୍କ ମଧ୍ୟରେ ରାଫେଲର ତିନି ପାଇଲଟ ଥିବା ଭାରତ ସରକାର ସ୍ୱୀକାର କରିଛନ୍ତି ବୋଲି କୁହାଯାଇଥିଲା । ତେବେ ଭାରତ ସରକାର ଏହାକୁ ଖଣ୍ଡନ କରିଦେଇଛନ୍ତି । ଏହି ଦାବିର କୌଣସି ସତ୍ୟତା ନାହିଁ ବୋଲି ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି)ର ଫ୍ୟାକ୍ଟ ଚେକ୍ ୟୁନିଟ ପକ୍ଷରୁ କୁହାଯାଇଛି । ପାକିସ୍ତାନ ସମ୍ପୂର୍ଣ୍ଣ ମିଥ୍ୟା ଦାବି କରୁଛି । ଏଭଳି ଖବରକୁ ବିଶ୍ୱାସ ନ କରିବା ପାଇଁ ଲୋକଙ୍କୁ କୁହାଯାଇଛି । ସରକାରଙ୍କ ପକ୍ଷରୁ ଏଭଳି କୌଣସି ବିବୃତ୍ତି ଜାରି କରାଯାଇ ନାହିଁ ।

## ମସ୍କଙ୍କୁ ଟ୍ରମ୍ପଙ୍କ କଟାକ୍ଷ; ଟ୍ରାକ୍‌ଚ୍ୟୁତ ହୋଇଗଲେଣି ଟେସ୍‌ଲା ମାଲିକ



ୱାସିଂଟନ, ୭।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ ତାଙ୍କର ଶିଳ୍ପପତି ବନ୍ଧୁ ଏଲନ ମସ୍କ ଶନିବାର ନୂଆ ଦଳ 'ଆମେରିକା ପାର୍ଟି' ଗଠନ କରିଛନ୍ତି । ଏହା ଆମେରିକା ରାଜନୀତିର ରୂପରେଖ ବଦଳାଇ ଦେବ ବୋଲି କୁହାଯାଉଛି । ମାତ୍ର ଏହାକୁ ନେଇ ମସ୍କଙ୍କୁ ଟ୍ରମ୍ପ ପରିହାସ କରିଛନ୍ତି । ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଟେସ୍‌ଲା ମାଲିକ ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌ଚ୍ୟୁତ ହୋଇଯାଇଛନ୍ତି । ଗତ ୫ ସପ୍ତାହ ହେଲା ସେ ଏକ ଅନିୟନ୍ତ୍ରିତ ଟ୍ରେନ ଭଳି ହୋଇ ଯାଇଛନ୍ତି । ସ୍ପେସ୍‌ଏକ୍ସର ସିଇଓ ଏବେ ଆମେରିକାରେ ତୃତୀୟ ରାଜନୈତିକ ଦଳ ଆରମ୍ଭ କରିବାକୁ ଚାହୁଁଛନ୍ତି । କିନ୍ତୁ ଏହା କେବେ ସଫଳ ହୋଇନାହିଁ ବୋଲି ଇତିହାସ ସାକ୍ଷୀ ଅଛି । ଆମେରିକୀୟ ବ୍ୟବସ୍ଥା ଏଭଳି ଦଳ ପାଇଁ ହୋଇନାହିଁ । ତୃତୀୟ ଦଳ କେବଳ ଗୋଟିଏ କାମ କରିଥାଏ । ଏହା ଅବ୍ୟବସ୍ଥା ଏବଂ ଅରାଜକତା ସୃଷ୍ଟି କରିଥାଏ । ଆମେରିକା ପାଖରେ ପୂର୍ବରୁ ବହୁତ ଅରାଜକତା ରହିଛି । ଚରମପନ୍ଥୀ ଡେମୋକ୍ରାଟ୍ସ ଏହି ଅରାଜକତା ସୃଷ୍ଟି କରୁଛନ୍ତି ।

ଆମେରିକା ସମ୍ବିଧାନ ଅନୁଯାୟୀ ଦେଶର ଜନ୍ମିତ ନାଗରିକ ହିଁ ନିର୍ବାଚନ ଲଢ଼ିପାରିବେ । କିନ୍ତୁ ମସ୍କ ଦକ୍ଷିଣ ଆଫ୍ରିକାରେ ଜନ୍ମ ହୋଇଥିବାରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ । ସେ ନିଜ ପ୍ରାର୍ଥୀଙ୍କୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବେ । ୨୦୨୬ ନଭେମ୍ବରରେ 'ହାଉସ୍ ଅଫ୍ ରିପ୍ରେଜନଟେଟିଭ୍'ର ସମସ୍ତ ୪୩୫ ଆସନ ଏବଂ ସିନେଟର ୧୦୦ରୁ ୩୪ ଆସନରେ ନିର୍ବାଚନ ହେବ । 'ହାଉସ୍ ଅଫ୍ ରିପ୍ରେଜନଟେଟିଭ୍'ର ୮-୧୦ ଏବଂ ସିନେଟର ୩-୪ ଆସନ ଜିତିବା ପାଇଁ ମସ୍କ ଲକ୍ଷ୍ୟ ରଖିଛନ୍ତି । ଏହା ଦ୍ୱାରା ଟ୍ରମ୍ପଙ୍କ ବିଲ୍‌କୁ ଅଟକାଇ ମସ୍କ କିଙ୍ଗମେକର ହେବାକୁ ଚାହୁଁଛନ୍ତି ।

## ମହାରାଷ୍ଟ୍ରରେ ଉଗ୍ର ହେଉଛି ଭାଷା ବିବାଦ

ମୁମ୍ବାଇ, ୭।୭ (ଏଜେନ୍ସି): ମୁମ୍ବାଇର ସ୍ଥାନୀୟ ପୌର ନିର୍ବାଚନ ପୂର୍ବରୁ ମରାଠୀକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବଢ଼ିବାରେ ଲାଗିଛି । ଏହା ବଡ଼ ରାଜନୈତିକ ପ୍ରସଙ୍ଗ ପାଲଟି ଗଲାଣି । ଏମଏନଏସ ନେତାଙ୍କ ଗୁଣ୍ଡାଗିରି ସୀମା ଟପିଲାଣି । ହିନ୍ଦୀ ଭାଷଭାଷୀ ଲୋକଙ୍କ ସହ ମାର୍‌ପିଟ୍ ମଧ୍ୟରେ ମହାରାଷ୍ଟ୍ର ମନ୍ତ୍ରୀ ଆଶୀଷ ସେଲାର ମୁମ୍ବାଇରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ସମାନ ବୋଲି କହିଛନ୍ତି । ସେ ଏମଏନଏସ ରାଜ ଠାକରେଙ୍କ ନାମ ନ ନେଇ କିଛି ନେତା ହିନ୍ଦୁଙ୍କ ସହ ହେଉଥିବା ମାର୍‌ପିଟର ଆନନ୍ଦ ନେଉଛନ୍ତି । ମରାଠୀ ନ କହିବାରୁ ମିଠା ଦୋକାନ ମାଲିକଙ୍କୁ ଏମଏନଏସ କର୍ମୀ ମାଡ଼ ଏବଂ ନିବେଶକ ସୁଶୀଲ କେଡିଆଙ୍କ ଘର ଭଙ୍ଗାଯିବା ପରେ ମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି । ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ କିଛି ଦିନ ତଳେ ରାଜ୍ ଠାକରେ ଦେଇଥିବା ଟିପ୍ପଣୀକୁ ସମାଲୋଚନା କରି ଏହା ଦାଦାଗିରିକୁ ପ୍ରୋତ୍ସାହନ ଦେବ ବୋଲି କହିଛନ୍ତି । ସେ ଏମଏନଏସ କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

### ଠାକରେଙ୍କୁ ନିଶିକାନ୍ତ ଦୁବେଙ୍କ ଧମକ

ଏବେ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାଜ ଠାକେରଙ୍କୁ ଧମକ ଦେଇ କହିଛନ୍ତି ଯେ ଯଦି ନିଜ ରାଜ୍ୟରେ ତୁମେ ନିଜକୁ ବହୁତ ବଡ଼ ବସ୍ ଭାବୁଚ ତେବେ ବିହାର, ଉତ୍ତର ପ୍ରଦେଶ, ତାମିଲନାଡୁ ଆସ । ସେଠାରେ ତୁମକୁ ବୁଲାଇ ବୁଲାଇ ମାଡ଼ ମାରିବୁ । ଯଦି ଅଧିକ ସାହସ ଅଛି ତେବେ ହିନ୍ଦୀ ଭାଷାଭାଷିଙ୍କୁ ଛାଡ଼ି, ଉର୍ଦ୍ଦୁ, ତାମିଲ, ତେଲୁଗୁଙ୍କୁ ବି ମାଡ଼ ମାରି ଦେଖାଅ । ନିଜ ଘରେ କୁକୁର ବି ବାଘ ହୋଇଥାଏ । କିଏ କୁକୁର ଏବଂ କିଏ ବାଘ ନିଜେ ନିଷ୍ପତ୍ତି ନିଅ ।

# ଆଜି ଦାରୁଦିଅଁଙ୍କ ରତ୍ନବେଦୀ ବିଜେ



**ପୁରୀ,୭।୭(ସମିସ):** ଚଳିତବର୍ଷ ପାଇଁ ଶ୍ରୀମନ୍ଦିର ବାହାରେ ସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ପବିତ୍ର ବାହୁଡ଼ା ଯାତ୍ରାରେ ଜନ୍ମବେଦୀରୁ ବାହୁଡ଼ି ଆସିଛନ୍ତି ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁର ସୁନାବେଶରେ ଲକ୍ଷଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ସେମାନଙ୍କୁ କୃତାର୍ଥ କରିଛନ୍ତି। ସୋମବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ମଙ୍ଗଳବାର ନୀଳାଦ୍ରିବିଜେ। ଏହି ପବିତ୍ର ତିଥିରେ ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଏହାସହ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବୁଧବାରଠୁ

## ଅପରାହ୍ଣ ୪ଟାରୁ ପହଣ୍ଡି ଆରମ୍ଭ

ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା। ପୁଣି ଶ୍ରୀମନ୍ଦିରରେ ଲାଗିବ ଗହଳିଚହଳି। ନୀଳାଦ୍ରିବିଜେ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ପ୍ରଶାସନ। ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଜର ପ୍ରସ୍ତୁତି ସାରିଛନ୍ତି। ଏହି ମହାନ୍ ପର୍ବର ଅନ୍ତିମ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ଅପେକ୍ଷାରତ। ନୀଳାଦ୍ରିବିଜେ ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ଣ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ।

# ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ

**ପୁରୀ,୭।୭(ସମିସ):** ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷ ପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି,

## ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ

ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥା'ନ୍ତି। ପରେ ଗୋଟିପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥା'ନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଛୁ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢ଼ାଇଥା'ନ୍ତି।

ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲି ଦିଆଯାଏ। ମହାପ୍ରଭୁ ଜୟବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପରପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାର ଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଛୁ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥା'ନ୍ତି। ପରେ ଘଷାବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ। ଭିତରଛୁ ମହାପାତ୍ରଙ୍କ ଘରେ ଶୁଦ୍ଧପୁତ ଭାବେ ଏହି ରସଗୋଲା ପ୍ରସ୍ତୁତ ହୋଇଥାଏ। କଥିତ ଅଛି, ରଥଯାତ୍ରାରେ ମହାଲକ୍ଷ୍ମୀଙ୍କୁ ସଙ୍ଗରେ ନେଇନଥିବାରୁ ସେ ମାନ କରିଥା'ନ୍ତି। ଏହି ଦିନ ମହାପ୍ରଭୁ ରସଗୋଲା ଖୁଆଇ ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥା'ନ୍ତି। ଏହିଦିନ ଅନେକ ବ୍ୟକ୍ତିବିଶେଷ, ମଠବାଡ଼ି ଓ ସେବକମାନେ ରଥ ଉପରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ ଲଗାଇଥା'ନ୍ତି।

# ଆଜିଠୁ ଡ୍ରାଇଭର୍ ସଂଘର ଷ୍ଟିୟରିଂ ଛାଡ଼

## ସାରା ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇବେ ଗାଡ଼ି ଚାଳକ

**ଭୁବନେଶ୍ୱର, ୭।୭ (ସମିସ):** ୭ ଦଫା ଦାବି ନେଇ ମଙ୍ଗଳବାରଠାରୁ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ଓଡ଼ିଶା ଡ୍ରାଇଭର ମହାସଙ୍ଘ। ଦାବି ପୂରଣ ନହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ

## ୭ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ ଡକରା

ପକ୍ଷରୁ କୁହାଯାଇଛି। ମାସେ ତଳେ ମହାସଂଘ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରିଥିଲା। କିନ୍ତୁ ଉକ୍ତ ଦାବି ପୂରଣ ହୋଇନଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ଗାଡ଼ି ଚାଳକମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଆନ୍ଦୋଳନ ଡାକରାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଛି। ତେଣୁ ସାରା ରାଜ୍ୟରେ ଏହି ଆନ୍ଦୋଳନର ଜୋରଦାର୍ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ବିଗତ ଦିନରୁ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭର୍‌ମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ଡ୍ରାଇଭରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର୍ ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂଚନାଥାଉ କି ମହାସଂଘର ଦାବିଗୁଡ଼ିକ ହେଲା, ଡ୍ରାଇଭର୍ ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂସ୍ଥଳ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଇତ୍ୟାଦି।

# ଯୁକ୍ତ ୨ ନାମଲେଖା ମେଧା ତାଲିକା: ରେଭେନ୍ସା ପ୍ରଥମ ପସନ୍ଦ

**ଭୁବନେଶ୍ୱର, ୭।୭ (ସମିସ):** ଯୁକ୍ତ ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ହୋଇଛି। କଳାରେ ୮୧.୩୩% କଟ୍-ଅଫ୍ ଯାଇଥିବା ବେଳେ ବିଜ୍ଞାନରେ ୯୧.୮୩% ଓ ବାଣିଜ୍ୟରେ ୮୦.୨୦% ମାର୍କ କଟ୍-ଅଫ୍ ଯାଇଛି। ସମୁଦାୟ ୪ଲକ୍ଷ ୪୬ହଜାର ୨୦୫ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ଏହାର ପ୍ରାୟ ୯୩% ଅର୍ଥାତ୍ ୪ଲକ୍ଷ ୧୩ହଜାର ୮୦୪ଜଣ ପ୍ରଥମ ରାଉଣ୍ଡରେ ନାମଲେଖା

- ପ୍ରଥମ ରାଉଣ୍ଡରେ ୯୩% ଛାତ୍ରଛାତ୍ରୀ ମନୋନୀତ
- ୮ରୁ ୧୪ ମଧ୍ୟରେ ନାମଲେଖା; ୨୪ରୁ ପାଠପଢ଼ା

ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ୧୪ ତାରିଖ ମଧ୍ୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

ଚୟନ ପିଲାଙ୍କ ମଧ୍ୟରେ ୧ଲକ୍ଷ ୯୬ହଜାର ୨୬୮ଜଣ ଛାତ୍ର ଥିବା ବେଳେ ୨ଲକ୍ଷ ୧୭ହଜାର ୫୨୯ ଜଣ ଛାତ୍ରୀ ରହିଛନ୍ତି। ସେହିପରି କଳା ପାଠ୍ୟକ୍ରମ ପାଇଁ ସର୍ବାଧିକ ୨ଲକ୍ଷ ୬୪ହଜାର ୭୬୬ ଜଣ, ବିଜ୍ଞାନରେ ୧ଲକ୍ଷ ୧୭ହଜାର ୮୯ଜଣ, ବାଣିଜ୍ୟରେ ୨୦,୫୫୨ଜଣ, ଉପଶାସ୍ତ୍ରୀ(ସଂସ୍କୃତ)ରେ ୬,୮୧୧ଜଣ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମ ପାଇଁ ୪,୫୮୬ ଜଣ ଚୟନ ହୋଇଛନ୍ତି। ପ୍ରଥମ ଚଏସ୍ ଦେଇଥିବା ୨ଲକ୍ଷ ୮୭ହଜାର ୨୧୯ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବାଧ୍ୟ। ଅର୍ଥାତ୍ ପ୍ରଥମ ରାଉଣ୍ଡ ପରେ ପ୍ରାୟ ୭୦% ସିଟ୍ ପୂରଣ ହେବ।

କଳା ପାଠ୍ୟକ୍ରମ ପାଇଁ କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ କଟ୍-ଅଫ୍ ୮୧.୩୩% ଯାଇଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୭.୩୩% ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୬.୮୬% କଟ୍-ଅଫ୍ ଯାଇଛି। ସେହିପରି ବିଜ୍ଞାନ ପାଠ୍ୟକ୍ରମ ପାଇଁ ରେଭେନ୍ସା କଟ୍-ଅଫ୍ ସର୍ବାଧିକ ୯୧.୮୩% ଥିବା ବେଳେ ବିଜେବି କଲେଜର ୮୯.୪୦% ଓ ବାଲେଶ୍ୱରସ୍ଥିତ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୭.୫% କଟ୍-ଅଫ୍ ରହିଛି। ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସାର ୮୦.୨୦% କଟ୍-ଅଫ୍ ଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୮.୬୭% ଏବଂ ବିଜେବି କଲେଜର ୭୩.୫୦% କଟ୍-ଅଫ୍ ଯାଇଛି। ସୂଚନାଯୋଗ୍ୟ, ଜୁଲାଇ ୨୪ରୁ ପାଠପଢ଼ା ଆରମ୍ଭ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରହିଛି।

## ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହେଲା ବିଜେଡି

**ଭୁବନେଶ୍ୱର,୭।୭(ସମିସ):** ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ଦଳ। ସୋମବାର ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିସନଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ଖଟୁଆ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଶ୍ରୀ ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କର ସମ୍ମାନ ଉପରେ ନୁହଁ; ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଏହା ପୂର୍ବରୁ ଡଃ ସାମନ୍ତସିଂହାର ମହିଳା ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜିକୃତ ହୋଇଛି।

ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ମହିଳା କମିସନଙ୍କ ଅଫିସକୁ ଯାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ



- ବିଧାୟକଙ୍କ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ
- ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ, ରାଜ୍ୟ ସରକାର ଆଦୌ ତତ୍ପର ନୁହଁନ୍ତି
- ଏକ ବର୍ଷ ହେଲା ଖାଲି ପଡ଼ିଛି ରାଜ୍ୟ ମହିଳା କମିସନ ପଦବୀ

ମହିଳା କମିସନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏ ନେଇ ଗଣମାଧ୍ୟମକୁ ନିଜର ମନ୍ତବ୍ୟ ଦେଇ ଶ୍ରୀମତୀ ସାହୁ କହିଥିଲେ ଯେ ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି। ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ, ଅପରାଧିକ ମନସ୍ତତ୍ତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି। ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି। ବିଜେପି ସରକାର କ୍ଷମତାକୁ ଆସିବାର ଏକବର୍ଷ ପୂରଣ ହୋଇଥିବା ବେଳେ ସରକାର ବର୍ଷ ପୂର୍ତ୍ତି ପାଳନରେ ବ୍ୟସ୍ତ ଅଛନ୍ତି। କିନ୍ତୁ ମହିଳାଙ୍କ ସ୍ୱାର୍ଥକୁ ଅଣଦେଖା କରିଚାଲିଛନ୍ତି। ଗତ ଏକ ବର୍ଷ ହେଲାଣି ରାଜ୍ୟ ମହିଳା କମିସନ ପଦ ଖାଲି ପଡିଛି। ମହିଳା କମିସନ କାର୍ଯ୍ୟାଳୟରେ ସମ୍ପାଦକ ମଧ୍ୟ ନାହାନ୍ତି। ତେଣୁ ଆଜି ଭାରପ୍ରାପ୍ତ ସମ୍ପାଦକଙ୍କୁ ସ୍ମାରକପତ୍ର ଦିଆଯାଇଛି। ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ କମିଶନ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଶା ରହିଛି। ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ, ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଥିଲେ।

ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ, ଲୋରା ମହାପାତ୍ର, ମାନସୀ ସୁନ୍ଦରାୟ, ଅଂଶୁ ତ୍ରିପାଠୀ, ରକି ଦାସ, ମୋନାଲିସା ଗନ୍ତାୟତ, ଇଲା ସ୍ୱାଇଁ, ସଂଗ୍ରାମ ସାମଲ ପ୍ରମୁଖ ସାମିଲ ଥିଲେ।

# ଜଳପ୍ରପାତରେ ବୁଡ଼ିଗଲେ ଇଞ୍ଜିନିୟରିଂ ଛାତ୍ର



**ରାଉରକେଲା,୭।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା, ଗୁରୁଣ୍ଡିଆ ବ୍ଲକ୍‌ସ୍ଥିତ ପ୍ରସିଦ୍ଧ ବାଦଲଗିରି ଜଳପ୍ରପାତରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ରାଜଗାଙ୍ଗପୁରର ଲିପଲୋଇ ଅନ୍ତର୍ଗତ ପାନପଡ଼ା ଅଞ୍ଚଳର ଗୌରବ ବିପ୍ଳବ (୨୨)। ୧୨ଜଣ ବନ୍ଧୁଙ୍କ ସହ ଗୌରବ ବାଦଲଗିରି ଜଳପ୍ରପାତକୁ ପିକନିକ୍ କରିବାକୁ ଯାଇଥିଲେ। ରବିବାର ଅପରାହ୍ଣ ପ୍ରାୟ ୩ଟାରେ ଗୌରବ ଏବଂ ତାଙ୍କ ୪ଜଣ ସାଥୀ ଜଳପ୍ରପାତକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୌରବଙ୍କ ପାଦ ପଥର ଉପରୁ ଖସିଯିବାରୁ ସେ ଜଳପ୍ରପାତର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସମସ୍ତ ୪ଜଣ ସାଥୀ କୌଣସିପ୍ରକାରେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକ ଏବଂ ଗୁରୁଣ୍ଡିଆ ପୁଲିସ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଘଞ୍ଚ ଜଙ୍ଗଲ ସାଙ୍ଗକୁ ଅନ୍ଧାର ହୋଇଯିବାରୁ ଉଦ୍ଧାରକାରୀ ଦଳଙ୍କୁ ସଫଳତା ମିଳିପାରି ନଥିଲା। ସୋମବାର ସକାଳେ ଓଡ୍ରାଫ୍ ଟିମ୍ ବହୁ ଖୋଜାଖୋଜି କରିଥିଲେ ହେଁ ଯୁବକଙ୍କ ସନ୍ଧାନ ପାଇପାରିନାହିଁ। ପୂର୍ବରୁ ମଧ୍ୟ ଏଠାରେ ରାଉରକେଲାର ଦୁଇଜଣ ଇଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ବାରମ୍ବାର ଜଳପ୍ରପାତରେ ଦୁର୍ଘଟଣା ଘଟିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଉନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ

**ଭୁବନେଶ୍ୱର,୭।୭(ସମିସ):** ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ପ୍ରଫେସର ଡା. ସୁଚିତ୍ର ଦାସଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଅଧୀକ୍ଷକ, ପ୍ରଫେସର ଡା. ହରେକ୍ରୀଷ୍ଣ ଦଳେଇଙ୍କୁ ଏସ୍‌ଏଲ୍‌ଏନ୍ ଏମ୍‌ସିଏଚ୍, କୋରାପୁଟ୍ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ଗୀତା ସାହୁଙ୍କୁ ଜିଏମ୍‌ସି ସୁନ୍ଦରଗଡ଼ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ବି. ଦାସଙ୍କୁ ବିବି ଏମ୍‌ସିଏଚ୍, ବଲାଙ୍ଗିରର ଅଧୀକ୍ଷକ ଏବଂ ପ୍ରଫେସର ଡା. ନିର୍ମଳ ଚନ୍ଦ୍ର ସାହାଣୀଙ୍କୁ ଜିଏମ୍‌ସିଏଚ୍, ସୁନ୍ଦରଗଡ଼ର ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା. ସୁଭ୍ରା ଘୋଷଙ୍କ ବଦଳିକୁ ରଦ୍ଦ କରାଯାଇ ଓଆଣ୍ଡଜି, ଏସ୍‌ସିବି ଏମ୍‌ସିଏଚ୍‌ର କଟକରେ ପ୍ରଫେସର ଭାବେ ନିଯୁକ୍ତ ଦିଆଯାଇଛି। ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ ମଧ୍ୟ ପ୍ରଫେସର ସାଇକ୍‌ଆଟ୍ରିକ୍ ଭାବେ ଅବସ୍ଥାପିତ ରହିବେ। ପ୍ରଫେସର ଡା. ବ୍ରଜ କିଶୋର ଦାସଙ୍କୁ ପିଆର୍‌ଏମ୍ ଏମ୍‌ସିଏଚ୍, ବାରିପଦାରେ ପ୍ରଫେସର ଏଫ୍‌ଏମ୍‌ଟି, ଭାବେ ନିଯୁକ୍ତି ଦିଆଯାଇଛି।

# ଆସୁଛନ୍ତି ରାହୁଲ ଗାନ୍ଧୀ

## ଗସ୍ତ ସଫଳ ପାଇଁ ପୁରୀ କଂଗ୍ରେସର ପ୍ରସ୍ତୁତି

**ପୁରୀ,୭।୭(ସମିସ):** ଆସନ୍ତା ୧୧ ତାରିଖରେ କେନ୍ଦ୍ର ବିରୋଧୀ ଦଳ ନେତା ସାଂସଦ ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଓ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୋମବାର ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ପରିସରରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁ ଓଡ଼ିଶାର ମହିଳା, ଶିଶୁ ଚାଲାଣ ଏବଂ ୧୦ମ ଶ୍ରେଣୀ ସ୍କୁଲ ଛାତ୍ରୀ ସନ୍ତାନ ପ୍ରସବ କରିବା ଆଦି ଦୁଃଖଦ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ସେହିପରି ରଥଯାତ୍ରାରେ ଘଟିଥିବା ବିଭ୍ରାଟ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି ଓଡ଼ିଶା ବିଧାନସଭାରେ ତାଙ୍କ ପ୍ରତି ହୋଇଥିବା ଆକ୍ରୋଶମୂଳକ ବ୍ୟବହାର ସମ୍ପର୍କରେ କହିଥିଲେ। ଦଳର ସମସ୍ତ କର୍ମୀଙ୍କୁ କଂଗ୍ରେସ କରିଥିବା ଉନ୍ନତିକରଣ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ସହ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ଲାଗି ଆହ୍ୱାନ ଦେଇଥିଲେ।

ପିସିସି ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ, ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ପିସିସି ସଭ୍ୟ ସୁଜିତ ମହାପାତ୍ର, ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ବିଧାୟକ ପ୍ରାର୍ଥୀମାନେ ନିଜର ଅଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଉତ୍ତମ ଆଚାର୍ଯ୍ୟ, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ଗୋପ ବ୍ଲକ ସଭାପତି ନୀଳମଣି ପ୍ରଧାନ, ବିଶ୍ୱଭୂଷଣ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ୭୬ତମ ବନ ମହୋତ୍ସବ: ଏ ବର୍ଷ ଲାଗିବ ୭.୫ କୋଟି ଚାରା

**ଭୁବନେଶ୍ୱର,୭।୭(ସମିସ):** ୨୦୩୬ ସୁଦ୍ଧା ଭିଜନ୍ ଓଡ଼ିଶା କାର୍ଯ୍ୟକ୍ରମରେ 'ସବୁଜ ଓଡ଼ିଶା' ଗଠନ ଏକ ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ ଏବଂ ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନ ମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଗତବର୍ଷ ଏକ୍ ପେଡ୍ ମା' କେ ନାମ ଅଭିଯାନରେ ୬.୬୯ କୋଟି ଚାରା ରୋପଣ କରାଯାଇଥିଲା ଏବଂ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତବର୍ଷ 'ଏକ୍ ପେଡ୍ ମା' କେ ନାମ-୨.୦' ଅଭିଯାନରେ ୭.୫କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତବର୍ଷ ସରକାର ୧୯ ଲକ୍ଷ ତାଳଗଛ ରୋପଣ କରିଥିବା ବେଳେ ଚଳିତ ବର୍ଷ ୧୮ ଲକ୍ଷ ତାଳ ଗଛ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ଏହା ବ୍ୟତୀତ ସବୁଜ ଓଡ଼ିଶା ଯୋଜନାରେ ଆଦିବାସୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଁଉଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାଜ୍ୟବାସୀଙ୍କୁ ଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିଥିବା ବେଳେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ ବିଶ୍ୱ ବନ ଦିବସ, ଜୁନ୍ ୫ ବିଶ୍ୱ ପରିବେଶ ଦିବସ, ଜୁଲାଇ ମାସରେ ବନ

- ୨୦୩୬ ସୁଦ୍ଧା ୧୦ ଲକ୍ଷ 'ସବୁଜ ଜୀବିକା' ସୃଷ୍ଟି ହେବ
- ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ମହୋତ୍ସବ ସପ୍ତାହ ପାଳନ ଏବଂ ଅକ୍ଟୋବର ମାସରେ ବନ୍ୟ ପ୍ରାଣୀ ସପ୍ତାହ ପାଳନ କରାଯାଇଥାଏ। ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ କର୍ମଚାରୀ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷମାନଙ୍କୁ ପୁରସ୍କାର ଦିଆଯାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ସବୁ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ କରିଛନ୍ତି। ଅନେକ ପୁରସ୍କାରର ସଂଖ୍ୟା ଓ ପୁରସ୍କାର ରାଶି ପରିମାଣ ମଧ୍ୟ ବୃଦ୍ଧି ହୋଇଛି। ଏହି ସମସ୍ତ ପୁରସ୍କାର ଆଜିଠାରୁ କାର୍ଯ୍ୟକାରୀ କରାଯାଉଛି।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା ସମ୍ପନ୍ନ

# ନୀଳାଦ୍ରି ବିଜେ ହେଲେ ଚତୁର୍ଦ୍ଧାମୂର୍ତ୍ତି







ବାରିପଦା, ୭।୭(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ସୋମବାର ମହାପ୍ରଭୁଙ୍କର ବାହୁଡ଼ାଯାତ୍ରା ଶେଷ ହୋଇଛି। ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ର ପୁରୀ ବାହୁଡ଼ାଯାତ୍ରାର ପର ଦୁଇ ଦିନଧରି ବାରିପଦାରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଦିନରେ ମହାପ୍ରଭୁଙ୍କର ନନ୍ଦିଘୋଷ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ପୂର୍ବ ଭଳି ଟାଉନ ଥାନା ସମ୍ମୁଖରେ ଥିବା ବେଳେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଥିଲା। ସୋମବାର ଅପରାହ୍ଣ ୨ଟା ୩୦ରେ ସମସ୍ତ ନୀତି ସମ୍ପନ୍ନ ପରେ ଆରମ୍ଭ ହୋଇଥିଲା



ଦେବୀ ସୁଭଦ୍ରାଙ୍କ ରଥଟଣା। ପରମ୍ପରାନୁଯାୟୀ ଦେବୀ ସୁଭଦ୍ରାଙ୍କ ରଥ କେବଳ ମହିଳାଙ୍କ ଦ୍ୱାରା ଟଣାଯାଉଥିବାରୁ ପ୍ରଥମ ଦିନ ଭଳି ସୋମବାର ମଧ୍ୟ ରାଜ୍ୟ ଓ ବାହାରୁ ଆସିଥିବା ୪୦ହଜାରରୁ ଅଧିକ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଶଙ୍ଖ ହୁଳୁହୁଳିରେ ଟାଣି ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ। ମହିଳାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା(ଗୁଡ଼)ଲଡ୍ଡୁ ରଥରୁ ବଣ୍ଟନ କରାଯାଇଥିଲା। ପରେ ମହାପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ରଥକୁ ଟାଣି ଶାନ୍ତି ଶୃଙ୍ଖଳା ସହିତ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ। ପରମ୍ପରାନୁଯାୟୀ ଭକ୍ତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଲଡ୍ଡୁ ରଥ ଉପରୁ ସାଧା ପୋଷାକଧାରୀ ପୁଲିସ୍ କର୍ମଚାରୀ ଫିଙ୍ଗିଥିଲେ। ଲଡ୍ଡୁ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ନାହିଁ ନଥିବା ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଆଖିରେ ରଖି ଶାନ୍ତିଶୃଙ୍ଖଳା ରଖିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ରଥଟଣା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଦେବଭୋର ଅଧିକାରୀ ତଥା ସଦର ଉପଜିଲ୍ଲାପାଳ, ୨ ଅତିରିକ୍ତ ଏସ୍‌ପି, ୬ଡିଏସ୍‌ପିଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ସ୍ଥାପିତ ଶିବିରରେ ବିଶିଷ୍ଟ ସାହିତ୍ୟିକ ତଥା ଜଗନ୍ନାଥ ସଂସ୍କୃତି ଗବେଷକମାନେ ରଥଯାତ୍ରାର ପ୍ରଥମ ଦିନରୁ ବାହୁଡ଼ାଯାତ୍ରା ଶେଷ ପର୍ଯ୍ୟନ୍ତ ୬ଦିନ କାଳ ରଥଯାତ୍ରାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଦ୍ୱିତୀୟ ସଂସ୍କୃତିକୁ ଭକ୍ତିପୂତ କରିବା ଉଦ୍ଦେଶ୍ୟରେ ଧାରାବିବରଣୀ ପ୍ରଦାନ କରିଥିଲେ।

ପଣ୍ଡିତ ଭାଗବତ ପଣ୍ଡା ରଥ ଉପରେ ଘୋଷକ କାର୍ଯ୍ୟ ତୁଲାଉଥିବା ବେଳେ ରଥଟଣା କାର୍ଯ୍ୟ ସମ୍ପନ୍ନ ପରେ ପ୍ରଶାସନ ପକ୍ଷରୁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରଥରେ ଚାରମାଳ ଲଗାଯିବା ପରେ ଦର୍ଶନାଭିଳାଷୀମାନେ ଭୋଗ ଲଗାଇବା ସହ ଠାକୁରଙ୍କୁ ପ୍ରଦକ୍ଷିଣ କରିଥିଲେ। ସେହିପରି ସାନ ଜଗନ୍ନାଥ ମନ୍ଦିରରେ ପୂର୍ବାହ୍ଣରେ ପିଲାମାନେ ରଥ ଟାଣି ମନ୍ଦିରରେ ପହଞ୍ଚାଇବା ପରେ ଶ୍ରଦ୍ଧାଲଡ୍ଡୁ ବଣ୍ଟନ ହୋଇଛି। ତିନି ଠାକୁର ମାଉସୀ ଘରେ ରହିଥିବା ସମୟରେ ମା'ଲକ୍ଷ୍ମୀ ତାଙ୍କର ରାଗ ଶୁଝାଇବା ପାଇଁ ଯାଇ ହେରାପଞ୍ଚମୀ ତିଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଚକର ଅଖ ଭାଙ୍ଗି ମନ୍ଦିରକୁ ଫେରିଥିଲେ। ସେଥିପାଇଁ ଲକ୍ଷ୍ମୀଙ୍କ ମନକୁ ବୁଝାଇବା ପାଇଁ ଲକ୍ଷ୍ମୀ ଭେଟ କାର୍ଯ୍ୟକ୍ରମ ସାଙ୍ଗକୁ ରାତିରେ ପାରମ୍ପରିକ ରୀତିରେ ଉଭୟ ମନ୍ଦିରରେ ପହଣ୍ଡି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗିଛି। ବୁଧବାର ଠାରୁ ସହରରେ ଲାଗୁ ହୋଇଥିବା ଟ୍ରାଫିକ କଟକଣା ହଟିଯିବ ବୋଲି କୁହାଯାଇଛି।

### ରଥଟଣା ସମୟରେ ୪ଗୁରୁତର ଆହତ

**ବାରିପଦା:** ସୋମବାର ବାହୁଡ଼ାଯାତ୍ରା ଶେଷଦିନ ସୁଭଦ୍ରା ଓ ବଳଭଦ୍ରଙ୍କ ରଥ ଟାଣିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ୪ଜଣ ଗୁରୁତର ଆହାତ ହୋଇଛନ୍ତି। ସେମାନେ ସ୍ଥାନୀୟ ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଆହାତମାନେ ହେଲେ ଦେଉଳସାହିର ବୟସ୍କା ମହିଳା ହାରାମଣି ରଥଶର୍ମା, ଜୟବିଲ୍ଲାର ଚନ୍ଦ୍ରମୋହନ ସିଂ, ଭୋଳାଗଡ଼ିଆର ଦିପାଳୀ ମୁର୍ମୁ ଓ ଗୁଡିଆଲବନ୍ଧର ହରିଶ କୁମାର ମହାନ୍ତ। ତେବେ ସମସ୍ତେ ବିପଦମୁକ୍ତ ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି।

### ରଥ ମେଳାରୁ ସୁନାହାର ଛିନ୍‌ତାଇ

**ବାରିପଦା:** ବାରିପଦାରେ ରଥଯାତ୍ରା ସମୟରେ ଚୋରି ଓ ଛିନତାଇ ମାମଲା ବୃଦ୍ଧି ପାଇବାରେ ଲାଗିଲାଣି। ଦିନ ଦ୍ୱିପ୍ରହରରେ ବଡ଼ଦାଣ୍ଡରେ ରଥ ନିକଟରୁ ସୁନାହାର ଛିନତାଇ ହୋଇଛି। ଏନେଇ ଭଞ୍ଜପୁର ଅଞ୍ଚଳର ସୁଚିସ୍ମିତା ସାମଲ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଶାଶୁଙ୍କ ସହ ଦିନ ପ୍ରାୟ ୩ଟା ସମୟରେ ରଥ ମେଳା ବୁଲିବାକୁ ଆସିଥିଲେ। ମେଳା ବୁଲି ସାରି ରଥ ନିକଟରେ ଛିଡା ହୋଇଥିବା ବେଳେ କେହି ଜଣେ ଦୁର୍ବୃତ୍ତ ତାଙ୍କ ଶାଶୁଙ୍କ ବେକରୁ ସୁନାହାର ଛିନତାଇ ଚମ୍ପଟ ମାରିଥିଲେ। ସେ ଅନେକ ପ୍ରଚେଷ୍ଟା ପରେ ମଧ୍ୟ ଭିଡ଼ରେ ତାଙ୍କୁ ଖୋଜି ପାଇନଥିଲେ। ରଥମେଳାରୁ ଦୁର୍ବୃତ୍ତ ମାନେ ପକେଟ ମାର ଓ ଚୋରି କରୁଥିବାର ନେଇ ବାରମ୍ବାର ଅଭିଯୋଗ ହେଉଛି। ପୁଲିସ ପକ୍ଷରୁ ମେଳା ଅଞ୍ଚଳରେ କଡାକଡି ଯାଞ୍ଚ ପ୍ରକ୍ରିୟା କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

### ବର୍ଷାରେ ଭିଜିଭିଜି ରଥ ଟାଣିଲେ ଶ୍ରଦ୍ଧାଳୁ

ମୋରଡା, ୭।୭(ସମିସ): ରବିବାର ଏକାଦଶୀ ପାଇଁ ଅଧାରେ ଅଟକିଥିଲେ ମହାପ୍ରଭୁ। ତେବେ ସୋମବାର ମୋରଡ଼ା ବ୍ଲକର ପ୍ରସିଦ୍ଧ ଚିତ୍ରଡା ରଥଯାତ୍ରାର ବାହୁଡ଼ା ପର୍ବ ସମ୍ପନ୍ନ ହୋଇଥିବା ବେଳେ ସନ୍ଧ୍ୟାରେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ବର୍ଷାରେ ଭିଜିଭିଜି ଭକ୍ତମାନେ ଠାକୁରଙ୍କ ଦର୍ଶନ ଓ ରଥ ଟାଣିବା ପାଇଁ ଚିତ୍ରଡ଼ା ବଡ଼ଦାଣ୍ଡରେ ହଜାର ହଜାର ଶ୍ରଦ୍ଧାଳୁ ଏକାଠି ହୋଇଛନ୍ତି। ଜୟ ଜଗନ୍ନାଥ ଧ୍ୱନିଦେଇ ଶ୍ରଦ୍ଧାଳୁଗଣ ରଥକୁ ସିଂହଦ୍ୱାର ନିକଟକୁ ଟାଣିଟାଣି ନେଇଛନ୍ତି। ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ମନ୍ଦିର ପ୍ରଶାସନ, ଡ୍ରାଇଭର ସଂଘ ଓ



ଚିତ୍ରଡ଼ା ମହାବିଦ୍ୟାଳୟର ସ୍କାଉଟ ଏନଏସଏସଦଳ ତରଫରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ଅଧାରପଣା ନୀତି ସମ୍ପନ୍ନ ହେବାପରେ ଭକ୍ତମାନେ ଭୋଗ ଲଗାଇ ଲୋକଙ୍କୁ ବାଣ୍ଟିଥିବାର ଦେଖିବାକୁ ମିଳିଛି।

### ବିରାଟ ଲୀଳାକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା

ପିଙ୍ଗୁ, ୭।୭(ସମିସ): ନୁଦଡ଼ିହା ପିଙ୍ଗୁସ୍ଥିତ ବିରାଟ ଲୀଳାକ୍ଷେତ୍ରରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ଏଅବସରରେ ପିଙ୍ଗୁସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖସ୍ଥ ମଞ୍ଚରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନେଇ ପ୍ରକାଶିତ ହେଉଥିବା ବାର୍ଷିକ ଆଧ୍ୟାତ୍ମିକ ପତ୍ରିକା 'ଭାବବନ୍ଧନ'ର ଉନ୍ମୋଚନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର କମିଟିର ସଭାପତି ସର୍ବେଶ୍ୱର ରାଉତ ଅଧ୍ୟକ୍ଷତା କରି ରଥଯାତ୍ରା ଦ୍ୱାରା ନୁଦଡ଼ିହା ଓ ପିଙ୍ଗୁ ପଞ୍ଚାୟତ ମଧ୍ୟରେ ପ୍ରତିଷ୍ଠିତ ଭାଇଚାରା ସମ୍ପର୍କରେ ଦର୍ଶାଇଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ ଶ୍ରୀଜଗନ୍ନାଥଙ୍କ ଭକ୍ତି ଭାବନାକୁ ନେଇ କଲମ ଚାଳନା କରୁଥିବା ଲେଖକ/ ଲେଖିକାଙ୍କୁ ପ୍ରୋତ୍ସାହନ ଦେଇ ତାଙ୍କର ଲେଖନୀ ବଜ୍ର ହେଉ ବୋଲି ପ୍ରାର୍ଥନା କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ପ୍ରାକ୍ତନ ବିଧାୟକ ଶ୍ରୀନାଥ ସୋରେନ ଓ କୃଷ୍ଣଚନ୍ଦ୍ର ମିଶ୍ର ସଭାମଣ୍ଡନ କରିଥିଲେ। ସ୍ୱତନ୍ତ୍ର ବକ୍ତା ଭାବରେ ଭଦ୍ରକ ଜିଲ୍ଲାର ପ୍ରାକ୍ତନ ଡିପିଆର୍‌ଓ ରମେଶ କୁମାର ନାୟକ ଜନ୍ମବେଦୀରୁ ଶ୍ରୀମନ୍ଦିରକୁ ବାହୁଡ଼ାଯାତ୍ରାର ନୀତିକାନ୍ତି ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ମହାପ୍ରଭୁଙ୍କ ଆଡ଼ପମଣ୍ଡପରୁ ରତ୍ନସିଂହାସନ ପର୍ଯ୍ୟନ୍ତ ବିଭିନ୍ନ ଘଟଣାର ତତ୍ତ୍ୱଭିତ୍ତିକ ଉପସ୍ଥାପନ କରିଥିଲେ। ସମ୍ପାଦକ ମନୋରଞ୍ଜନ ମଲ୍ଲିକ ଅତିଥିଙ୍କୁ ସ୍ୱାଗତ ଓ ସମ୍ପାଦକ ରତିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ। ଆଡ଼ପମଣ୍ଡପରେ ଚତୁର୍ଦ୍ଧମୂର୍ତିଙ୍କ ନୀତିକାନ୍ତି ପରେ ଅପରାହ୍ନ ୩ଟା ୩୦ମିରେ ଶ୍ରୀଜିଉମାନଙ୍କ ଧାଡ଼ିପହଣ୍ଡି ହୋଇଥିଲା। ଶ୍ରୀଜିଉମାନେ ରଥାରୂଢ଼ ହୋଇଥିଲେ। ଶ୍ରଦ୍ଧାଳୁମାନେ ଶ୍ରଦ୍ଧାର ସହିତ 'ହରିବୋଲ' 'ଜୟ ଜଗନ୍ନାଥ' ଧ୍ୱନିଦେଇ ତିନିରଥକୁ ଟାଣି ନେଇଥିଲେ। ତିନିରଥ ବନ୍ଦଗଣ୍ଡିରେ ଅଟକି ରହିଛନ୍ତି। ଆଜି ତିନି ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବେ ଓ ସୁନାବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଶ୍ରୀଜଗନ୍ନାଥଙ୍କ କଥାମୃତକୁ ନେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଅଛି। ଆସନ୍ତାକାଲି ମହାପ୍ରଭୁଙ୍କ ଅଧରପଣା ନୀତି ପରେ ଲକ୍ଷ୍ମୀ-ନାରାୟଣ କଳି ଓ ବିଭିନ୍ନ ନୀତିକାନ୍ତି ସମ୍ପର୍କରେ ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ସର୍ବେଶ୍ୱର ପ୍ରଧାନ, ନକୁଳ ଜେନା, ସୁଧାଂଶୁ କୁମାର ଦାଶ, ବୃନ୍ଦାବନ ବେହେରା, ଭଗବାନ ବେହେରା, ତିନିରଥର ମୁଖ୍ୟ ମହାରଣା ଓ ସେବାୟତଙ୍କ ସହଯୋଗ କରିଛନ୍ତି।

## ଶ୍ରୀଜଗନ୍ନାଥ ଭକ୍ତ ସମାଜର ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ



ବାରିପଦା, ୭।୭(ସମିସ): ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଶ୍ରୀଜିଉମାନଙ୍କ ଆଡ଼ପମଣ୍ଡପରେ ବିଭିନ୍ନ ବେଶ ଅବସରରେ ଗତ ୩୦ତାରିଖରୁ ଚାଲିଥିବା ୫ଦିନ ଧରି ମାନବ ଧର୍ମ ସମ୍ପର୍କିତ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀ ରାଧାମୋହନ (ମାଉସୀ ମା') ମନ୍ଦିର ପ୍ରାଙ୍ଗଣରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ଖ୍ୟାତନାମା ପ୍ରବଚକ ମାନସ କେଳି କଲ୍ଲୋଳ ହୃଦାନନ୍ଦ ସାହୁ ଓ ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ପ୍ରବଚନ ପ୍ରଦାନ କରିଥିଲେ। ଶ୍ରୀ ସାହୁ ରାମଚରିତ ମାନସରେ ଉରାକାଣ୍ଡର କାକ ଭୁଷଣ୍ଡି ଓ ଗରୁଡ଼ ସମ୍ବାଦ ଉପରେ ତାତ୍ତ୍ୱିକ ପ୍ରବଚନ ପ୍ରଦାନ କରିଥିବା ବେଳେ ଶ୍ରୀ ପଣ୍ଡା ସ୍କନ୍ଦ ପୁରାଣ ଅଧୀନ ଦାରୁ ବିଗ୍ରହଙ୍କ ମାନୁଷୀଲୀଳା ସମ୍ପର୍କରେ ଉଦାହରଣ ଦେଇ ଶ୍ରୋତାମାନଙ୍କୁ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଶ୍ରୀଜିଉମାନଙ୍କର ଶ୍ରୀଅଙ୍ଗଲାଗି ସେବକ ଅମ୍ରିତ କୁମାର ମିଶ୍ର, ପ୍ରଦୀପ କୁମାର ପଣ୍ଡା, ଦେବକାନ୍ତ ପଣ୍ଡା, ଦେବାଶିଷ ପଣ୍ଡା, ସୁନୀଲ କୁମାର ପଣ୍ଡା, କାମେଶ୍ୱର ତ୍ରିପାଠୀ, ସୁଦୀପ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଜନ ପରିବେଷଣ କରୁଥିବା ଗାୟକ ଶେଖର ଉମେଶ ଚନ୍ଦ୍ର ବାରିକ ଓ ଗାୟକ ଶ୍ରୀହରି ଦତ୍ତ, ତବଲା ବାଦକ ତୋଫାନ ସିଂ, ଗୋବର୍ଦ୍ଧନ ସିଂ ଏବଂ ପାଳିଆ ଭବାନୀ ଶଙ୍କର ମହାନ୍ତି ଓ ସୂରଜ ଜେନା ଓ ପ୍ରବଚକ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭକ୍ତ ସମାଜ ତରଫରୁ ଭାଗବତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶହ ଶହ ଶ୍ରଦ୍ଧାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପ୍ରବଚନ ଶ୍ରବଣ କରି ସନ୍ତୋଷ ପ୍ରକଟ କରିଥିଲେ।

## ଅଙ୍ଗନବାଡ଼ି ଜିନିଷପତ୍ର ନଷ୍ଟ କଲେ ୨୨ଟିକିଆ ହାତୀପଲ

ମୋରଡ଼ା, ୭।୭(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧୀନ ବିଭିନ୍ନ ଗାଁରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ହାତୀ ଆକ୍ରମଣରେ କିଛି ଲୋକଙ୍କ ପ୍ରାଣ ମଧ୍ୟ ଗଲାଣି। ପ୍ରଶାସନ ତରଫରୁ ବାରମ୍ବାର ହାତୀ ଘଉଡାଇବା ଉଦ୍ୟମ ଜାରି ରହିଥିବା ବେଳେ ଭଦୁଆଶୋଳ ଗ୍ରାମରେ ହାତୀପଲ ଉପଦ୍ରବ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ ଦୁଇଦିନ ଧରି ଉକ୍ତ ଗ୍ରାମକୁ ଘେରି ରଖି ୨୨ଟିକିଆ ହାତୀପଲ ଉତ୍ପାତ ଜାରି ରଖିଥିବା ବେଳେ ରବିବାର ରାତି ପ୍ରାୟ ୧୨ଟା ସମୟରେ ଗ୍ରାମରେ ଥିବା କୃଷ୍ଣଚନ୍ଦ୍ରପୁର ଅଙ୍ଗନବାଡି ଝରକା ଓ କାନ୍ଥ ଭାଙ୍ଗି ପିଲାଙ୍କ



ବକ୍ସ, ଟେବୁଲ, ଚେୟାର, ଓଜନ ମେସିନ, ଗଦ୍ରେଜ, ଫିଲ୍ଟର ଆଦି ଜିନିଷ ଭାଙ୍ଗି ଦେଇଛନ୍ତି ହାତୀପଲ। ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କୁ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ପଚାରିବାରୁ ସରକାରୀ କାର୍ଯ୍ୟାଳୟ ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ ସେମାନେ ତାଙ୍କର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସମସ୍ତ ଜିନିଷପତ୍ର ମେଣ୍ଟେନନାନ୍ସ ଟଙ୍କାରୁ ନେବେ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି।

## କଳାବ୍ୟାଜ୍ ପିନ୍ଧି ରାଜସ୍ୱ ଅମଲା ସଂଘର ପ୍ରତିବାଦ

ବାରିପଦା, ୭।୭(ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଜିଲ୍ଲା ଶାଖା ପକ୍ଷରୁ ୧୦ଦଫା ଦାବି ନେଇ ସୋମବାରରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଆରମ୍ଭ କରିଛନ୍ତି। ବାରମ୍ବାର ଦାବି ଉପସ୍ଥାପନ କରିବା ସତ୍ତ୍ୱେ ରାଜ୍ୟ ସରକାର ଓଡ଼ିଶା ରାଜସ୍ୱ ଅମଲା ସଂଘର ଦାବି ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଯାହାକୁ ନେଇ ଜିଲ୍ଲାବ୍ୟାପି ସରକାରୀ କାର୍ଯ୍ୟାଳୟର ଅମଲା କର୍ମଚାରୀ ମାନେ କଳାବ୍ୟାଜ ପିନ୍ଧି କାମ କରିଛନ୍ତି। ଜୁଲାଇ ୭ତାରିଖରୁ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ। ଏହାସତ୍ତ୍ୱେ ଯଦି ରାଜ୍ୟ ସରକାର ଦାବିଗୁଡିକ ପୂରଣ ନ କରିବେ ତେବେ ଜୁଲାଇ ୧୪ରୁ ସମୂହ ଛୁଟିରେ ଯାଇ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

## ପିଆର୍‌ଏମ୍‌ରେ ୪୦୦ ଔଷଧୀୟ ଚାରାରୋପଣ

● ୪ଟି ବିଏସ୍‌ଏସ୍‌କୁ ମୁଖ୍ୟମନ୍ତ୍ରୀ ସଂରକ୍ଷଣ ପୁରସ୍କାର

ବାରିପଦା, ୭।୭(ସମିସ): ବାରିପଦା ବନଖଣ୍ଡ ଆନୁକୂଲ୍ୟରେ ୭୬ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟରେ ପାଳନ ହୋଇଯାଇଅଛି। ଡ. ପ୍ରକାଶ ଚାନ୍ଦ ଗୋଗିନାନୀ, ଆଞ୍ଚଳିକ ମୁଖ୍ୟବନ ସଂରକ୍ଷକ ତଥା କ୍ଷେତ୍ର ନିର୍ଦ୍ଦେଶକ ଶିମିଳିପାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ମୁଖ୍ୟ ବନ୍ୟ ସଂରକ୍ଷକ ତଥା ଓଡ଼ିଶା ଲୋକାୟୁକ୍ତ ସଭ୍ୟ ଦେବବ୍ରତ ସ୍ୱାଇଁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟର ମୁଖ୍ୟ ଡା. ପ୍ରତିଭା ପଣ୍ଡା ଓ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ଉପବନ ସଂରକ୍ଷକ ମେହେରବାନ ଅଲ୍ଲୀ ସଭାକାର୍ଯ୍ୟକୁ ସଞ୍ଚାଳନ କରିଥିଲେ। ବାରିପଦା, ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଓ ଭେଷଜ ମହାବିଦ୍ୟାଳୟ ମଧ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ମହାବିଦ୍ୟାଳୟ ପରିସର ମଧ୍ୟରେ ୪୦୦ ରୁ ଊର୍ଦ୍ଧ୍ୱ ଔଷଧୀୟ ଚାରାରୋପଣ ଅତିଥି, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବନ ସଂରକ୍ଷଣ କମିଟିର ସଭ୍ୟ ସଭ୍ୟା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ଦ୍ୱାରା କରାଯାଇଥିଲା। ସବ୍‌ଡିଭିଜନ ସ୍ତରରେ ୪ଟି ବନ ସଂରକ୍ଷଣ ସମିତି ଯଥା-ଝିଙ୍କପାହାଡି, ବାରିପଦା ସବ୍‌ଡିଭିଜନ୍, ବାହିୟା, ଆନନ୍ଦପୁର ସବ୍‌ଡିଭିଜନ୍, ଶିଳିଆଘାଟି, କପ୍ତିପଦା ସବ୍‌ଡିଭିଜନ୍ ଓ ଗରଗଡ଼ିଆ, ବାମନଘାଟି ସବ୍‌ଡିଭିଜନ୍‌ର ବନ ସଂରକ୍ଷଣ ସମିତିମାନଙ୍କୁ ବନ ସଂରକ୍ଷଣ କ୍ଷେତ୍ର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ସଂରକ୍ଷଣ ପୁରସ୍କାର, ମାନପତ୍ର ଓ ୨ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉଦଳା ରେଞ୍ଜ ଅଫିସର ଜଗଦିଶ୍ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବନଖଣ୍ଡର ଶତାଧିକ କର୍ମଚାରୀ, ବନ ସଂରକ୍ଷଣ ସମିତିର ସଭ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଭେଷଜ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ସକ୍ରିୟଅଂଶ ଗ୍ରହଣ କରିଥିଲେ।

## ଯୁଗ୍ମ ଜନ ଶୁଣାଣି ଶିବିରରେ ୧୪୩ଟି ଅଭିଯୋଗର ଶୁଣାଣି

ବାରିପଦା, ୭।୭(ସମିସ): ଜିଲ୍ଲା ସଦରମହକୁମା ବାରିପଦାରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ମୋଟ ୧୪୩ଟି ଅଭିଯୋଗପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ସେଥିରୁ ୧୩୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବା ବେଳେ ୮ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୧୨ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୮ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୦ହଜାର ଟଙ୍କା



ଏବଂ ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୭ହଜାର ଟଙ୍କା ମଞ୍ଜୁର କରିଥିଲେ। ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାରକରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଆଇଏଏସ ପ୍ରୋବେଶନର ମିସ କାଶୀଷ ବକ୍ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଆଧୀକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ପିତାମାତାଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର

ବାରିପଦା, ୭।୭(ସମିସ): ବାରିପଦା ମୁନିସିପାଲିଟି ଅଧୀନ ୬ ନଂ ୱାର୍ଡର ପୁରୁଣାହାଟସାହିସ୍ଥିତ ବାସଭବନରେ ରାକେଶ କୁମାର ରଘୁବଂଶୀ ନିଜ ପିତା ସ୍ୱର୍ଗତ ଭରତଲାଲ ରଘୁବଂଶୀ ଓ ମାତା ସ୍ୱର୍ଗୀୟା କମଳା ଦେବୀଙ୍କ ଶ୍ରାଦ୍ଧ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ପିତାମାତାଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର ଆୟୋଜନକୁ ମୁଖ୍ୟଅତିଥି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ବେଶ ପ୍ରଶଂସା କରିଛନ୍ତି। ଶିବିରରେ ଶ୍ରୀ ରଘୁବଂଶୀଙ୍କ ୩୮ ଜଣ ସାଙ୍ଗସାଥି ଓ ସମ୍ପର୍କୀୟ ରକ୍ତଦାନ କରିଥିବାରୁ ସମ୍ମାନିତ ଅତିଥି ଇ. ବିପ୍ଳବ ଭଞ୍ଜନ ଭୁଗୁଡେଇ ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇବାସହ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ କାଉନସିଲର ନିରୋଜ ସାହୁ, ସମାଜସେବୀ ଅମର କୁମାର ସେଠି, ମନୋଜ ସାହୁ ଓ ହେମନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ରଘୁବଂଶୀ ପରିବାର ବର୍ଗଙ୍କୁ ସାଧୁବାଦ ଜଣାଇବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରୀନା ରଘୁବଂଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ପରିଚାଳନାରେ ରାଜବୀର ରଘୁବଂଶୀ, ରଣବୀର ରଘୁବଂଶୀ, ରୀତିକା ରଘୁବଂଶୀ, ପ୍ରିୟାଂଶୁ ସୋନକାର, ଲକ୍ଷ୍ମୀଧର ବେହେରା, ଆକାଶ କୁମାର ବେହେରା, ଅମିତ ମଣ୍ଡଳ, ଶିବାନନ୍ଦ ସି, ଭିକି କୁଅଁରବାବୁ ଓ ମାନସ ରଞ୍ଜନ ବେହେରା



ପରିଚାଳନା କରିବାରେ ସହଯୋଗ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦାର ଡା. ଆଶୀର୍ବାଦ ଶର୍ମାଙ୍କ ନେତୃତ୍ୱରେ ରୁଚିକା ଖୁରାନା, ଶକୁନ୍ତଳା ମହାନ୍ତ ଓ ବିଶ୍ୱଜିତ ପରିଡ଼ା ରକ୍ତ ସଂଗ୍ରହ କରିଥିଲେ।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ସପ୍ତାହ ପାଳନ

# ଚାରାରୋପଣ କରି ପ୍ରକୃତି ମା'ର ଋଣ ସୁଝିବାକୁ ଆହ୍ୱାନ



**ବାରିପଦା, ୭।୭ (ସମିସ)**

ମୟୂରଭଞ୍ଜ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବନ ବିଭାଗର ସହଯୋଗରେ ଏମ୍‌କେସି ହାଇସ୍କୁଲ ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ସୁଦୀପ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିବାସହ ଶିକ୍ଷାର୍ଥୀଙ୍କୁ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଉପଦେଶ ଦେଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ପୂର୍ଣ୍ଣିମା ଜେନା, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁମନ କୁମାର ମିଶ୍ର, ପରିବାର ଅଦାଲତ ଜଜ୍ ପ୍ରଜ୍ୟୋତି ରାଉତ, ପକ୍ସୋ କୋର୍ଟ ସ୍ୱତନ୍ତ୍ର ଜଜ୍ ପ୍ରତିମା ପାତ୍ର, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ସିଭିଲ କୋର୍ଟ ରେଜିଷ୍ଟ୍ରାର ନିହାର ରଞ୍ଜନ ସାହୁ, ସିନିୟର ସିଭିଜ ଜଜ୍ (ଏଲ୍ଆର ଓ ଏଲ୍‌ଡିଭି) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ୍ ସତରୂପ ଶତପଥୀ, ଅତିରିକ୍ତ ସିନିୟର ସିଭିଲ ଜଜ୍ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ୍ ଡା. ନିଶାକର ସାହୁ, ଏସ୍‌ଡିଜେଏମ୍ ଜୁୱେଲ ପଟ୍ଟନାୟକ, ଜେଏମ୍‌ଏଫ୍‌ସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମ୍‌ଏସ୍‌ସି କୁମାରୀ ମଧୁଶ୍ରବା ମହାନ୍ତି, କୁମାରୀ ସୀମା ଅଗରୱାଲା, ଶୁଭ୍ରାଂଶୁ ଠାକୁର ସମେତ ବନଖଣ୍ଡ ଅଧିକାରୀ ଏ ଉମା ମହେଶ, ଏମ୍‌କେସି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ଯୋଗଦେଇ ଚାରାରୋପଣ କରିଥିଲେ। ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି, ବନବିଭାଗ ଓ ଆଇନସେବା ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ।

**ମୋରଡ଼ା:** ମୋରଡ଼ା ବ୍ଲକ ଗଡ଼ିଗାଁ ପଞ୍ଚାୟତରେ ଥିବା ପିଏମଶ୍ରୀ ବିଦ୍ୟାଳୟ ପକ୍ଷରୁ ସ୍କୁଲ ପରିସରରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭରତଚନ୍ଦ୍ର ମଲ୍ଲିକଙ୍କ ପୌରୋହିତ୍ୟରେ ପିଲାମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧ ଲିଖନରେ ଦଶମ ଶ୍ରେଣୀ ଛାତ୍ରୀ କରିସ୍ମା ମହାନ୍ତ ଏବଂ ଚିତ୍ରାଙ୍କନରେ ନବମ ଶ୍ରେଣୀ ଛାତ୍ର କୃଷ୍ଣ ମହାନ୍ତ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସ୍କୁଲ ପରିସରରେ ଆମ୍ବ, ପିଜୁଳି, ପଣସ ଆଦି ଚାରାରୋପଣ କରିଛନ୍ତି। ଇକୋକ୍ଲବ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ପ୍ରଭାତ ସାହୁ, ସରୋଜ ବେହେରା, ହୃଷିକେଶ ପାତ୍ର ଓ ନରୋତ୍ତମ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





**ଠାକୁରମୁଣ୍ଡା:** ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରାରୋପଣ ଓ ବିତରଣ କାର୍ଯ୍ୟ ଠାକୁରମୁଣ୍ଡାସ୍ଥିତ ଭୂମି ନର୍ସରୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ନର୍ସରୀର ପ୍ରମୁଖ ପ୍ରିୟବ୍ରତ ସିଂଙ୍କ ତତ୍ତ୍ୱାବଧାନରେ ଯୁଆଳିକଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ପରିବେଶ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ସ୍ଥାନୀୟ ବିଧାୟକ ପଦ୍ମଚରଣ ହାଇବୁରୁ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ଶିମିଳିପାଳ ଉତ୍ତରର ଉପନିର୍ଦ୍ଦେଶକ ପ୍ରଶାନ୍ତ ପଟେଲ, ଏସିଏଫ୍ ପ୍ରଭାତ କୁଅଁର, ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଚାରା ବିତରଣ କରିବା ସହିତ ନିକଟସ୍ଥ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ସରପଞ୍ଚ ସୁଜିତ ଲୁଗୁନ, ବିଜେପି କର୍ମକର୍ତ୍ତା ବିମଳ ସେନାପତି, ତାରାକାନ୍ତ ପଟ୍ଟନାୟକ, ରଞ୍ଜିତ ବେହେରା, ଏସ୍‌ଏସ୍‌ଜି କର୍ମକର୍ତ୍ତା ରୀନାରାଣୀ ମହାନ୍ତ, ଜ୍ୟୋତ୍ସ୍ନା ପାଣିଗ୍ରାହୀ, ବନକ୍ଷେତ୍ର କର୍ମଚାରୀ, ବନପାଳ ବିଦ୍ୟାଧର ମହାନ୍ତ, ନଳିନୀ ମହାନ୍ତ, ଚନ୍ଦ୍ରଭାନୁ ମହାନ୍ତ, ବନରକ୍ଷୀ ପ୍ରମୋଦ ମହାନ୍ତ, ଗାୟତ୍ରୀ ମହାନ୍ତ ସ୍ଥାନୀୟ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।



**ବିଶୋଇ:** ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇ ବନମହୋତ୍ସବ ପାଳନ ହୋଇଯାଇଛି। କୁରୁକୁଟିଆ ଗ୍ରାମ ବନ ସୁରକ୍ଷା ସମିତି ସହଯୋଗରେ ରବିବାର କୁରୁକୁଟିଆ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲ, ବଡ଼ଶିଆଳି ନଇ ଗ୍ରାମ୍ୟ ଜଙ୍ଗଲରେ ଚାରାରୋପଣ କରାଯାଇଛି। ଏଥିରେ ବଡ଼ଶିଆଳି ନଇ ସରପଞ୍ଚ ଧନେଶ୍ୱର ସୋରେନ ଚାରାରୋପଣ କରିଥିଲେ। ସେହିପରି ବୁଢୀଖୋମାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଧ୍ୟ ମଣଦା ବନାଞ୍ଚଳ ସହଯୋଗରେ କୁନି କୁନି ଛାତ୍ରଛାତ୍ରୀ ଓ ଶିକ୍ଷକ ଚାରାରୋପଣ କରି ବନମହୋତ୍ସବ ପାଳନ କରିଛନ୍ତି। ଏସିଏଫ ତଥା ମଣଦା ବନାଞ୍ଚଳ ଭାରପ୍ରାପ୍ତ ରେଞ୍ଜର ଧରିତ୍ରୀ ମୁର୍ମୁ ସମସ୍ତ ସ୍ଥାନରେ ଯୋଗଦେଇ ଚାରାରୋପଣ କରି ପ୍ରକୃତି ମା'ର ଋଣ ସୁଝିବାକୁ ଆହ୍ୱାନ କରିଥିଲେ। ବିଷୟ ଭିତ୍ତିକ ବିଶେଷଜ୍ଞ ଲୋକନାଥ ସାହୁ ନିଜ ନିଜ ମା'ଙ୍କ ଉଦ୍ଦେଶ୍ୟରେ ସମସ୍ତେ ଗୋଟିଏ ଗୋଟିଏ ଲେଖାଏଁ ଚାରାରୋପଣ କରିବା ଆବଶ୍ୟକ ବୋଲି କହିଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସଂଯୋଜକ ବିଜୟକେତନ ବିଶ୍ୱାଳ ଓ ରାଜୀବ ଲୋଚନ ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନପାଳ ଇବତୀଶ୍ୟାମ ସାଇଁୟା, ବନରକ୍ଷୀ ଯାଜ୍ଞସେନି ମହାନ୍ତ, କୁରୁକୁଟିଆ ଭିଏସଏସ୍ ସଭାପତି ସୁଶୀଲ ମହାନ୍ତ, କୋଷାଧ୍ୟକ୍ଷ ଦିଲ୍ଲୀପ ମହାନ୍ତ, ଯଯାତିକେଶରୀ ମହାନ୍ତ, ରଞ୍ଜନ ନନ୍ଦ, ଆନିମେଟର ମିନା କୁମାରୀ ମହାନ୍ତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

**ବେତନଟୀ:** କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଡଃ ମନ୍ଦାକିନୀ ସାହୁଙ୍କ ଅଧ୍ୟକ୍ଷତାରେ ତଥା ଯୁବ ରେଡକ୍ରସ ସହାୟତାରେ କୃଷ୍ଣଚନ୍ଦ୍ର କଲେଜ ପରିସରରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଯୁବରେଡକ୍ରସର କାଉନସିଲର ପଦାର୍ଥ ବିଜ୍ଞାନର ଅଧ୍ୟାପକ ସୁଜିତ ଦାସ, ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଉବେନ୍ଦ୍ର କୁମାର ଦେ, ଇଂରାଜୀ ଅଧ୍ୟାପକ ସେକାଉତ ଅଲ୍ଲୀ ଏବଂ ବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ଛାତ୍ରଛାତ୍ରୀଙ୍କୁ ବୃକ୍ଷର ଉପକାରୀତା ଓ ଆବଶ୍ୟକତା ବୁଝାଇଥିଲେ।



## ମଦ କାଉଣ୍ଟର କର୍ମଚାରୀଙ୍କୁ ଆକ୍ରମଣ ଘଟଣା; ୨ ଗିରଫ

**ମୋରଡା, ୭।୭ (ସମିସ):** ମଦ କାଉଣ୍ଟର କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ରାସଗୋବିନ୍ଦପୁର ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦ୍ୱୟ ହେଲେ ବ୍ରହ୍ମାନନ୍ଦ ଗ୍ରାମର ରଞ୍ଜନ ମହୁରୀ ଏବଂ ପଥୁରିଆ ଗ୍ରାମର ତପୁ ରାମ। ରଞ୍ଜନ ଓ ତପୁ ଉକ୍ତ ଥାନା ଅଧୀନ ଖୁଣ୍ଟାରେ ଥିବା ବିଦେଶୀ ମଦ ଦୋକାନକୁ ଆସି ଦୋକାନ କର୍ମଚାରୀ ଜୟନ୍ତ ପାତ୍ରଙ୍କୁ ୫୦ହଜାର ଟଙ୍କା ମାଗିଥିଲେ। ଜୟନ୍ତ ମନା କରିବାରୁ ଉଭୟେ ତାଙ୍କୁ ଆକ୍ରମଣ କରିବାରୁ ଜୟନ୍ତ ଗୁରୁତର ଆହତ ହୋଇଥିଲେ। ପରେ ଜୟନ୍ତଙ୍କ ଫୋନ, ୩ ହଜାର ଟଙ୍କା ନେଇ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଥାନାରେ ମାମଲା ରୁଜୁ ହେବା ପରେ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ତଦନ୍ତ କରି ଉକ୍ତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।


## ପୁଷ୍ଟିକର ଖାଦ୍ୟପୁଡ଼ିଆ ବଣ୍ଟନ

**ମହୁଲଡିହା, ୭।୭ (ସମିସ):** ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଠାକୁରମୁଣ୍ଡା ଶାଖା ପକ୍ଷରୁ ଯକ୍ଷ୍ମାରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟପୁଡ଼ିଆ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ମାଧବ ନାଏକ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟର ଚିକିତ୍ସକ ଡା.ଗୌରବ ସର୍ଦ୍ଦାର, ପିଏଚ୍‌ଇଓ ଆରତୀ ବେହେରା, ଫାର୍ମାସିଷ୍ଟ କାଳିଚରଣ ରାଉତ, ବିପିଏମ ସତ୍ୟବ୍ରତ ଦାସ, ଏସ୍‌ଟିଏସ୍ ଦିପକ କୁମାର ନାଏକ, ଏସ୍‌ଟିଏଲ୍‌ଏସ୍ ଅନଙ୍ଗ ଦେବ ବାରିକ ଓ ଏଲ୍‌ଟି ସସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ବାରିପଦା, ୭।୭ (ସମିସ):** ସ୍ଥାନୀୟ ତୁଳସୀଚଉରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ସୁଧୀର ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତିଲତା ମହାପାତ୍ର ଯୋଗଦେଇ ଶିଶୁଶିକ୍ଷଣରେ ଭାରତୀୟ ସଙ୍କଳ୍ପନା ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷା ବିକାଶ ସମିତି ଯୋଜନାରେ ଉତ୍ତର ସମ୍ଭାଗର ସଂଯୋଜକ କ୍ଷେତ୍ର ମୋହନ ଦାସ ଜାତୀୟ ଶିକ୍ଷା ନୀତି ଆଧାରରେ ଶିଶୁବାଟିକାର ଶିକ୍ଷା ବ୍ୟବସ୍ଥା ଉପରେ ବିଶେଷ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ମାତୃମଣ୍ଡଳୀଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ନିଜର ବକ୍ତବ୍ୟ ରଖିଥିଲେ। ଶିଶୁବାଟିକା ପ୍ରମୁଖ ଅପର୍ଣ୍ଣା ସାହୁ ସଂଯୋଜନା ଏବଂ ସବିତା ଗୁରୁମା, ମାଣିକେଶ୍ୱରୀ ଗୁରୁମା, ଯାମିନି ଗୁରୁମା, ପଙ୍କଜିନୀ ଦିଦିଙ୍କ ସହଯୋଗରେ ନୂତନ ଶିକ୍ଷା ନୀତି ସହ ଅଭିଭାବିକାମାନଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା।

## ବ୍ୟାଙ୍କ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



**ରାଇରଙ୍ଗପୁର, ୭।୭ (ସମିସ):** ସ୍ଥାନୀୟ କଲ୍ୟାଣମଣ୍ଡପରେ ରାଇରଙ୍ଗପୁର କାନାରା ବ୍ୟାଙ୍କ ତରଫରୁ ବରିଷ୍ଠ କର୍ମଚାରୀ ରଜତ କୁମାର ନନ୍ଦଙ୍କୁ ଅବସର ସମ୍ବର୍ଦ୍ଧନା କରାଯାଇଛି। କାର୍ଯ୍ୟକ୍ରମରେ ସିନିଅର ମ୍ୟାନେଜର ସାଓନା ଟୁଡୁ, ମ୍ୟାନେଜର ମାଲା ସାର୍, ବ୍ୟାଙ୍କର ଉପସଭାପତି ଆର୍‌ସି ପାଣିଗ୍ରାହୀ, ସହ ସମ୍ପାଦକ ବି.କେ ସିଂ, ରାଇରଙ୍ଗପୁର ହାଇସ୍କୁଲ ବରିଷ୍ଠ ଶିକ୍ଷକ ରଞ୍ଜନ ନନ୍ଦ, ଗୋରୁମହିଷାଣୀ ଆଇରନ ଯୁକ୍ତଦୁଇ କଲେଜ ଅଧ୍ୟାପକ ଡ. ଦିଗମ୍ବର ଗିରି ପ୍ରମୁଖ ଅବସରପ୍ରାପ୍ତ ଶ୍ରୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବସର ପରେ ସେ ନିଜକୁ ସମାଜସେବାରେ ନିୟୋଜିତ କରିବେ ଏବଂ ବୃଦ୍ଧାଶ୍ରମ କରି ବରିଷ୍ଠମାନଙ୍କ ସେବାରେ ନିଜକୁ ନିୟୋଜିତ କରିବେ।

## ଲଗାଣ ବର୍ଷାରେ ଦୁର୍ବଳ କଚ୍ଚାଘର ବାସିନ୍ଦାଙ୍କୁ ସହାୟତା ଦାବି



**ବହଲଦା/ତିରିଂ, ୭।୭ (ସମିସ):** ଚଳିତ ବର୍ଷ ମାତ୍ରାଧିକ ତଥା ଲଗାଣ ବର୍ଷା ଫଳରେ ମାଟିକାନ୍ଥ ଯୁକ୍ତ କଚ୍ଚାଘର ବାସିନ୍ଦାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତିରିଂ ବ୍ଲକ ଅଧୀନ ଗିତିଲତା ଗ୍ରାମର ସାନ୍ଦେ ବିରୁଆଙ୍କ କଚ୍ଚାଘର ଲଗାଣ ବର୍ଷାରେ ଦୁର୍ବଳ ହୋଇଥିବାରୁ ଘର ଭୁଶୁଡ଼ିବା ଆଶଙ୍କାରେ ସପରିବାର ନିରୁପାୟ ହୋଇରହୁଥିବା ବେଳେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ସାନ୍ଦେଙ୍କ ପରିବାରରେ ସ୍ତ୍ରୀ, ପିଲା ଛୁଆଙ୍କ ସହିତ ମୋଟ ୭ ଜଣ ରହୁଛନ୍ତି। ନଡ଼ା ଛପର ଘର ଛଡ଼ା ଅନ୍ୟ କୌଣସି ଠିକଣା ନଥିବାରୁ ଭାଗ୍ୟକୁ ଆଦରି ଭଗବାନ ଭରସାରେ ରହୁଛନ୍ତି। ଏପରିକି ତିରିଂ ବ୍ଲକ ଅଞ୍ଚଳର ବହୁ ପରିବାର ଏହିପରି ଦୟନୀୟ ସ୍ଥିତିରେ ରହୁଛନ୍ତି। କାହା ଘର ଛାତରୁ ପାଣି ଗଳୁଛି ତ କାହାର କାନ୍ଥରୁ ମାଟି ଅତଡ଼ା ଖସୁଛି। ଆଦିବାସୀ ଅଧ୍ୟୁଷିତ ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଅଧିକାଂଶ ପରିବାର ଗରିବ ଶ୍ରେଣୀର ଏବଂ କଚ୍ଚାଘରରେ ବସବାସ କରିଥାନ୍ତି। ପ୍ରଶାସନ ପକ୍ଷରୁ ଅଘଟଣ ଘଟିବା ପୂର୍ବରୁ ସରପଞ୍ଚ, ପିଇଓ, ୱାର୍ଡମେମ୍ବର ସଦସ୍ୟଙ୍କ ଜରିଆରେ ଗ୍ରାମାଞ୍ଚଳର କଚ୍ଚାଘର ମାନଙ୍କରେ ରହୁଥିବା ଲୋକଙ୍କ ସ୍ଥିତି ସମ୍ପର୍କରେ ସର୍ବେକ୍ଷଣ କରି ତୁରନ୍ତ ସହଯୋଗ ତଥା ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରାଯିବା ନେଇ ଦାବି ହେଉଛି।

## ମୟୂରଭଞ୍ଜ ଡାକମଣ୍ଡଳ ପକ୍ଷରୁ 'ଫରଏଭର୍ ଇନ୍ ଲେଟର୍ସ୍' କାର୍ଯ୍ୟକ୍ରମ

**ବାରିପଦା, ୭।୭ (ସମିସ):** ସାଧାରଣ ଲୋକଙ୍କ ମନରେ ଥିବା ଭାବନାକୁ ଚିଠି ମାଧ୍ୟମରେ ପ୍ରକାଶ କରିବାକୁ ଡାକ ବିଭାଗ ତରଫରୁ ସର୍ବଭାରତୀୟ ସ୍ତରରେ ଏକନିଆରା ପ୍ରୟାସକୁ ମୟୂରଭଞ୍ଜ ଡାକମଣ୍ଡଳ, ବାରିପଦା ପକ୍ଷରୁ ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ସ୍କୁଲରେ 'ଫର ଏଭର ଇନ୍ ଲେଟର୍ସ୍' ନାମକ ଚିଠି ଲେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିନୋଟି ବୟସ ବର୍ଗର ଛାତ୍ରଛାତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇଥିଲେ। ବିଭାଗ ପକ୍ଷରୁ ଲେଖିବା ପାଇଁ ସମସ୍ତଙ୍କୁ ମାଗଣାରେ ପୋଷ୍ଟକାର୍ଡ, ଅନ୍ତର୍ଦେଶୀୟ ପତ୍ର ଓ ଲଫାପା ଆଦି ଦିଆଯାଇଥିଲା। ସ୍ଥାନୀୟ ବୁଦ୍ଧିଜୀବୀ କବି ବିଷ୍ଣୁ ଶତପଥୀ, ସଞ୍ଜୀବ ରାଉତ, ଅଭିଜିତ ମହାନ୍ତି ପ୍ରମୁଖ ଡାକ ବିଭାଗର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଚିଠି କିପରି ସେମାନଙ୍କ ପିଲାବେଳର ଏକମାତ୍ର ଯୋଗାଯୋଗର ମାଧ୍ୟମ ଥିଲା ତାହା ବର୍ଣ୍ଣନା କରିଥିଲେ। ଯୁବପିଢ଼ି ଓ ଛାତ୍ରଛାତ୍ରୀ ଚିଠି ଲେଖିବା ବେଳେ ଉତ୍ସାହିତ ହୋଇଥିଲେ। ମୟୂରଭଞ୍ଜ ଡାକମଣ୍ଡଳର ଅଧିକ୍ଷକ ଜଗଦୀଶ ଦାଶ, ଉପଅଧିକ୍ଷକ ପ୍ରଣବ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଡାକବିଭାଗର ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ମହାନ୍ତ, ବିଭୂଦତ୍ତ ସାହୁ, ସୌରଭ କୁମାର ପାଲ, ଚନ୍ଦ୍ରଶେଖର ମହାନ୍ତି, ରବିରଞ୍ଜନ ସେନାପତି, ନୟନରଞ୍ଜନ ସାହୁ, ବିଧୁଭୂଷଣ ବେହେରା, ତପେଶ୍ୱର ମିଶ୍ର ଓ ରତନ ହେମ୍ବ୍ରମ ସହଯୋଗ କରିଥିଲେ। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ସମୟରେ ଡାକ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତେ ପ୍ରଶଂସା କରିଥିଲେ ଏବଂ ଚିଠି ଲେଖାକୁ ଜାରିରଖିବେ ବୋଲି ମତବ୍ୟକ୍ତ ରଖିଥିଲେ।



## ୯ରେ ଦେଶବ୍ୟାପୀ ଧର୍ମଘଟର ସଫଳତା ପାଇଁ ପଥପ୍ରାନ୍ତ ସଭା

**ସାରସକଣା/ଝରପୋଖରିଆ, ୭।୭ (ସମିସ):** କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ୯ ତାରିଖରେ ଦେଶବ୍ୟାପୀ ଧର୍ମଘଟ ଅନୁଷ୍ଠିତ ହେବାକୁ ଯାଉଛି। ୪ଟି ଶ୍ରମ କୋର୍ଡ ବାତିଲ କରିବା, ଚାଷୀର ଏମ୍‌ଏସ୍‌ପିକୁ ଆଇନଗତ ସ୍ୱୀକୃତି, ଜାତୀୟ ଶ୍ରମ ସମ୍ମିଳନୀ ତୁରନ୍ତ ଡକାଇବା, ଆଶା, ଅଙ୍ଗନବାଡ଼ି ଓ ପାଚିକା ସହାୟିକାଙ୍କୁ ଶ୍ରମିକର ମାନ୍ୟତା ସହ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ମଜୁରୀ ପ୍ରଦାନ କରିବା, ମନରେଗାରେ ବର୍ଷକୁ ୨୦୦ ଦିନର କାମ ସହ ଦୈନିକ ୬୦୦ ଟଙ୍କା ମଜୁରୀ ଧାର୍ଯ୍ୟ କରିବା, ଦରବୃଦ୍ଧି ନିୟନ୍ତ୍ରଣ କରିବା, ପୁରୁଣା ପେନ୍‌ସନ୍ ଯୋଜନା ଚାଲୁ କରିବା, ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ, ସର୍ବୋଚ୍ଚ ନ୍ୟାୟାଳୟର ଆଦେଶ ମତେ ଇପିଏଫ ପେନସନ ମାସିକ ୯ ହଜାର ଟଙ୍କା ଲାଗୁ କରିବ ଆଦି ୧୭ ଦଫା ଦାବିକୁ କାର୍ଯ୍ୟକାରୀ କରିବାକୁ ଉଭୟ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ଧର୍ମଘଟ ଆୟୋଜିତ ହେବ। ଆଜି ବମ୍ବେ ଛକରେ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା, ଜିଲ୍ଲା କମିଟି ପକ୍ଷରୁ ପଥପ୍ରାନ୍ତ ସଭା ପୂର୍ଣ୍ଣିମା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ଜିଲ୍ଲା ସମ୍ପାଦିକା ମଧୁସ୍ମିତା ମହାନ୍ତ ଓ ଜିଲ୍ଲା ପରିଷଦ ସଭ୍ୟ ଶୁକଦେବ ସିଂ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ମଞ୍ଜୁଲତା ମହାନ୍ତ, ସରିତା ସିଂ, ଚଞ୍ଚଳା ମହାନ୍ତ, ବିନ୍ଦୁ ଲତା, ରଶ୍ମିତା ମହାନ୍ତ, ଗୁଲମଣି, କଳ୍ପନା ନାଏକ, ଉର୍ବଶୀ ସିଂ, ରଙ୍ଗ ନାଏକ, ରୂପା ସି, ଉଷା ନାଏକ, କୁନ୍ତୀ ମହାନ୍ତ ଓ ରେବତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ନୂତନ ଓଡ଼ିଆ ବର୍ଣ୍ଣମାଳା ପୁସ୍ତକ ଲୋକାର୍ପିତ



**ରାଇରଙ୍ଗପୁର, ୭।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର କୁଡୁମୀ ଭବନରେ ୩ ନୂତନ ଓଡ଼ିଆ ବର୍ଣ୍ଣମାଳା ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ପୁସ୍ତକ ଗବେଷକ, ପ୍ରକଳ୍ପ ସଂଯୋଜକ, ଶିକ୍ଷା ସଂସ୍କାରକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ଦାସଙ୍କ ଦ୍ୱାରା ରଚିତ ତିନୋଟି ଶିଶୁ ମନ ମନ୍ଦିର ପୁସ୍ତକ ଉନ୍ମୋଚିତ ହୋଇଛି। ପୁସ୍ତକଗୁଡ଼ିକର ନାମ ଶିଶୁ ମନ ମନ୍ଦିର ପ୍ରଥମ ଭାଗ ଗଣିତ ବିଭାଗ, ପ୍ରାରମ୍ଭ ପ୍ରାଥମିକ ନୂତନ ଓଡ଼ିଆ ଶିକ୍ଷା ପଦ୍ଧତି ସାହିତ୍ୟ ଏବଂ ପ୍ରାରମ୍ଭ ପ୍ରାଥମିକ ଓଡ଼ିଆ ଶିକ୍ଷା ବିକାଶର ମାର୍ଗ ନାମକରଣ କରାଯାଇଛି। ମୁଖ୍ୟଅତିଥି ଭାବେ ଆଇରନ୍ କଲେଜର ପ୍ରଫେସର ଡ. ଦିଗମ୍ବର ଗିରି ଏବଂ ସମ୍ମାନିତ ଅତିଥି ଭାବେ ଉଦ୍‌ଘୋଷକ ତଥା ସ୍ତମ୍ଭକାର ଲଳିତ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଶଶିକାନ୍ତ କର ଯୋଗଦେଇଥିଲେ। ଶେଷରେ ପୁସ୍ତକ ଗବେଷକ ପରମାନନ୍ଦ ଦାସଙ୍କ ପୁତ୍ର ମାନସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସୌମିକ ଦାସ ଓ ପରିବାରବର୍ଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରାସ୍ତା ମଝିରେ ଗର୍ତ୍ତ; ମରାମତି ପାଇଁ ଦାବି

**କରଞ୍ଜିଆ, ୭।୭ (ସମିସ):** କରଞ୍ଜିଆ ସହରର କଚେରି ଛକରୁ କଲେଜ ଆଡ଼କୁ ଯାଇଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର କଲ୍ୟାଣମଣ୍ଡପ ନିକଟ ରାସ୍ତାରେ ଏକ ଗର୍ତ୍ତ ବିପଦର କାରଣ ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମରାମତି କରାଯାଉନଥିବା ଅଭିଯୋଗ ହେଉଥିବା ବେଳେ ଗର୍ତ୍ତ ବୁଜିବା ପରିବର୍ତ୍ତେ ସୂଚନା ଦେବା ପାଇଁ ଡାଳ ପୋତାଯାଇଥିବାରୁ ଚର୍ଚ୍ଚା ହେଉଛି। ଉକ୍ତ ରାସ୍ତାରେ କଲେଜ ପିଲାଙ୍କ ସମେତ ଅନେକ ଲୋକେ ଅନ୍ୟାନ୍ୟ କାମରେ ଯିବାଆସିବା କରନ୍ତି। ହେଲେ ଏଥିପ୍ରତି ନା ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଅଛି ନା ବିଜ୍ଞାପିତ ଅଞ୍ଚଳର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇଛି। ରାସ୍ତା ମଝିରେ ଜନସ୍ୱାସ୍ଥ୍ୟ ବିଭାଗର ଜଳ ଯୋଗାଣ ପାଇପ ସବୁ ଆଗରୁ ବିଛା ଯାଇଥିବା ଦ୍ୱାରା ଏବେ ପାଣି ପାଇଁ ଲୋକେ ରାସ୍ତାକୁ ଖୋଳି ପାଇପ ସଂଯୋଗ କରୁଥିବାରୁ ଏ ପ୍ରକାର ଗର୍ତ୍ତ ସୃଷ୍ଟି ହେଇ ସମସ୍ୟା ଉପୁଜିଛି। ରାସ୍ତା ମରାମତି ନିମନ୍ତେ ଲୋକେ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଟଙ୍କା ଜମା କରୁଥିଲେ ମଧ୍ୟ ଅବହେଳା ମନୋଭାବ ଯୋଗୁଁ ଲୋକେ ହଇରାଣ ହରକତ ହେଉଛନ୍ତି। ଏଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦାବି କରାଯାଇଛି।



# ବିନାଫଳକରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ

**ଶରତ, ୭।୭ (ସମିସ)**

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅଧୀନ କଳମଗଡ଼ିଆ ପଞ୍ଚାୟତ କଳମଗଡ଼ିଆ ଗ୍ରାମରେ ୧୯୯୪ ମସିହାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଏହି କେନ୍ଦ୍ର ପ୍ରତିଷ୍ଠା ହୋଇ କଳମଗଡ଼ିଆ ତଥା ସମଗ୍ର ଶରତ ଅଞ୍ଚଳର ଗରିବ ଆଦିବାସୀ ଓ ଅବହେଳିତ ବର୍ଗଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛି। ରାଜ୍ୟ ସରକାରଙ୍କ ଓମ୍ଫୁଡ୍‌ସ ଫଣ୍ଡ ଦ୍ୱାରା ସେହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଘର ନିର୍ମାଣ କରାଯାଇ ଭିତ୍ତିଭୂମିର ବିକାଶ କରାଯାଇଛି। ରୋଗୀଙ୍କ ଶୋଇବା ତଥା ଚିକିତ୍ସା ନିମନ୍ତେ ଆବଶ୍ୟକ ଘର ନଥିବାରୁ ଏକ ବଡ଼କୋଠା ନିର୍ମାଣ କରିବା ନିମନ୍ତେ ଲୋକେ ବାରମ୍ବାର ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ।।



ତତ୍କାଳୀନ ସରକାର ୨୦୨୧ ମସିହାରେ କଳମଗଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଆଣିବା ନିମନ୍ତେ ପ୍ରାୟ ୩ କୋଟି ଟଙ୍କା ଅଟକଳ ବ୍ୟୟରେ ବିଲ୍ଡିଂ ଗୃହ ନିର୍ମାଣ କରିବା ନିମନ୍ତେ ଅର୍ଥ ଅନୁମୋଦନ କରିଥିଲେ। ୨୦୨୨ ମସିହାରେ ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି ସତ କିନ୍ତୁ ସମ୍ପୃକ୍ତ ଠିକାଦାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ପ୍ରକଳ୍ପ ନିର୍ମାଣ ଚାଲିଛି କିନ୍ତୁ ସେଠାରେ କୌଣସି ସୂଚନାଫଳକ ଲାଗୁ ନାହିଁ। ଫଳକ ଲାଗିନଥିବାରୁ କେଉଁ ଯୋଜନାରେ ପ୍ରକଳ୍ପ ଅନୁମୋଦିତ ହୋଇଛି ଏବଂ କେତେ ଟଙ୍କାରେ ତାହା ଅନୁମୋଦନ ହୋଇ ନିର୍ମାଣ କାର୍ଯ୍ୟ ଚାଲିଛି ତାହା ଲୋକେ ଜାଣିପାରୁନାହାଁନ୍ତି। ଫଳକ ଲାଗି ନ ଥିବାରୁ ଏହା ସମ୍ପୃକ୍ତ ଠିକାଦାରଙ୍କ ମନ୍ଦ ଉଦ୍ଦେଶ୍ୟକୁ ପ୍ରମାଣିତ କରୁଛି ବୋଲି ଗ୍ରାମର ମାଦେ ଆଙ୍ଗାରାଇ, ଚମ୍ପା ମହାକୁଡ, ବୁଦ୍ଧିଆ ମହାକୁଡ, ବନମାଳୀ ମହାକୁଡ, କନ୍ଦା କୁଦେଦା, ଜାମାଦାର ବାଲମୁଚୁ ପ୍ରମୁଖ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ପ୍ରକଳ୍ପର ସମୀକ୍ଷା କରିବା ନିମନ୍ତେ 'ଶରତ ବିକାଶ ମଞ୍ଚ' ତରଫରୁ ନିବେଦନ କରାଯାଇଛି। ଜିଲ୍ଲା ପ୍ରଶାସନ ପ୍ରକଳ୍ପ କାର୍ଯ୍ୟକୁ ସମୀକ୍ଷା ନ କଲେ ବିକାଶ ମଞ୍ଚ ତରଫରୁ ଭିଜିଲାନ୍ସରେ ମାମଲା ଦାୟର କରାଯିବ ବୋଲି ଚେତାବନୀ ଦେଇଛି। ସ୍ୱାସ୍ଥ୍ୟାସେବା ଏବଂ ସ୍ୱାସ୍ଥ୍ୟା ବିଭାଗଙ୍କ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନିର୍ମାଣ ହେଉଥିବା ପ୍ରକଳ୍ପ ଏତେ ଦିନଧରି ଅଧପନ୍ତରିଆ ହୋଇପଡ଼ିଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନ କେମିତି ଜାଣି ପାରୁନାହାଁନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଅନିୟମିତତା ଅଭିଯୋଗ ଆଣିଲେ ଗ୍ରାମବାସୀ**

## ସର୍ବଭାରତୀୟ ଧର୍ମଘଟକୁ ପରିବହନ ଶ୍ରମିକ ସଂଘର ସମର୍ଥନ

**ବାରିପଦା, ୭।୭ (ସମିସ):** ଜୁଲାଇ ୯ ତାରିଖରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘର ସମର୍ଥନ କରିଛି। ସଂଘ ତରଫରୁ ମୁନିସିପାଲିଟି ବସଷ୍ଟାଣ୍ଡରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ୧୭ ଦଫା ଦାବିରେ ବାରିପଦା ଶ୍ରମିକ ସଂଘ ତରଫରୁ ୯ ତାରିଖରେ ଏହି ଧର୍ମଘଟକୁ ସଫଳ ପାଇଁ ସଂଘର ସଭାପତି ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବାମପନ୍ଥୀ ନେତା ରବି ଗୋସ୍ୱାମୀ କେନ୍ଦ୍ର ସରକାରଙ୍କର ଶ୍ରମିକ ମାରଣ ନୀତି ବିରୁଦ୍ଧରେ ତାଙ୍କର ବକ୍ତବ୍ୟ ରଖିଥିଲେ। ସଂଘର ସାଧାରଣ ସମ୍ପାଦକ ମନୋରଞ୍ଜନ ପରିଡ଼ା, ସମ୍ପାଦକ ଗଙ୍ଗାଧର ସାମଲ, ଅଶୋକ ଭଞ୍ଜଦେଓ, ଉପ-ସଭାପତି ସୁବାସ ତ୍ରିପାଠୀ ପ୍ରମୁଖ ଧର୍ମଘଟକୁ ସଫଳ କରିବା ପାଇଁ ସେମାନଙ୍କର ବକ୍ତବ୍ୟରେ ଅନୁରୋଧ କରିଥିଲେ। ସଭାପତି ଶ୍ରୀ ପଣ୍ଡା ତାଙ୍କ ଭାଷଣରେ ପରିବହନ ଶ୍ରମିକମାନଙ୍କର ସମସ୍ୟା ସମ୍ପର୍କରେ ସୂଚନା ଦେଇ ଧର୍ମଘଟକୁ ସଫଳ ପାଇଁ ସମସ୍ତ ପରିବହନ କର୍ମଚାରୀ ଓ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଷ୍ଟାଣ୍ଡ ସମ୍ପାଦକ ଶରଥ ରାଉତ, ଉପସଭାପତି ଅଶୋକ ବେହେରାଙ୍କ ସମେତ ଶତାଧିକ କର୍ମଚାରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା।

-ସୁନ ଜୁ

ସକାଳ THE SAKALA

## ତୁର୍କୀ ବିରୋଧୀ କୂଟନୀତି

ଛୋଟ ସଫଳତା ହେଲେ ମଧ୍ୟ ଅନୁଭବ ବଡ଼। 'ଅପରେସନ ସିନ୍ଦୂର' ପ୍ରେକ୍ଷାପଟରେ ତୁର୍କୀ ଓ ଆଜରବାଇଜାନ୍ ଖୋଲାଖୋଲି ଭାବେ ପାକିସ୍ତାନକୁ ସମର୍ଥନ ଦେବା, ବିଶେଷକରି ତୁର୍କୀର ସାମରିକ ସାହାଯ୍ୟ ପ୍ରଦାନ ଭାରତର କୂଟନୈତିକ ବିଫଳତାକୁ ଇଙ୍ଗିତ କରୁଥିଲା। ଯୁଦ୍ଧ ବିରାମ ପରେ ଭାରତ ଏହି ଦୁଇ ରାଷ୍ଟ୍ର ବିରୋଧରେ ବାଣିଜ୍ୟିକ ଓ କୂଟନୈତିକ ସ୍ତରରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏଥିମଧ୍ୟରେ ଭାରତ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପରେ ନିଜର ସ୍ଥିତି ଜାହିର କରିଛି। ଗ୍ରୀସ, ସାଇପ୍ରସ୍ ଓ ଆର୍ମେନିଆ ସହ ଭାରତର ନିବିଡ଼ ସଂପର୍କକୁ 'ମିନିକ୍ୱାଡ୍' ର ରୂପରେଖ ଦେଇଛନ୍ତି ପର୍ଯ୍ୟବେକ୍ଷକ ମହଲ। କେବଳ ରଣନୀତିକ ସହାୟତା ନୁହେଁ, ସାମରିକ ଅସ୍ତ୍ରଶସ୍ତ୍ର ଯୋଗାଇବାର ପ୍ରତିଶ୍ରୁତି ମଧ୍ୟ ଦେଇଛି ଭାରତ। ତୁର୍କୀର ବଡ଼ଭାଇପଣିଆ ବିରୋଧରେ ରୋକ୍ ଲଗାଇବାରେ ଏହି ସଂପର୍କ ସହାୟକ ହେବ।

ତୁର୍କୀ ଓ ଆଜରବାଇଜନ୍ ସହ ଏକାଧିକ ବିବାଦରେ ଜଡ଼ିତ ଥିବା ଆର୍ମେନିଆ, ସାଇପ୍ରସ୍ ଓ ଗ୍ରୀସ୍ ପରସ୍ପର ମଧ୍ୟରେ ସହଯୋଗ ଓ ସାମରିକ ବୁଝାମଣା ମାଧ୍ୟମରେ ପ୍ରତିକୂଳ ପରିସ୍ଥିତିର ମିଳିତ ମୁକାବିଲା ସକାଶେ ନିର୍ଣ୍ଣାୟକ ନିଷ୍ପତ୍ତି ନେଇଥିବା ବେଳେ ଭାରତର କୂଟନୈତିକ ସଂପର୍କ ସ୍ଥିତିକୁ ଅଧିକ ସୁଦୃଢ଼ କରିଛି। 'ଅପରେସନ ସିନ୍ଦୂର'ରେ ଭାରତ ତାହାର ସାମରିକ ପାରଦର୍ଶିତା ପ୍ରଦର୍ଶନ କରିଥିବାରୁ ତୁର୍କୀ ସହ ମୁକାବିଲା ପାଇଁ ଏହି ସଂପର୍କର ଭିତ୍ତିଭୂମି ଅଧିକ ସଫଳ ହୋଇଛି। ବ୍ରହ୍ମୋସ କ୍ଷେପଣାସ୍ତ୍ର ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବେପାରର ସୁଯୋଗ ସଂପ୍ରସାରିତ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ଇରାନ ଉପରେ ଇସ୍ରାଏଲର ଆକ୍ରମଣ ବେଳେ ତେହେରାନରେ ଅବସ୍ଥାନ କରୁଥିବା ଭାରତୀୟ ଛାତ୍ରଙ୍କୁ ନିରାପଦରେ ଫେରାଇ ଆଣିବା ଏତେ ସହଜ ନଥିଲା। ଏ କ୍ଷେତ୍ରରେ ଆର୍ମେନିଆ ସହଯୋଗରୁ ଦ୍ୱିପାକ୍ଷିକ ସଂପର୍କର ପ୍ରତିଶ୍ରୁତିବଦ୍ଧତା ସ୍ପଷ୍ଟ ହୋଇଛି। ଇରାନ୍‌ର ନୁରଦୁଜ୍ ଆଗାରାକ୍ ସୀମା ନିକଟରୁ ୧୧୦ ଜଣ ଭାରତୀୟ ଛାତ୍ରଙ୍କୁ ଉଦ୍ଧାର କରି ଆର୍ମେନିଆ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ପଠାଇ ପାରିସ୍ପରିକ ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରିଛି।

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପ ଗସ୍ତରେ ଯାଇଥିଲେ। ତୁର୍କୀ ବିରୋଧୀ ରାଷ୍ଟ୍ରଙ୍କ ସହ ସୁସଂପର୍କ ପ୍ରତିଷ୍ଠା କରି ଆଞ୍ଚଳିକ ସ୍ତରରେ ସେମାନଙ୍କୁ ସାମରିକ ଦୃଷ୍ଟିରୁ ସମୃଦ୍ଧ ଓ ସମର୍ଥ କରିବା ସକାଶେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଉତ୍ତର ସାଇପ୍ରସ୍‌ର ଯେଉଁ ଅଞ୍ଚଳ ତୁର୍କୀର ନିୟନ୍ତ୍ରଣରେ ଅଛି ତାହା ପରିଦର୍ଶନ କରି ମୋଦୀ ପରିସ୍ଥିତିର ଗମ୍ଭୀରତାକୁ ଅନୁଶୀଳନ କରିଛନ୍ତି। ସାଇପ୍ରସ୍‌ର ଆଞ୍ଚଳିକ ସଂହତି ଓ ସାର୍ବଭୌମିତା ପ୍ରତି ଭାରତର ଅତୁଟ ସମର୍ଥନକୁ ସେ ଆଲୋଚନା ପ୍ରସଙ୍ଗରେ ଦୋହରାଇଥିଲେ। ଦ୍ୱିପାକ୍ଷିକ ସାମରିକ ସହଯୋଗର ସୂଚନା ଦେଇ ପ୍ରଧାନମନ୍ତ୍ରୀ ତୁର୍କୀକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ସାଇପ୍ରସ୍ ସହ ଭାରତର ପ୍ରତିରକ୍ଷା ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର ବେପାର ଆଗକୁ ବଢ଼ିବାର ସୂଚନା ମିଳିଛି। ଏମିତିରେ ଗ୍ରୀସ ସହ ଭାରତର ସଂପର୍କ ଆଜିର ନୁହେଁ ବହୁଦିନର। ୨୦୨୩ ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ସେହି ସଂପର୍କ ଅଧିକ ସୁଦୃଢ଼ ହୋଇଛି। ଏଥେନ୍ସରେ ସେ ଘୋଷଣା କରିଥିଲେ ଯେ ଭାରତ ପାଇଁ ଗ୍ରୀସ ୟୁରୋପର ପ୍ରବେଶ ଦ୍ୱାର। ପ୍ରତିରକ୍ଷା କ୍ଷେତ୍ରରେ ଗ୍ରୀସ ସହ ଭାରତର ସଂପର୍କ ଓ ସହଯୋଗ ପୂର୍ବ ଭଳି ଏବେ ବଳବତ୍ତର ରହିଛି। ପାକିସ୍ତାନ ଓ ତୁର୍କୀ ସଂପର୍କ ନେଇ ଭାରତ ଓ ଗ୍ରୀସ ଉଦ୍‌ବେଗ ପ୍ରକାଶ କରିବା ସହ ପାରସ୍ପରିକ ବୁଝାମଣା ଓ ସହଯୋଗ ସକାଶେ ସହମତି ପ୍ରକାଶ କରିଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ସହଭାଗିତା ସୁଦୃଢ଼ ହୋଇଛି। ଏପରକି ଭାରତୀୟ ନୌବାହିନୀର ଯୁଦ୍ଧଜାହାଜ ଭୂମଧ୍ୟ ସାଗରରେ ବିତରଣ କରୁଥିବା ବେଳେ ଗ୍ରୀସ ଉପକୂଳରେ ସାମୟିକ ଅବସ୍ଥାନ କରିଥାଏ। ଏହାକୁ ଦ୍ୱିପାକ୍ଷିକ ସଂପର୍କର ନିଦର୍ଶନ କୁହାଯାଇପାରେ।

ଆର୍ମେନିଆ, ଗ୍ରୀସ ଓ ସାଇପ୍ରସ ମଧ୍ୟରେ ୨୦୨୧ ଅଗଷ୍ଟ ୩୧ ରେ ସାମରିକ ସହଯୋଗ ସକାଶେ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏମାନେ ମିଳିତ ପ୍ରତିରକ୍ଷା ରଣକୌଶଳ ପ୍ରଦର୍ଶନ କରିବା ସହ ନିଜ ନିଜ ମଧ୍ୟରେ ସାମରିକ ଜ୍ଞାନକୌଶଳ ବିନିମୟ କରିଥା'ନ୍ତି। ତୁର୍କୀ ଓ ଆଜରବାଇଜାନ ବିରୋଧରେ ଏହି ସାମରିକ ମେଣ୍ଟକୁ ଭାରତ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ତେଣୁ ଏହାକୁ ଚୁତଃରାଷ୍ଟ୍ରୀୟ ମିନିକ୍ୱାଦ୍ ମାନ୍ୟତା ଦିଆଯାଇଛି। ଡ୍ରୋନ ଜ୍ଞାନକୌଶଳରେ ନିପୁଣତାର ସୁଯୋଗ ଦୃଷ୍ଟିରୁ ପାକିସ୍ତାନ ତୁର୍କୀଠାରୁ ସଂଗ୍ରହ କରିଥିବା ଡ୍ରୋନ ଭାରତ ବିରୋଧରେ ଉପଯୋଗ କରିଥିଲା। ତେବେ ଆମର ବାୟୁ ପ୍ରତିରକ୍ଷା ପ୍ରଣାଳୀ ମାଧ୍ୟମରେ ଡ୍ରୋନ ଆକ୍ରମଣକୁ କେବଳ ପ୍ରତିହତ କରାଯାଇନି ପାକିସ୍ତାନକୁ ମଧ୍ୟ ଉଚିତ ଜବାବ ଦିଆଯାଇଛି। ଏକ୍ଷେତ୍ରରେ ଚୀନର ସାମରିକ ଜ୍ଞାନକୌଶଳ ମଧ୍ୟ ପଛରେ ପଡ଼ିଯାଇଛି।

ଚୀନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅତ୍ୟାଧୁନିକ ଜେଟ ଓ କ୍ଷେପଣାସ୍ତ୍ର ପାକିସ୍ତାନ ଭାରତ ବିରୋଧରେ ପ୍ରୟୋଗ କରିଥିଲେ ମଧ୍ୟ ଆକାଂକ୍ଷିତ ସଫଳତା ହାସଲ କରିପାରିନାହିଁ। ଏହା କେବଳ ଭାରତୀୟ ବିଶେଷଜ୍ଞଙ୍କ ଦାବି ନୁହେଁ ପାକିସ୍ତାନ ମନ୍ତ୍ରୀ ମୋହସିନ୍ ନକ୍‌ଭି ମଧ୍ୟ ଆଲୋଚନା ପ୍ରସଙ୍ଗରେ ସ୍ୱୀକାର କରିଛନ୍ତି। ସେ ଦୃଷ୍ଟିରୁ ଆମେରିକାର ସମର୍ଥନ ଲୋଡ଼ିଛି ପାକିସ୍ତାନ। ସାମରିକ ମୁଖ୍ୟ ମୁନୀରଙ୍କ ଆମେରିକା ଗସ୍ତ ପରେ ବାୟୁସେନାର ମୁଖ୍ୟ ଏୟାର ମାର୍ଶାଲ୍ ବାବର ଆମେରିକାରୁ କେଉଁ ଯୁଦ୍ଧ ବିମାନ ସଂଗ୍ରହ କରାଯିବ ସେ ନେଇ କଥାବାର୍ତ୍ତା ସକାଶେ ପେଣ୍ଟାଗନ ଗସ୍ତରେ ଅଛନ୍ତି। ଯୁଦ୍ଧ ବିରାମକୁ ନେଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭୂମିକା ବିବାଦୀୟ ହୋଇଥିଲେ ମଧ୍ୟ ପାକିସ୍ତାନ ସହ ଅସ୍ତ୍ରଶସ୍ତ୍ର ବେପାର ପାଇଁ ଏହା ତାଙ୍କର ସୁଚିନ୍ତିତ କୂଟନୈତିକ ଚାଲବାଜି କୁହାଯାଇପାରେ। କୂଟନୀତିରେ ଯଦି ବୈପାରିକ ସଂପର୍କ ଯୋଡ଼ି ହୋଇଯାଏ ତାହା ଯେଉଁ ବିଭ୍ରାନ୍ତି ଓ ବିଭ୍ରାଟ ସୃଷ୍ଟି କରେ ଏହି ଯୁଦ୍ଧ ବିରାମ ତାହାର ଏକ ନିଦର୍ଶନ।

## ଆନ୍ତରିକତା ରହିତ ଆମ ଶିକ୍ଷା ବ୍ୟବସ୍ଥା

ଅର୍ଜୁନ ଘଡ଼େଇ

'ଯା ବିଦ୍ୟା ସା ବିମୁକ୍ତୟେ' ପରି ମହତ୍ତ୍ୱପୂର୍ଣ୍ଣ ବାଣୀ ମଣିଷର ଶିକ୍ଷା ଲାଭ ପାଇଁ ମାନସିକତା ସୃଷ୍ଟି କରିଥାଏ। ପୁରାଣ ଯୁଗର ଗୁରୁକୁଳ ଆଶ୍ରମଠାରୁ ଅଦ୍ୟାବଧି ଶିକ୍ଷାର୍ଥୀମାନଙ୍କୁ ଉଚିତ ଶିକ୍ଷାଦାନ କରି ତାଙ୍କର ସୁସ୍ଥ, ସୁନ୍ଦର ଓ ନିରାମୟ ଜୀବନ ଗଠନରେ ବିଭିନ୍ନ ସମୟର ଆବଶ୍ୟକତା ନେଇ ବିବିଧ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଇଛି। ସମୟାନୁସାରେ ଏହି ବ୍ୟବସ୍ଥା ମଧ୍ୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ପରିବର୍ତ୍ତନ ବି ଘଟିଛି। ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ଏହା ସହାୟକ ହୋଇପାରିଛି କି ନାହିଁ ତାହା ଏକ ବିତର୍କିତ ପ୍ରଶ୍ନ। ସମୟର ଆହ୍ୱାନ, ବିସ୍ତୃତ ଜ୍ଞାନର ଅନୁପ୍ରବେଶ, ବୈଷୟିକ ଜ୍ଞାନ, ବିଜ୍ଞାନର ଅଭିବୃଦ୍ଧି, ସର୍ବୋପରି ଛାତ୍ରାଛାତ୍ରୀଙ୍କ ମାନସିକ ଚିନ୍ତାଧାରାକୁ ସୀମିତ ପରିଧିରେ ନରଖି ବିଶ୍ୱଚିନ୍ତାଭିମୁଖୀ କରିବା ପାଇଁ ବିଭିନ୍ନ ସମୟରେ ଯେଉଁ ଚିନ୍ତାଧାରାରେ ସରକାର ଶିକ୍ଷାବ୍ୟବସ୍ଥାକୁ ଯେପରି ନିୟନ୍ତ୍ରଣ କରିବାକୁ ଚାହିଁଛନ୍ତି ତାକୁ କାର୍ଯ୍ୟକାରୀ କରିବାକୁ ପ୍ରଚେଷ୍ଟା କରିଛନ୍ତି। ସାଧାରଣ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଏହାକୁ ସାଦରେ ଗ୍ରହଣ କରିନେବାକୁ ବାଧ୍ୟ ହୋଇଛନ୍ତି।

ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ, ବିଶେଷକରି ପ୍ରାଥମିକଠାରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ, ଆମ ଉପରେ ଯେଉଁ ଶିକ୍ଷା ବ୍ୟବସ୍ଥା ଲଦି ଦିଆଯାଇଛି, ସେଥିରୁ ମନେହୁଏ ଏବେ ବି ଶିକ୍ଷାକୁ 'ସାର୍ବଜନୀନ' କରାଯାଇପାରିନାହିଁ। ସବୁ ପିଲାଙ୍କୁ ଶିକ୍ଷାୟତନକୁ ଅଣାଯାଇପାରିନି। ପ୍ରାଥମିକଠାରୁ ମାଧ୍ୟମିକ ଶିକ୍ଷାରେ 'ଡ୍ରପ୍ ଆଉଟ୍' ସଂଖ୍ୟା କମିନି। ଉଚ୍ଚଶିକ୍ଷାରେ ନାମଲେଖା ସିଟ୍ ଖାଲି ପଡୁଛି। ବୈଷୟିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ କମୁଛି। ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା, ତର୍କ, ବ୍ୟବସ୍ଥା ଚାଲୁଛି। ତଥାପି ସମସ୍ୟାର ସମାଧାନ ହେଉନାହିଁ। ଏଭଳି ପରିସ୍ଥିତିରେ ଶିକ୍ଷକର ଶିକ୍ଷାଦାନ ପ୍ରତି ଆନ୍ତରିକତାର ଅଭାବ ସହିତ ଶିକ୍ଷାର୍ଥୀଙ୍କର ବିଦ୍ୟାଳୟକୁ ଆସି ଶିକ୍ଷାଗ୍ରହଣ କରିବାର ମାନସିକତା ଓ ଆଗ୍ରହ ହ୍ରାସ ପାଉଛି। ବିଶେଷ କରି ସରକାରୀ ବିଦ୍ୟାଳୟରେ ଏହାର ପ୍ରଭାବ ବେଶୀ ଅନୁଭୂତ ହେଉଛି। ଉପଯୁକ୍ତ ଶିକ୍ଷା ମିଳୁଥିଲେ କୋଚିଙ୍ଗ୍ ସେଣ୍ଟରମୁହାଁ ପିଲାମାନେ ହୁଅନ୍ତି କାହିଁକି?

ନିଜର ସଂଚିତ ଜ୍ଞାନକୁ କଳା, କୌଶଳ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଆନ୍ତରିକ ଓ ସମର୍ପିତ ଭାବେ ଉପସ୍ଥାପନ କଲେ ଶିକ୍ଷାଦାନ ସଫଳ ହୁଏ। ଶିକ୍ଷାର୍ଥୀଟିଏ ଶିକ୍ଷକର ଶିକ୍ଷାଦାନକୁ ସହଜରେ, ସନ୍ଦେହମୁକ୍ତ ଭାବେ ବୁଝିପାରିଲେ ଶିକ୍ଷା ଗ୍ରହଣ ସାର୍ଥକ ହୁଏ। ଏକଥା ଅତୀତର ଶିକ୍ଷକମାନେ ଭଲ ଭାବରେ ଜାଣିଥିଲେ। ସେମାନଙ୍କର ଅତ୍ୟଧିକ ଶିକ୍ଷାଗତ ଯୋଗ୍ୟତା ନଥିଲା। ସ୍ୱଳ୍ପ ବେତନପ୍ରାପ୍ତ ସେହି ଶିକ୍ଷକମାନେ ଆର୍ଥିକ ଅଭାବ, ଅନଟନ, ସମସ୍ୟା ଭିତରେ ବି ନିଜ ଛାତ୍ରଛାତ୍ରୀମାନଙ୍କୁ କିପରି ଉଚିତ ଶିକ୍ଷା ଦିଆଯାଇପାରିବ, ସେମାନେ ଚରିତ୍ରବାନ୍, ଶୃଙ୍ଖଳିତ ହେବା ସହ ଭଲ ମଣିଷ ହୋଇ ସମାଜରେ ମୁଣ୍ଡଟେକି ଛିଡ଼ା ହେବେ, ସେଥିପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଫଳରେ ସେ ସମୟର ଛାତ୍ରସମାଜ ଏତେ ବିଶୃଙ୍ଖଳିତ ନଥିଲେ। ଆଜିର ଶିକ୍ଷକମାନେ ଅତି ଉଚ୍ଚଶିକ୍ଷିତ। କିନ୍ତୁ ସେମାନଙ୍କ ଭିତରେ ଶିକ୍ଷାଦାନ ପାଇଁ ବୋଧହୁଏ ସମର୍ପିତ ଭାବନା ନାହିଁ କିମ୍ବା ବିବିଧ ସମସ୍ୟାରେ ଜର୍ଜରିତ ହୋଇ ନିଜର କର୍ତ୍ତବ୍ୟବୋଧ ହରାଇଛନ୍ତି। ଅତୀତର ଶିକ୍ଷକମାନେ ଶିକ୍ଷା ନୀତି, ଶିକ୍ଷାବ୍ୟବସ୍ଥା, ସରକାରୀ ନିର୍ଦ୍ଦେଶନାମା ଇତ୍ୟାଦି ସଂପର୍କରେ ଅଧିକ ଆଲୋଚନା, ତର୍ଜମା ନକରି ଶ୍ରେଣୀକକ୍ଷରେ ଉତ୍ତମ ଶିକ୍ଷାଦାନ ପାଇଁ ଚିନ୍ତା କରୁଥିଲେ। ଏବେ ଏତେ ସରକାରୀ ନିର୍ଦ୍ଦେଶନାମା ଯେ ତା'ର ଅଧ୍ୟୟନ କରିବା ଓ ଉତ୍ତର ଦେବାରେ ଶିକ୍ଷକମାନଙ୍କର ଓ ବିଦ୍ୟାଳୟ ମୁଖ୍ୟଙ୍କର ଅନେକ ସମୟ ବିନିଯୋଗ ହେଉଛି। ବୋଧହୁଏ ଏଇ ସରକାରୀ କାର୍ଯ୍ୟ କରିବାର ବାଧ୍ୟବାଧକତାରୁ ଶିକ୍ଷକମାନେ ସଂପୂର୍ଣ୍ଣ ସମୟ ଶିକ୍ଷାଦାନ କରିବାରେ ସମର୍ଥ ହେଉ ନାହାନ୍ତି। ଏହା ଆମେ ସମସ୍ତେ ଜାଣୁଛେ, ଅନୁଭବ କରୁଛେ, କିନ୍ତୁ ଏଥିରେ କିଏ ଅଙ୍କୁଶ ଲଗେଇବାକୁ ସମର୍ଥ ହେବ ଏହାହିଁ ପ୍ରଶ୍ନବାଚୀ।

ସମସ୍ୟା କେବଳ ଶିକ୍ଷାଦାନରେ ନୁହେଁ। ଆମ ଆଗରେ ବିଭିନ୍ନ ଶ୍ରେଣୀର ବିଦ୍ୟାଳୟ ପ୍ରତିଷ୍ଠିତ ହେଇଛି ଓ ହେଉଛି ମଧ୍ୟ। ସରକାରୀ, ବେସରକାରୀ, ଅନୁଦାନ ପ୍ରାପ୍ତ, ଅଣଅନୁଦାନ ପ୍ରାପ୍ତ, ସ୍ୱୀକୃତି ପ୍ରାପ୍ତ, ଅଣସ୍ୱୀକୃତି ପ୍ରାପ୍ତ, ଟ୍ରଷ୍ଟ ବା ସଂଗଠନ ପରିଚାଳିତ ଅନେକ ବିଦ୍ୟାଳୟ ଖୋଲିଛି। ଏଥିରେ ଶିକ୍ଷକ ନିଯୁକ୍ତି, ଦରଦାମରେ ତାରତମ୍ୟ, କ୍ୟାଡର, ଏକ୍ସ କ୍ୟାଡର, ବିଭିନ୍ନ ଶ୍ରେଣୀର ଶିକ୍ଷକ ନିଯୁକ୍ତି ସମସ୍ୟା ଏତେ ଅଧିକ ଯେ ସମସ୍ୟାର ସମାଧାନ ପାଇଁ ଅନେକ ଶିକ୍ଷକ ବିଦ୍ୟାଳୟ ଛାଡ଼ି ରାଜରାସ୍ତାରେ ଦିନ ଦିନ, ମାସ ମାସ ଧରି ଆନ୍ଦୋଳନ କରନ୍ତି କିମ୍ବା କୋର୍ଟ କଚେରିର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରନ୍ତି। ସେମାନଙ୍କର ବିଦ୍ୟାଳୟରେ କ୍ରମାଗତ ଅନୁପସ୍ଥିତି କାରଣରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସୁବିଧା ସତ୍ତ୍ୱେ ସାଧାରଣ ଲୋକଟି ଗାଁର ସରକାରୀ ବିଦ୍ୟାଳୟରେ ନିଜ ପିଲାଟିକୁ ନାମ ଲେଖାଇବା ପରେ ଦେଖୁଛି ଅଧିକାଂଶ ସମୟରେ ତା'ପିଲା ସ୍କୁଲ ବାହାରେ ଖେଳୁଛି କିମ୍ବା ବୁଲୁଛି କିମ୍ବା ଘରେ ରହୁଛି। ତେଣୁ ଏପରି ବିଦ୍ୟାଳୟଟି ପ୍ରତି ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଆଶା, ଭରସା କେମିତି ରହିବ? ସେଥିପାଇଁ ଯେତେ ଅସୁବିଧା ପଛେ ହେଉ ଘରୋଇ ବିଦ୍ୟାଳୟରେ ହିଁ ନାମ ଲେଖାଇବା ପାଇଁ ସେ ଆଗ୍ରହୀ ହେଉଛି। ଏସବୁ ପ୍ରତି କ'ଣ ନୀତି ନିୟମ ପ୍ରଣୟନ କରୁଥିବା ସରକାରୀ ଅଧିକାରୀ କିମ୍ବା ସରକାର ଅବଗତ ନାହାନ୍ତି? ଅବଗତ ଥିଲେ ବି ଶିକ୍ଷାବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଆନ୍ତରିକ ଉଦ୍ୟମ ନାହିଁ ଏହା ସୁନିଶ୍ଚିତ।

ସେ ଯେଉଁପ୍ରକାର ସ୍କୁଲ ହେଉନା କାହିଁକି, ଏପରି ଏକ ଶିକ୍ଷାନୁଷ୍ଠାନ ନାହିଁ, ଯେଉଁଠାରେ କି ରାଜନୈତିକ ହସ୍ତକ୍ଷେପ ହେଉନାହିଁ। ଶିକ୍ଷକ ନିଯୁକ୍ତିଠାରୁ ବଦଳି ପର୍ଯ୍ୟନ୍ତ ସବୁ ସେମାନଙ୍କ ପ୍ରଭାବରେ ଓ ନିର୍ଦ୍ଦେଶରେ ହୋଇଥାଏ। ଶିକ୍ଷାଧିକାରୀମାନେ ନିରବଦ୍ରଷ୍ଟା ଭାବେ କାର୍ଯ୍ୟ କରନ୍ତି। ଅଯଥାରେ ଶିକ୍ଷକମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରି ସେମାନଙ୍କୁ ମାନସିକ ନିର୍ଯାତନା ଦେଲେ ଶିକ୍ଷକମାନେ ସୁସ୍ଥ ମନରେ ଶିକ୍ଷା ଦେବାକୁ ସମର୍ଥ ହେବେ କିପରି? ଅବଶ୍ୟ ଏମିତି ରାଜନେତା ବି ଥିବେ ବା ଏପରି ଶିକ୍ଷାନୁଷ୍ଠାନ ବି ଥାଇପାରେ, ଯେଉଁଠି ରାଜନୈତିକ ହସ୍ତକ୍ଷେପ ହେଉ ନଥିବ। ଏପରି ବିଦ୍ୟାଳୟ ଆଜିର ସମାଜରେ ବିରଳ ନିଶ୍ଚୟ। ଗାଁର ୱାର୍ଡ ମେମ୍ବର, କାଉନସିଲରଙ୍କଠାରୁ ଆରମ୍ଭ କରି ଉଚ୍ଚସ୍ତରର ରାଜନେତାମାନେ ସେମାନଙ୍କ ବିଦ୍ୟାଳୟରେ ସୁସ୍ଥ ପରିବେଶ ସୃଷ୍ଟି କଲେ ତାଙ୍କ ପିଲାମାନେ ସରକାରୀ ସୁବିଧା ସୁଯୋଗ ପାଇଁ ଭଲ ପଢ଼ନ୍ତେ - ଏକଥା କ'ଣ ଆମେ ଭାବିବା ଉଚିତ ନୁହେଁ? ସରକାରୀ ସ୍କୁଲରେ ଭଲ ପାଠ ପଢ଼ା ହେଉନି ଅର୍ଥ ଶିକ୍ଷକମାନେ ପାଠ ପଢ଼ାଉ ନାହାନ୍ତି କେବଳ ଦରମା ପାଇଁ ଆସୁଛନ୍ତି, ଏପରି ଭାବନା ଆମ ଶିକ୍ଷାବ୍ୟବସ୍ଥା ସହିତ ଜଡ଼ିତ ସମସ୍ତଙ୍କୁ ଆଘାତ ଦେଉଥିବ ନିଶ୍ଚୟ। କିନ୍ତୁ ଏ ସମସ୍ୟାର ସମାଧାନ କିଏ କରିବ? ସବୁସ୍ତରରେ ଆନ୍ତରିକତାର ଅଭାବ ପରିଦୃଷ୍ଟ।

ଅନୁରୂପ ଭାବେ ଶିକ୍ଷାଧିକାରୀମାନେ ମଧ୍ୟ ଶାସନ ବ୍ୟବସ୍ଥା ଭିତରେ ଶିକ୍ଷାର ମହାନ ଆଦର୍ଶକୁ କାର୍ଯ୍ୟକାରୀ କରିବାରେ ନିଷ୍ଠାପର ମନୋଭାବ ନରଖି କେବଳ ସରକାରୀ ନିର୍ଦ୍ଦେଶନାମାଗୁଡ଼ିକୁ ଶକ୍ତିମତେ ପାଳନ କରୁଛନ୍ତି। ନିଜେ ଅନ୍ୟମାନଙ୍କ ଦ୍ୱାରା ଶୋଷିତ ହୋଇ ଶୋଷଣ କରୁଛନ୍ତି ଅଧସ୍ତନ କର୍ମଚାରୀମାନଙ୍କୁ। କୌଣସି ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସ୍ୱଅଧୀନସ୍ଥ ସ୍କୁଲ ସମୂହକୁ ପରିଦର୍ଶନ କରି, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା କରିବାରେ ସଫଳ ହେଉଛନ୍ତି କି? ନିଜେ ଅନେକ ଦୁର୍ନୀତିରେ ଲିପ୍ତ ହୋଇ ଶିକ୍ଷା ବିଭାଗର କର୍ମଚାରୀଙ୍କୁ ଦୁର୍ନୀତିମୁକ୍ତ କରିବାକୁ ଆହ୍ୱାନ ଦେବା, ନିଜର ଚରିତ୍ର ସ୍ଖଳନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ଉପଦେଶ ଦେବା, ଲଜ୍ଜାପୂର୍ଣ୍ଣ କାର୍ଯ୍ୟ ନୁହେଁ କି? ନିଜେ ଗଢ଼ି ହେବା ସହ ଅନ୍ୟକୁ ଗଢ଼ିବା ପାଇଁ ପରାମର୍ଶ ଦେବା ଉଚିତ। ଶିକ୍ଷା ବିଭାଗରେ ଏହି ତତ୍ତ୍ୱର ଯଥେଷ୍ଟ ଗୁରୁତ୍ୱ ଓ ଆନ୍ତରିକତା ରହିବା ଆବଶ୍ୟକ।

ତଳସ୍ତରରୁ ଉପର ସ୍ତର ଯାଏଁ ଶିକ୍ଷାବ୍ୟବସ୍ଥା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ଯଥା ଶିକ୍ଷକସମାଜ, ସରକାର ଓ ଶିକ୍ଷା ବିଭାଗର ଅଧିକାରୀମାନେ ସମର୍ପିତ ଭାବନାରେ କାର୍ଯ୍ୟ ନିର୍ବାହ କଲେ ଆମ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଆପଣେଇ ନେବାର ପଥ ସୁଗମ ହେବ। ଆମ ପିଲାମାନେ ସରକାରୀ ବିଦ୍ୟାଳୟ ଓ ଶିକ୍ଷାବ୍ୟବସ୍ଥାକୁ ଆପଣେଇ ନେବେ। ଆନ୍ତରିକ ଉଦ୍ୟମ ସଫଳତାର ଚାବିକାଠି। ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ପ୍ରୋତ୍ସାହନ ଓ ସମ୍ମାନ ଦେବାରେ ଆମେ ଯେତେ ଅନାଗ୍ରହୀ ବେସରକାରୀ ବିଦ୍ୟାଳୟ କ୍ଷେତ୍ରରେ ଆମ ମାନସିକ ଯଥେଷ୍ଟ ଆଗରେ। ଯେଉଁଥିପାଇଁ ଆମ ସରକାରୀ ବିଦ୍ୟାଳୟ ପ୍ରତି ବିମୁଖତା ଯେତିକି ବଢୁଛି ବେସରକାରୀ ବିଦ୍ୟାଳୟ ପ୍ରତି ଆନ୍ତରିକତା ସେତିକି ସୃଷ୍ଟି ହେଉଛି। ସମସ୍ତ ଅସୁବିଧାର ନିରାକରଣ ପାଇଁ ଅଭିଭାବକ, ଶିକ୍ଷକ, ସରକାର ଓ ସରକାରୀ ବ୍ୟବସ୍ଥା ସୁନିୟନ୍ତ୍ରଣ ପାଇଁ ଆନ୍ତରିକତାର ଅଭାବ ରହିଲେ ଯେତେ ଶିକ୍ଷାନୀତି ପ୍ରଣୟନ ହେଉ ଏହା ଆମକୁ ଆକର୍ଷିତ ନକରି ମନରେ ସନ୍ଦେହ, ଆଶଙ୍କା ସୃଷ୍ଟି କରିବ ଏହା ସୁନିଶ୍ଚିତ।

(ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮ ୦୪୮ ୭୧୫

## ଭାରତୀୟ ସଂସ୍କୃତିରେ ଉଦ୍ଭିଦ

ସୁରେନ୍ଦ୍ର ମେହେର

ହଜାର ହଜାର ବର୍ଷ ଧରି ଭାରତୀୟ ସଂସ୍କୃତି ବୃକ୍ଷାଦିଙ୍କୁ ବହୁତ ସମ୍ମାନ ଦେଇଆସିଛି ଏବଂ ଆଧ୍ୟାତ୍ମିକ, ଔଷଧୀୟ ଓ ପରିବେଶ ଦୃଷ୍ଟିରୁ ଏଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛି। ବେଦ, ପୁରାଣ ଓ ଉପନିଷଦ ଭଳି ପୁରାତନ ଶାସ୍ତ୍ରଗୁଡ଼ିକ ମଣିଷ ଓ ଉଦ୍ଭିଦ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଦର୍ଶାଇଥାଏ ଏବଂ ପ୍ରକୃତିକୁ ଜୀବନ, ଶକ୍ତି ଓ ଆଧ୍ୟାତ୍ମିକ ସମନ୍ୱୟର ଉତ୍ସ ବୋଲି ବର୍ଣ୍ଣନା କରିଥାଏ।

ଆମର ପୂର୍ବପୁରୁଷମାନେ ସ୍ୱାସ୍ଥ୍ୟ, ଧନ ଓ ସମୃଦ୍ଧି ପାଇଁ ବୃକ୍ଷର ଗୁରୁତ୍ୱକୁ ବୁଝିଥିଲେ ଏବଂ ଏହାକୁ ପୂଜା କରୁଥିଲେ। ଆଜି ମଧ୍ୟ ଆମର ଅନେକ ଧାର୍ମିକ ପର୍ବରେ ବୃକ୍ଷ ପୂଜା ଏକ ଅଂଶ ହୋଇ ରହିଛି। ଭାରତୀୟ ପରମ୍ପରାରେ ବୃକ୍ଷକୁ ବିଶେଷ ମାନ୍ୟତା ଦିଆଯାଇଛି, ବିଶେଷକରି ଜ୍ୟୋତିଷ ଓ ଆୟୁର୍ବେଦ ଭଳି ପଦ୍ଧତିରେ। ଆୟୁର୍ବେଦ ଔଷଧଗୁଡ଼ିକ ଗଛର ଫଳ, ଫୁଲ, ଛାଲ, ପତ୍ର ଓ ମୂଳରୁ ତିଆରି ହୁଏ ବୋଲି ସମସ୍ତେ ଜାଣନ୍ତି। କେତେକ ବୃକ୍ଷ ମାନବ ଜୀବନରେ ମନ୍ଦ ପ୍ରଭାବକୁ ଦୂର କରି ଭଲ ପ୍ରଭାବ ଆଣିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୃକ୍ଷ ଓ ନବଗ୍ରହ ମଧ୍ୟରେ ଏକ ଗଭୀର ସମ୍ପର୍କ ରହିଛି। ଏହି ଗ୍ରହଗୁଡ଼ିକ ଶରୀରର ବିଭିନ୍ନ



ଅଙ୍ଗକୁ ଭଲ କିମ୍ବା ଖରାପ ଭାବେ ପ୍ରଭାବିତ କରିପାରନ୍ତି ଏବଂ ଖରାପ ପ୍ରଭାବ ଦ୍ୱାରା ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ। ଏହି ରୋଗକୁ ଦୂର କରିବା ପାଇଁ ବିଶେଷପ୍ରକାରର ବୃକ୍ଷାଦି ରହିଛି, ଯାହାର ବ୍ୟବହାର କରାଯାଇ ରୋଗମୁକ୍ତ କରାଯାଏ। ତେଣୁ ପୂଜାର୍ଚ୍ଚନା ଓ ହୋମ ପାଇଁ ନବଗ୍ରହକୁ ଦର୍ଶାଉଥିବା ନଅ ପ୍ରକାରର ବୃକ୍ଷ ଯଥା- ବର, ପିପଳ, ପଳାଶ, ଅର୍କ, ଶମି, ଅପାମାର୍ଗ, କୁଶ, ଦୁବ ଭଳି ବୃକ୍ଷର କାଠ ବ୍ୟବହାର କରାଯାଏ। ଏହି କାଠଗୁଡ଼ିକୁ ସେମାନଙ୍କର ପବିତ୍ରତା, ଅଗ୍ନିକୁ ବଜାୟ ରଖିବାର କ୍ଷମତା ଏବଂ ଦିବ୍ୟଶକ୍ତି ସହିତ ସମ୍ପର୍କ ପାଇଁ ବ୍ୟବହାର କରାଯାଏ।

ପ୍ରତ୍ୟେକ ଉଦ୍ଭିଦର ପୌରାଣିକ ମହତ୍ତ୍ୱ ରହିଛି, ଯାହା ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ପ୍ରକାରରେ ଲାଭଦାୟକ। ବରଗଛର ବିଶାଳ ଛାତ ପରି ଆକାର, ଧୈର୍ଯ୍ୟ ଓ ସୁରକ୍ଷାର ପ୍ରତୀକ ଏବଂ ପ୍ରାଣୀମାନଙ୍କ ଆଶ୍ରୟ ଓ ଛାୟାର ଆବଶ୍ୟକତାକୁ ପୂରଣ କରେ। ପିପଳ ପ୍ରଚୁର ଅମ୍ଳଜାନ ଦେଉଥିବାରୁ ଜୀବନ ଓ ଶୁଦ୍ଧତାର ଉତ୍ସ ବୋଲି ଗଣାଯାଏ। ବେଲ ଭଗବାନ ଶିବଙ୍କ ସହିତ ଜଡ଼ିତ ଏବଂ ପୂଜାରେ ବ୍ୟବହୃତ ହୁଏ, ଯାହା ଭକ୍ତି ଓ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରେ। ଅର୍କକୁ ଶୁଦ୍ଧିକରଣ ଏବଂ ନକାରାତ୍ମକ ଶକ୍ତିର ବିଲୋପ ସହିତ ଜଡ଼ିତ କରାଯାଇଛି। ଶମି ବୃକ୍ଷକୁ ବିଜୟ, ସୁରକ୍ଷା ଏବଂ ଅଗ୍ନିଦେବଙ୍କ ସହିତ ଜଡ଼ିତ କରାଯାଇଛି। ଏହା ନକାରାତ୍ମକ ଶକ୍ତିକୁ ଶୋଷଣ ଏବଂ ବିନାଶ କରିଥାଏ ବୋଲି ବିଶ୍ୱାସ କରାଯାଏ। ଅପାମାର୍ଗକୁ ଏକ ଶକ୍ତିଶାଳୀ ଶୁଦ୍ଧକାରୀ ବୃକ୍ଷ ଭାବରେ ବିବେଚନା କରାଯାଏ, ଯାହା ମନ୍ଦ ଆତ୍ମା, କଳା ଯାଦୁ ଓ ନକାରାତ୍ମକ ପ୍ରଭାବକୁ ଦୂର କରିବାରେ ସକ୍ଷମ। ଏହି ଗଛଗୁଡ଼ିକୁ ବହୁ ପୁରାତନ କାଳରୁ ଓଡ଼ିଶା ଏବଂ ସାରା ଭାରତରେ ବିଭିନ୍ନ ରୋଗର ପ୍ରାକୃତିକ ଚିକିତ୍ସା ତଥା ସେମାନଙ୍କର ସକ୍ରିୟ ଜୈବିକ ଉପାଦାନର ସଦୁପଯୋଗ ପାଇଁ ବ୍ୟବହାର କରାଯାଉଛି। ସେହିପରି ଅଁଳା ଔଷଧୀୟ ଗୁଣ ପାଇଁ ଜଣାଶୁଣା ଏବଂ ଏହା ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ। ଅଶୋକ, ଯାହାର ନାମର ଅର୍ଥ 'ଦୁଃଖଦୂରକାରୀ', ସକାରାତ୍ମକତା ଓ ଭାବନାତ୍ମକ ସୁସ୍ଥତା ଆଣେ ବୋଲି ବିଶ୍ୱାସ କରାଯାଏ।

ଆଧୁନିକ ବିଜ୍ଞାନ ଏହି ଉଦ୍ଭିଦଗୁଡ଼ିକର ଆଧ୍ୟାତ୍ମିକ ପ୍ରଭାବକୁ ବିଶ୍ୱାସ ନ କରିପାରେ, କିନ୍ତୁ ଏଗୁଡ଼ିକର ବହୁମୁଖୀ ଉପଯୋଗକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଏହି ବୃକ୍ଷଗୁଡ଼ିକର ରୋପଣ କେବଳ ପରିବେଶକୁ ସୁଧାରେ ନାହିଁ, ବରଂ ଭାରତର ପୁରୁଣା ପରମ୍ପରା ଓ ରୀତିକୁ ମଧ୍ୟ ସମ୍ମାନ ଦେଇଥାଏ। ଏହିପରି ବୃକ୍ଷଗୁଡ଼ିକୁ 'ସାଂସ୍କୃତିକ ବୃକ୍ଷ' କହିପାରିବା, ଯେହେତୁ ସେଗୁଡ଼ିକ ପରମ୍ପରା ଅନୁସାରେ ପରିଚିତ। ଆଜିର ଦୁନିଆରେ, ଯେଉଁଠି ପରିବେଶ ସମସ୍ୟା ଓ ମାନସିକ ସ୍ୱାସ୍ଥ୍ୟର ଚିନ୍ତା ବଢୁଛି, 'ପଞ୍ଚବଟୀ'ର ଅବଧାରଣା ବହୁତ ଗୁରୁତ୍ୱପୂର୍ଣ୍ଣ। ସହରୀକରଣ ବଢୁଥିବା ବେଳେ ଏହିପରି ପବିତ୍ର ବୃକ୍ଷଗୁଡ଼ିକର ସଂରକ୍ଷଣ ପରମ୍ପରା ଓ ପରିବେଶଗତ ସ୍ଥାୟିତ୍ୱ ମଧ୍ୟରେ ଏକ ସେତୁ ହୋଇପାରେ। ଏହି ବୃକ୍ଷଗୁଡ଼ିକ ବାୟୁକୁ ଶୁଦ୍ଧ କରେ, ଜୈବ ବିବିଧତା ବଢ଼ାଇଥାଏ ଏବଂ ପ୍ରାକୃତିକ ଚିକିତ୍ସା ପାଇଁ କାମରେ ଲାଗିଥାଏ। ଉଦ୍ୟାନ, ପରିବେଶ କିମ୍ବା ବ୍ୟକ୍ତିଗତ ବୃକ୍ଷରୋପଣ ନାମରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଆମେ ପରିବେଶ ସଚେତନତା, ସ୍ୱାସ୍ଥ୍ୟ ଓ ଭାବନାତ୍ମକ ସମନ୍ୱୟକୁ ପ୍ରୋତ୍ସାହିତ କରିପାରିବା।

ତେଣୁ 'ପଞ୍ଚବଟୀ' କେବଳ ଏକ ପୌରାଣିକ ଆଦର୍ଶ ନୁହେଁ, ଏହା ସ୍ଥାୟୀ ଜୀବନ ଓ ଆଧ୍ୟାତ୍ମିକ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତୀକ। ଆଧୁନିକ ସମୟରେ ଏହି ପରମ୍ପରାକୁ ଗ୍ରହଣ କରି ଆମେ ପ୍ରକୃତି ସହିତ ଗଭୀର ସମ୍ପର୍କ ଗଢ଼ିପାରିବା ଏବଂ ପୃଥିବୀରେ ଜୀବନ ସୁରକ୍ଷା ଦେବାରେ ଆମ ପୂର୍ବପୁରୁଷଙ୍କ ଜ୍ଞାନକୁ ବଜାୟ ରଖିପାରିବା।

ଭୁବନେଶ୍ୱର, ମୋ: ୯୪୩୭୫୮ ୯୦୨୬

## ଚୀନ୍‌ରେ ହଜିଯିବ କି ଭାରତ!

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଦୀର୍ଘଦିନ ଧରି ଚୀନ ସହିତ ଭାରତର ଲାଗି ରହିଛି ସୀମାବିବାଦ। ତେବେ ଭୂ-ବିଜ୍ଞାନୀମାନେ ଏବେ କହିଲେଣି ଯେ ଏପରି ସମୟ ଆସିପାରେ ଯେତେବେଳେ ଭାରତ ଭୂଖଣ୍ଡ କିମ୍ବା ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ ହୁଏତ ଚୀନ୍‌ରେ ହଜିଯିବ। ଟେକ୍ଟୋନିକ୍ ପ୍ଲେଟ୍‌ର ଚଳନ ଏହାର କରଣ ହେବ।

'ଟେକ୍ଟୋନିକ୍ ପ୍ଲେଟ୍'କୁ 'ଲିଥୋସ୍ପେରିକ୍ ପ୍ଲେଟ୍(ଭୂସ୍ତରୀୟ ଥାଳିଆ)' ବୋଲି ମଧ୍ୟ କୁହାଯାଏ। ଏହା ମାତ୍ରାଧିକ ବସ୍ତୁତ୍ୱସମ୍ପନ୍ନ କଠିନ ଶିଳାର ଅସମାନ ଆକୃତିର ପ୍ରଶସ୍ତ ଫଳକ, ଯାହାକି ମହାଦେଶୀୟ ଓ ମହାସାଗରୀୟ ଭୂସ୍ତରରେ(ଲିଥୋସ୍ପିୟର) ଗଢ଼ା। ଏଗୁଡ଼ିକର ଆକାର କେତେଶହରୁ କେତେ ହଜାର କିମି ଚଉଡ଼ା ବିଶିଷ୍ଟ। ଭୂଗର୍ଭସ୍ଥ ତରଳ ମେଣ୍ଟଲ୍ ଉପରେ ଭାସି ବୁଲୁଥିବା ଏହି ପ୍ଲେଟମାନଙ୍କ ମଧ୍ୟରୁ ମହାଦେଶୀୟଗୁଡ଼ିକ ଅଧିକ ମୋଟା, କମ୍ ସାନ୍ଦ୍ର ହୋଇଥିବା ବେଳେ ମହାସାଗରୀୟଗୁଡ଼ିକ କମ୍ ମୋଟା. ଅଧିକ ସାନ୍ଦ୍ର। ଏମାନଙ୍କର ସଂଖ୍ୟା ଅନେକ। ତହିଁରୁ ୭ଟି ବଡ଼, ଯାହା ଆଫ୍ରିକୀୟ, ଆଣ୍ଟାରଟିକୀୟ, ୟୁରୋସୀୟ, ଇଣ୍ଡୋ-ଅଷ୍ଟ୍ରେଲୀୟ, ଉତ୍ତର ଆମେରିକୀୟ, ପ୍ରଶାନ୍ତ ମହାସାଗରୀୟ ଓ ଦକ୍ଷିଣ ଆମେରିକୀୟ ଭଳି ଭୂଖଣ୍ଡକୁ ଧାରଣ କରିଛନ୍ତି।

ଏକଦା ଏଗୁଡ଼ିକ ମିଳିତ ଭାବେ ଏକ ବିଶାଳ ଭୂଖଣ୍ଡ ସୃଷ୍ଟି କରିଥିଲେ। ଭୂବିଜ୍ଞାନୀଙ୍କ ମତରେ ତାହା ଥିଲା 'ପାଙ୍ଗାଇଆ'। ଆଜକୁ ପ୍ରାୟ ୩୦୦ରୁ ୪୦୦ କୋଟି ବର୍ଷ ପୂର୍ବେ ତାହା ବିଖଣ୍ଡିତ ହୋଇ ପରସ୍ପରଠାରୁ ଅଲଗା ହୋଇଗଲେ। ଫଳରେ ସୃଷ୍ଟି ହେଲା ଏକାଧିକ ମହାଦେଶୀୟ ଭୂଖଣ୍ଡ।ପୃଥିବୀର ଅନ୍ତର୍ଦେଶରେ ଥିବା ତରଳ ପଦାର୍ଥ 'ମାଗ୍‌ମା'ରୁ ବୁଦ୍‌ବୁଦ୍‌ମାନ ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକରେ ଥିବା ଫାଟ ଦେଇ ବାହାରୁଥିବାରୁ ପ୍ଲେଟ୍‌ଗୁଡ଼ିକ ବର୍ଷକୁ କିଛି କିଛି ସେଣ୍ଟିମିଟର ଗତି କରି ପରସ୍ପରଠାରୁ ଦୂରେଇ ଯାଆନ୍ତି କିମ୍ବା ଗୋଟିଏ ଅନ୍ୟ ଗୋଟିକ ସହିତ ଧକ୍କା ଖାଇ ତା' ତଳେ ପଶିଯା'ନ୍ତି। ତା' ଉପରେ ଥିବା ମହାଦେଶୀୟ ଭୂଭାଗଗୁଡ଼ିକ ମଧ୍ୟ ସେଥିସହିତ ଗତି କରନ୍ତି। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ଆଜିକୁ ପ୍ରାୟ ୫୦ ନିୟୁତ ବର୍ଷ ତଳେ ଇଣ୍ଡୋ-ଅଷ୍ଟ୍ରେଲୀୟ ପ୍ଲେଟ୍‌ଟି ବିଭାଜିତ ହୋଇ ଭାରତକୁ ଧାରଣ କରିଥିବା ଅଂଶଟି ଆସି ଚୀନ୍ ଅବସ୍ଥିତ ଥିବା ୟୁରୋସୀୟ ପ୍ଲେଟ୍ ସହିତ ଧକ୍କା ଖାଇ ମିଶିଗଲା। ଏହାର ବେଗ ଏତେ ଥିଲା ଯେ ତାହା ବର୍ଷକୁ ପ୍ରାୟ ୩୦ ସେମି ହାରରେ ଆଗକୁ ମାଡ଼ି ଚାଲିଲା। ଏହା ଧକ୍କା ଖାଇବା ସ୍ଥାନରେ ସୃଷ୍ଟି ହେଲା ସୁଉଚ୍ଚ ହିମାଳୟ ପର୍ବତ ଶ୍ରେଣୀ, ଯାହା ଏବେ ବି ବର୍ଷକୁ ୫ ମିମି ହାରରେ ବଢ଼ିବାକୁ ଲାଗିଛି।

ଏ କଥା ଜଣାପଡ଼ିଛି ଐତିହାସିକ ଘଟଣା ଉପରେ ଗବେଷଣାରତ 'ଜର୍ମାନ୍ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇସେନ୍ସ', ଭାରତର 'ନ୍ୟାଶ୍‌ନାଲ୍ ଜିଓଫିଜିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍' ଏବଂ ବର୍ଲିନସ୍ଥିତ 'ଫ୍ରେଇ ବିଶ୍ୱବିଦ୍ୟାଳୟ'ର ବୈଜ୍ଞାନିକମାନେ ୨୦୦୭ ମସିହାରୁ ଚଳାଇ ଆସିଥିବା ଅଧ୍ୟୟନରୁ। ଭାରତୀୟ ମହାଦେଶୀୟ ଭୂଖଣ୍ଡର ଚଳନକୁ ସେମାନେ ବିଶ୍ୱର ଦ୍ରୁତତମ ବୋଲି ଅଭିହିତ କରିଛନ୍ତି। ଏହାଫଳରେ ଭାରତ ନିୟମିତ ଭାବେ ହରାଇଚାଲିଛି କିଛିକିଛି ଅଞ୍ଚଳ, ତାହା ଯେତେ କମ୍ ହେଉନା କହିଁକି। ଏକ ଗଣନା ଅନୁସାରେ ବିଗତ କେତେ ନିୟୁତ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆଠାରୁ ବିଚ୍ଛିନ୍ନ ହେଲା ପରେ ଏହା ଉତ୍ତର-ଏସିଆ ଦିଗରେ ପ୍ରାୟ ୨୦୦୦ କିମି ଗତି କରିଛି। ଅନ୍ୟପକ୍ଷରେ ଏବେ ଭାରତୀୟ ପ୍ଲେଟ୍‌ଟି ବର୍ଷକୁ ୫ ସେମି ହାରରେ ୟୁରେସୀୟ ପ୍ଲେଟ୍ ଦିଗରେ ଏବଂ ଚୀନ୍ ଭୂଖଣ୍ଡର ତଳ ଆଡ଼କୁ ଗତି କରିବାରେ ଲାଗିଛି।

ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତା'ହେଲେ ଦିନେ ଆମ ଦେଶ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯିବ ବୋଲି ମନେ କରାଯାଇପାରେ। ତେବେ ଉପରୋକ୍ତ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନ୍ୟତମ ସାବ୍ରିନା ମେଟ୍‌ଜଗରଙ୍କ ମତରେ ଏ ପ୍ରକ୍ରିୟାର ବେଗ କ୍ରମଶଃ ହ୍ରାସ ପାଉଛି। ହୁଏତ ଏହି ଚଳନର ଗତି ଦିନେ ସମ୍ପୂର୍ଣ୍ଣ ବନ୍ଦ ମଧ୍ୟ ହୋଇଯାଇପାରେ। ତେଣୁ ଚୀନ୍‌ରେ ଭାରତ ହଜିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେ। ଅନ୍ୟପକ୍ଷରେ ଏହାର ବିପରୀତ ମଧ୍ୟ ଘଟିପାରେ। ଅର୍ଥାତ୍ କୌଣସି ଏକ ପରିସ୍ଥିତିରେ ଏ ଗତି ମଧ୍ୟ ବଢ଼ିପାରେ। ତେବେ ଏହି ଅନୁମାନ ସତସାବ୍ୟସ୍ତ ହେବାକୁ ଲାଗିଯିବ ନିୟୁତ ନିୟୁତ ବର୍ଷ। ସେତେବେଳକୁ ଧରାପୃଷ୍ଠରୁ ସମ୍ଭବତଃ ଜୀବଜଗତ ହିଁ ବିଲୁପ୍ତ ହୋଇସାରିଥିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୭୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କାନ୍ଥ ଭୁଶୁଡ଼ି ଚାଷୀ ମୃତ

ବଣାଇଁ, ୭ ।୭ (ସମିସ): ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ସରସରା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଘର କାନ୍ଥ ଭୁଶୁଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଦେବେନ୍ଦ୍ର ଭଇଁସା(୫୪)। ସୂଚନାନୁଯାୟୀ, ଦୀର୍ଘ ୧୫ଦିନ ହେବ ବଣାଇଁ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଭଳି ସ୍ଥିତିରେ ସରସରା ଗ୍ରାମରେ ରବିବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ଦେବେନ୍ଦ୍ର ନିଜର ପୋଟଲ ବଗିଚାରେ ଥିବା ଘରେ ଶୋଇଥିବା ବେଳେ ହଠାତ୍ ମାଟି କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସକାଳେ ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ଟିକାୟତପାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ପୋଖରୀରେ ବୁଡ଼ି ମା'-ଝିଅ ମୃତ



ମାଥିଲି, ୭ ।୭ (ସମିସ): ପୋଖରୀରେ ବୁଡ଼ି ମା'-ଝିଅ ମୃତ। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଧଉଡ଼ାଗୁଡ଼ା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗୁରୁନାଥ ବାଗରିୟାଙ୍କ ସ୍ତ୍ରୀ ପ୍ରିୟା ବାଗରିୟା ଓ ୫ ମାସର ଶିଶୁକନ୍ୟା ପିଙ୍କି। ସୂଚନା ଅନୁଯାୟୀ, ଆଜି ସକାଳୁ ପିଙ୍କିକୁ ନେଇ ପ୍ରିୟା ଗାଁ ପୋଖରୀରେ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ବହୁ ଖୋଜାଖୋଜି କରି ମଧ୍ୟ ଦୁହିଁଙ୍କୁ ପାଇନଥିଲେ। ତେବେ ସନ୍ଧ୍ୟାରେ ଉଭୟଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗାଁଲୋକେ ମାଥିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁହିଁଙ୍କ ଶବ ଉଦ୍ଧାର କରିଥିଲେ। ମାଥିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସରିଲା ରତ୍ନଭଣ୍ଡାର ମରାମତି

**୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ କାମ ହୋଇଛି**

ପୁରୀ, ୭।୭ (ସମିସ): ଶେଷ ହୋଇଛି ବହୁପ୍ରତୀକ୍ଷିତ ରତ୍ନଭଣ୍ଡାର ମରାମତି। ମୋଟ ୯୫ଦିନରେ ୩୩୨ ଘଣ୍ଟା ୪୭ମିନିଟ କାମ କରାଯାଇଛି। ଏବେ ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ। ମହାପ୍ରଭୁଙ୍କ ଅପାର କରୁଣା, ଆଶୀର୍ବାଦ ଯୋଗୁଁ ଧାର୍ଯ୍ୟ ନୀଳାଦ୍ରିବିଜେ ପୂର୍ବରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ସୋମବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଠାକୁରଙ୍କ ଅଧରପଣା ନୀତି ଚାଲିଥିବା ବେଳେ ସନ୍ଧ୍ୟାରେ ଗଣମାଧ୍ୟମକୁ ରତ୍ନଭଣ୍ଡାର ମରାମତି ପୂର୍ଣ୍ଣାଙ୍ଗର ସୂଚନା ପ୍ରଦାନ କରିଥିଲେ ମୁଖ୍ୟ ପ୍ରଶାସକ। ଡ. ପାଢ଼ୀ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ନୀଳାଦ୍ରିବିଜେ ପୂର୍ବରୁ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଏଏସ୍ଆଇ ଦ୍ୱାରା ଶେଷ ହୋଇଛି। ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ରତ୍ନଭଣ୍ଡାର ସୁରକ୍ଷିତ ବୋଲି କୁହାଯାଇପାରିବ।

ନିଷ୍ପତ୍ତି ଅନୁଯାୟୀ, ୨୦୨୪ ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ସେହିଦିନ ବାହାର ଭଣ୍ଡାର ଘରୁ ରତ୍ନ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସମୟ ଅଭାବରୁ ଭିତର ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତର ହୋଇପାରିନଥିଲା। କିନ୍ତୁ ପ୍ରଥମଥର ପ୍ରାୟ ୪ଦଶନ୍ଧି ପରେ ଭିତର ରତ୍ନଭଣ୍ଡାର ଖୋଲିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜୁଲାଇ ୧୮ ରେ ଭିତର ଭଣ୍ଡାରର ସମସ୍ତ ସ୍ୱର୍ଣ୍ଣାଳଙ୍କାର ଖଟଶେଯ ଘର (ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍)କୁ ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୨୩ରେ ଭଣ୍ଡାର ଘରେ ଯେତେ ବି ଖାଲି ସିନ୍ଦୁକ ଥିଲା, ତାହା ନୀଳାଦ୍ରି ମ୍ୟୁଜିୟମ୍ ପାଖ ଘରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଗଜପତି ମହାରାଜା ଦିବ୍ୟସିଂହଦେବ ରତ୍ନଭଣ୍ଡାର ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଯାଞ୍ଚ ଏବଂ ଟେକ୍ନିକାଲ ସର୍ଭେ କାମ ଆରମ୍ଭ ହୋଇଥିଲା। ରତ୍ନଭଣ୍ଡାରର ଲେଜର ସ୍କାନିଂ, ରାଡାର ପେନିଟ୍ରେଟିଂ ସର୍ଭେ ଆଦି ବୈଷୟିକ ଯାଞ୍ଚ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୧୮ରେ ଏଏସ୍ଆଇର ଆଡିସ୍‌ନାଲ ଡିଜି(ସଂରକ୍ଷଣ) ଆସି ସଂରକ୍ଷଣର ତଦାରଖ କରିଥିଲେ। ସେପ୍ଟେମ୍ବର ୨୪ରେ ଏଏସ୍ଆଇ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିଥିଲା। ପରେ ଯାଞ୍ଚ ରିପୋର୍ଟ ଆଧାରରେ ଡିସେମ୍ବର ୧୭ରେ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାମ ଆରମ୍ଭ ହୋଇଥିଲା। ପ୍ରାୟ ୬ ମାସ ଧରି କାମ କରାଯାଇଥିଲା।

## ନେଇଗଲେ ଅଧରପଣା

ପୁରୀ,୭।୭(ସମିସ): ପ୍ରତିବର୍ଷ ରଥ ଉପରେ ଅଧରପଣା ହାଣ୍ଡି ଭାଙ୍ଗିବା ବେଳେ କିଛି ସେବାୟତ ପଣା ନେଇଥାନ୍ତି। କେହି କେହି ରଥ ଉପରେ ଟିଫିନ, ଗଡୁ, ଭଙ୍ଗା କୁଡୁଆ, ହାଣ୍ଡି ଆଦିରେ ପୁରାଇ ପଣା ସଂଗ୍ରହ କରନ୍ତି। ପୁଣି କେତେଜଣ ତଳେ ଠିଆ ହୋଇ ବାଲଟି, ଜରି ଆଦି ଦେଖାଇ ପଣା ନେଇଥାନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅଧରପଣା କେହି ସଂଗ୍ରହ କିମ୍ବା ନେଇପାରିବେ ନାହିଁ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଯଦିଓ ଭଙ୍ଗା ପୂର୍ବରୁ କେହି ପଣା ନେଇ ନଥିଲେ, ଭାଙ୍ଗିବା ପରେ ତଳକୁ ଗଡୁଥିବା ପଣାକୁ କେତେଜଣ ନେଉଥିବା ଦେଖିବାକୁ ମିଳିଥିଲା। ସେମାନେ ଗଡୁ, ଭଙ୍ଗା କୁଡଆ, ଜରିରେ ପଣା ସଂଗ୍ରହ କରିଥିଲେ। କିନ୍ତୁ ସେମିତି କୌଣସି ବିଶୃଙ୍ଖଳା କରି ନ ଥିଲେ।

**ଆଇଟିଆରର ଗୁପ୍ତ ତଥ୍ୟ ଲିକ୍ ଘଟଣା**

# ହାଇକୋର୍ଟରୁ ମିଳିଲା ଅଭିଯୁକ୍ତକୁ ଜାମିନ

କଟକ,୭।୭(ସମିସ): ଦେଶର ସୁରକ୍ଷା ସଂପର୍କିତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଦେବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଚାନ୍ଦିପୁର ଆଇଟିଆର୍‌ର ପୂର୍ବତନ ଚୁକ୍ତିଭିତ୍ତିକ ଏସି ଅପରେଟର୍ ବସନ୍ତ କୁମାର ବେହେରାଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ବସନ୍ତଙ୍କୁ ଜାମିନରେ ଛାଡ଼ିଛନ୍ତି।

ଜାମିନରେ ଛାଡ଼ ପାଇବା ପରେ କୌଣସି ଅପରାଧରେ ଜଡ଼ିତ ହେବେ ନାହିଁ, ମାମଲାର ପ୍ରତି ତାରିଖରେ ଅଦାଲତରେ ହାଜର ହେବେ, ଜାମିନ ପାଇବା ପରେ ସେ ରହିବା ସ୍ଥାନର ସାନି ଠିକଣା, ମୋବାଇଲ ନମ୍ବର, ଇ-ମେଲ ତଥ୍ୟ ଅଦାଲତ, ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିନା ଅନୁମତିରେ ଅଦାଲତଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରୁ ବାହାରକୁ ଯିବେ ନାହିଁ। ପ୍ରତି ୧୫ ଦିନରେ ଥରେ ସ୍ଥାନୀୟ ଥାନାରେ ହାଜର ହେବେ। ଯଦି ସର୍ତ୍ତ ଉଲ୍ଲଂଘନ ହୁଏ, ତେବେ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବସନ୍ତ କୁମାର ବେହେରାଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୨୦୨୧, ସେପ୍ଟେମ୍ବର ୧୫ରୁ ସେ ଗିରଫ ହୋଇ ଜେଲରେ ଥିବା ବେଳେ ଏପର୍ଯ୍ୟନ୍ତ ନିମ୍ନ ଅଦାଲତରେ ମାମଲାର ଶୁଣାଣି ସରିନାହିଁ। ଚାର୍ଜସିଟ୍‌ରେ ୨୮ ଜଣଙ୍କ ନାଁ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ, ବାଲେଶ୍ୱର ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ବିଚାରାଧୀନ ଏ ସଂପର୍କିତ ମାମଲାରେ ଚାରି ବର୍ଷରେ ୧୯ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଏହା ସମ୍ବିଧାନ ପ୍ରଦତ୍ତ ଦ୍ରୁତ ଶୁଣାଣି ଅଧିକାରର ଉଲ୍ଲଂଘନ ହୋଇଛି। ହାଇକୋର୍ଟ ଏପରି ଯୁକ୍ତିକୁ ଗ୍ରହଣ କରି ବସନ୍ତକୁ ଜାମିନ ମଞ୍ଜୁର କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ପାକିସ୍ତାନୀ ମହିଳାଙ୍କୁ ଆଇଟିଆର ମିସାଇଲ ପରୀକ୍ଷା ସଂପର୍କିତ ଗୁପ୍ତ ତଥ୍ୟ ଆବେଦନକାରୀ ଓ ଅନ୍ୟ କେତେକ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୨୦୨୧ରେ ଗିରଫ କରିଥିଲା। ତଥ୍ୟ ଦେଇ ଅଭିଯୁକ୍ତମାନେ ଟଙ୍କା ପାଇଥିଲେ ବୋଲି ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଚାର୍ଜସିଟ କରିବା ପରେ ଅଦାଲତରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ହଜିଯାଇଥିବା ଦସ୍ତାବେଜ

ମୁଁ ମୋର ଅରିଜିନାଲ ପଟ୍ଟା (R O R) ଖା ନ :- 1309/3820 ମୌଜା ପଦ୍ମପୁର ପୁରୁଷୋତ୍ତମ ନଗର ଥାନା ପଦ୍ମପୁର ଜିଲ୍ଲା ବରଗଡ ପ୍ଲଟ ନ – 476/8320, ବିକ୍ରୟ କବଲା i d no - 171700150 ଓ doc no - 10171700187 କୁଗତ 03/07/2025 ତାରିଖ ରେ ପଦ୍ମପୁର ଠାରେ ହଜାଇ ଦେଇଛି | ଏହି ଘଟଣା କୁ ପଦ୍ମପୁର ଥାନା ଅଧିକାରୀ ତଥା ପଦ୍ମପୁର ଥାନା ରେ ଦରଖାସ୍ତ କରିଛି | ଏହାର sde no-12 ତା :- 05/07/2025] ଏହି ଡକୁମେଣ୍ଟ କୌଣସିବ୍ୟକ୍ତି ପାଇଲେ ନିମ୍ନ ଲିଖିତ ମୋବଇଲ ନମ୍ବର ରେ ଯୋଗାଯୋଗ କରିବେ ।

ନାମ- ସବିତା ଅଗ୍ରୱାଲ

ସ୍ୱାମୀ - ରାମଚନ୍ଦ୍ର ଅଗ୍ରୱାଲ

Mob no: 8260994868

## AFFIDAVIT

I **BIKRAM AGARWAL,** S/o Naresh Kumar Agarawal, resident of Kusumaguda, Main ROAD, Po / PS - Umerkote, Dt- Nabarangapur, odisha -764073, Odisha declare by this Affidavit No.3000, Dated - 07/07/2025, that now onwards I shall be known as **VIKRAMDEV AGARWAL** for all future purpose.

## AFFIDAVIT

**I UTTAM PRASAD AGARWAL,** S/o Naresh Kumar Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha -764 073, Odisha declare by this Affidavit No.2999, Dated - 07/07/2025, that now onwards I shall be known as **UTTAM PRASAD AGRAWAL** for all future purpose.

## AFFIDAVIT

I **SEEMA AGARWAL,** W/o Vikramdev Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha - 764073, Odisha declare by this Affidavit No.3001, Dated - 07/07/2025, that now onwards I shall be known as **SEEMABAI AGRAWAL** for all future purpose.

## AFFIDAVIT

I **MANMOHAN KUMAR AGRAWAL,** S/o- Madanlal Agrawal, resident of Raju Street, Po / PS- Jeypore, Dt- Koraput, odisha- 764001, Odisha declare by this Affidavit No.2856, Dated - 24/06/2025, that now onwards I shall be known as **MANMOHAN AGRAWAL** for all future purpose.

## AFFIDAVIT

By virtue of affidavit SL NO. 1798, dated -07/07/2025 in the court of the Executive Magistrate, Phulbani, dist- Kandhamal, I, Keshaba Digal, have changed my name from **Krupasindhu Digal** to **Keshaba Digal**, Henseforth I shell be known as **Keshaba Digal** for all purpose.

**Sd/- Keshaba Digal**

## ଘୋଷଣାନାମା

ଆମେ ଅମାନତ ରସୁଲ ଖାଁ, ପିତା-ଦାଉଦ ଖାଁ, ସା: ପାଟଣାସାହି, ପୋ/ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ ସର୍ବସାଧାରଣରେ ଘୋଷଣା କରୁଅଛୁ ଯେ, ଆମ୍ଭେ ଆମ୍ଭର ସ୍ତ୍ରୀ ସମିନା ବେଗମ, ପିତା-ସ୍ୱର୍ଗତ ସେକ ଅବଦୁଲ ହାକିମ ଙ୍କୁ ମୁସଲମାନ ଆଇନ ଅନୁଯାୟୀ ତଲାକ-ଏ-ହସନ ଗତ ତା.୧୩.୪.୨୦୨୫ରିଖରେ ତିନି ତଥା ଶେଷ ତଲାକ ଦେଇଅଛୁ ଏବଂ ସେ ଉକ୍ତ ତାରିଖରୁ ଆମ୍ଭ ସ୍ତ୍ରୀ ରହିଲେ ନାହିଁ କିମ୍ବା ସେ ଆମ୍ଭର ସମସ୍ତ ଅଧିକାରରୁ ବଂଚିତ ହୋଇ ଅଛନ୍ତି । ଏବଂ ଏହା ମଧ୍ୟ ଆମ୍ଭେ ଗତ ତା. ୪.୭.୨୫ ରିଖରେ ସତ୍ୟପାଠ ନମ୍ବର ୧୧୨୦ ରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଭଦ୍ରକଙ୍କ ସମ୍ମୁଖରେ ଘୋଷଣା କରିଅଛୁ ।

ଅମାନତ ରସୁଲ ଖାଁ

## AFFIDAVIT

I, **AMAR GAIKWAD, S/o Bharat Gaikwad, resident of At: Flat No- A602, NBCC Imperia, New Government Colony, Mancheswar, Bhubaneswar- 751005, Dist: Khordha, Odisha declare by this affidavit CFNo: 37, Dated 05.07.2025 that now onwards I shall be known as AMAR BHARAT GAIKWAD for all future purposes.**

## AFFIDAVIT

By virtue of an affidavit before The Notary Public, Titilagarh, on dated- 07/07/2025. I, **Kshirabati Behera,** formerly called as Khira Behera, D/o Ainthapatar Behera (father), Debaki Behera (mother), permanent resident of At- Silpara, Digsira, PO- Kushkela, PS- Sindhekela, Dist- Bolangir, (Odisha), PIN- 767066 now residing at the same place affirm that I have changed my name from **Khira Behera** (old name) To **Kshirabati Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kshirabati Behera** (new name).

**Kshirabati Behera**

## AFFIDAVIT

I, Paresh Chndra Mohanty, aged about 28 years, S/o- Khokan Mohanty, resident of At- Gunsartha, Po- Chandakusumi, Ps- Kamarda, Dist- Balasore, Odisha, Pin- 756035 declare by this affidavit No.1311, dtd- 07/07/2025 that now onwards I shall be known as **PARESH CHANDRA MOHANTY** for all future purposes.

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କମ୍ପାନୀ ମାଲେମାଲ୍...

ଆଦାୟ କରାଯାଉଛି ଓ ଅନ୍ୟ ରାଜ୍ୟଗୁଡ଼ିକରେ ଭିନ୍ନଭିନ୍ନ ଟିକସ ହାର ଲାଗୁ ହୋଇଛି, ସେହିପରି କେନ୍ଦ୍ର ସରକାର ମଧ୍ୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବାବଦରେ ଟିକସ ଆଦାୟ କରୁଛନ୍ତି। ବିଡ଼ମ୍ବନା ହେଉଛି ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଖାଉଟି ପେଟ୍ରୋଲିୟମ ଟିକସ ଦେଉଥିଲେ ମଧ୍ୟ ତୈଳ ମୂଲ୍ୟ ହ୍ରାସ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଲୋକସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କେବଳ ଥରେ ଲିଟର ପିଛା ୨ ଟଙ୍କା ହ୍ରାସ ପାଇଥିଲା। ସେବେଠାରୁ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ସମୟ ମଧ୍ୟରେ, କଞ୍ଚା ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୨୦ ଡଲାରରୁ ଅଧିକ ହ୍ରାସ ପାଇଛି। ମାତ୍ର ଏହାର ଫାଇଦା ଖାଉଟିଙ୍କ ପାଖରେ ପହଞ୍ଚି ପାରିନାହିଁ। ବିଶେଷଜ୍ଞଙ୍କ ମତରେ ୨୦ ଡ଼ଲାର କଞ୍ଚାତେଲ ମୂଲ୍ୟ ହ୍ରାସ ଭାରତୀୟ ବଜାରରେ ପେଟ୍ରୋଲ ଡ଼ିଜେଲ ମୂଲ୍ୟକୁ ୨୫% ପର୍ଯ୍ୟନ୍ତ କମ୍ କରିପାରିବ। ମାତ୍ର ଏହାର ଏହାର ସବୁ ଲାଭ କମ୍ପାନୀ ଓ ସରକାର ପାଉଛନ୍ତି।

ସମ୍ପ୍ରତି ଅଶୋଧିତ ତେଲ ଉତ୍ପାଦକଙ୍କ ସଂଗଠନ ଓପେକ୍ ରାଷ୍ଟ୍ର ସମୂହ ଅଶୋଧିତ କଞ୍ଚା ତେଲ ଉତ୍ପାଦନ ବୃଦ୍ଧି ଘୋଷଣା ଯୋଗୁଁ ପୁଣି ଅଶୋଧିତ ତୈଳ ଦର ହ୍ରାସ ପାଇବାର ସମ୍ଭାବନା ରହିଛି। ଚଳିତ ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସରେ ଉପସାଗରୀୟ ଦେଶଗୁଡ଼ିକର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ପାଖାପାଖି ୧୦ ଡଲାର ପର୍ଯ୍ୟନ୍ତ ହ୍ରାସ କରିବାକୁ ଯୋଜନା କରିଛନ୍ତି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ଯୋଗାଣରେ ବୃଦ୍ଧି ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ଗୋଟିଏ ପଟେ ଆମେରିକା ଯୋଗାଣ ବୃଦ୍ଧି କରିଛି। ଅନ୍ୟପଟେ ଓପେକ୍ ପ୍ଲସ୍ ସଦସ୍ୟ ରାଷ୍ଟ୍ରମାନଙ୍କ ପକ୍ଷରୁ ଯୋଗାଣ ଜାରି ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପରେ, ହର୍ମୁଜ୍ ସଙ୍କଟ ମଧ୍ୟ ଟଳିଯାଇଛି। ଏହାସହିତ ଯୋଗାଣରେ କୌଣସି ବାଧା ସୃଷ୍ଟି ହେବାର ସମ୍ଭାବନା ନାହିଁ। ଯାହା ଫଳରେ ତୈଳ ମୂଲ୍ୟ ପ୍ରାୟ ୧୫% କମିବ ବୋଲି ଆଶା କରାଯାଉଛି। ମାତ୍ର ଭାରତର ଖାଉଟିମାନଙ୍କ ପାଇଁ ଏହି ଲାଭ ମିଳିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

## ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ...

ଅମ୍ବାନୀ ହସ୍ପିଟାଲର ଡାକ୍ତରଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ମଧ୍ୟ ନବୀନଙ୍କ ସହ ଚାଲି ଚାଲି ଆସି ତାଙ୍କୁ ବାଟୋଇ ଦେଇଛନ୍ତି। ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ତେବେ ଡ଼ାକ୍ତରଖାନାରୁ ଡ଼ିସଚାର୍ଜ ହୋଇଥିଲେ ହେଁ ନବୀନ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ମୁମ୍ବାଇରେ ରହିବେ। ସେଠାରେ ତାଙ୍କର ଫିଜିଓ ଥେରାପି ଚାଲିବ। ଏହାପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ।

ସର୍ଭିକାଲ ଆର୍ଥ୍ରାଇଟ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ସ୍ପାଇନ ସ୍ପେସିଆଲିଷ୍ଟ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ତାଙ୍କର ସ୍ୱାସ୍ଥ୍ୟ ଉପରେ ନଜର ରଖିଥିଲେ।

## ଦେଢ଼ ବର୍ଷ ପରେ...

ସେବାକୁ ପୁନର୍ବାର ଆରମ୍ଭ କରାଯାଇଛି। ୪ ଦିନ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ଅଭିଜ୍ଞ ଓ ବରିଷ୍ଠ ଡାକ୍ତର ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ୨୬୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଆଜି ସ୍ନାୟୁ ବିଭାଗର ଡା. ରାକେଶ ମହାନ୍ତି, ମୂତ୍ରାଶୟ ବିଭାଗ ଡା. ବିଶ୍ୱଜିତ ସାହୁ, କିଡ୍‌ନୀ ଜନିତ ରୋଗ ବିଭାଗର ଡା. ଲିପିକା ପାଣିଗ୍ରାହୀ, ହୃଦ୍‌ରୋଗ ବିଭାଗର ଡା. ସୁମିତ୍ କୁମାର ସାହୁ, ପେଟ ଓ ଗ୍ୟାସ୍ ଜନିତ ବିଭାଗ ଡା. ରାକେଶ ମହାନ୍ତି ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆସନ୍ତା ୮, ୯ ଓ ୧୦ ତାରିଖରେ ରୋଗୀମାନଙ୍କୁ ସୁପରସ୍ପେସିଆଲିଟି ବରିଷ୍ଠ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଛି। ୧୦ ତାରିଖ ଦିନ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଜନିତ ପରାମର୍ଶ ଓ ଔଷଧ ପ୍ରଦାନ କରାଯିବ। ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଏହି ଶିବିରକୁ ପରିଦର୍ଶନ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ନିରୀକ୍ଷଣ କରିବା ସହ ରୋଗୀମାନଙ୍କ ଯେଉଁଳି କୌଣସି ଅସୁବିଧା ନ ହୁଏ, ତା' ଉପରେ ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କହିଥିଲେ। ଏହି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଓ ଏହାର ସଫଳ ରୂପାୟନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ଡିପିଏଚଓ ଡା. ନବକିଶୋର ବେହେରା, ଡା. ସୁକାନ୍ତ ଶତପଥୀ, ଡିପିଏମ୍?, ଏନ୍?ଏଚ୍?ଏମ ଶଙ୍କର ଆଚାର୍ଯ୍ୟଙ୍କ ସମେତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ହସ୍ପିଟାଲ ମ୍ୟାନେଜର, ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

## ଏଟିଏମ୍ କାଟି...

ସୂଚନାନୁଯାୟୀ, ଏହି ଏସ୍‌ବିଆଇ ଏଟିଏମ୍‌ଟି ଏକ ଭଡ଼ା ଘରେ ଚାଲିଛି। ଗତ ବିଳମ୍ବିତ ରାତିରେ ୫ରୁ ୬ଜଣ ଦୁର୍ବୃତ୍ତ ଏଟିଏମ୍‌ରୁ ଟଙ୍କା ଲୁଟ୍ ପାଇଁ ଆସିଥିଲେ। ପ୍ରଥମେ ସେମାନେ ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ କଳାରଙ୍ଗ ସ୍ପ୍ରେ' କରି ଦେଇଥିଲେ। ପରେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ଟଙ୍କା ଲୁଟ୍ କରିଥିଲେ। ତେବେ ଏହା ଜାଣିପାରି ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟରୁ ଘର ମାଲିକଙ୍କୁ ଫୋନ୍ ଆସିଥିଲା। ମାତ୍ର ଘର ମାଲିକ ଅନ୍ୟ ଲୋକଙ୍କୁ ଡାକି ସେଠାକୁ ଯିବା ବେଳକୁ ଚୋରମାନେ ସଟର୍ ଟାଣି ଫେରାର୍ ହୋଇଯାଇଥିଲେ। ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ଉକ୍ତ ଏଟିଏମ୍‌ରୁ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିବା ନେଇ ବ୍ୟାଙ୍କ ତରଫରୁ ଥାନାରେ ଅଭିଯୋଗ ହୋଇଛି।

## ମୁଖିଆ ହେବେ...

ପର୍ଯ୍ୟନ୍ତ ନାମାଙ୍କନ ପ୍ରକ୍ରିୟା ଜାରି ରହିଥିଲା। ନିର୍ଦ୍ଧାରିତ ଅବଧି ମଧ୍ୟରେ ମନମୋହନ ଏକାକୀ ନିଜର ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପାଇଁ ସମସ୍ତ ୩୨ ଜଣ ନାମାଙ୍କନ କରିଛନ୍ତି। ନାମାଙ୍କନ ପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ସାଂସଦ ସମ୍ବିତ ପାତ୍ରଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସହ ନିର୍ବାଚନ ଅଧିକାରୀ ସୁକେଶୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ମନମୋହନ ୩ଥର ରାଜ୍ୟ ସଭାପତି ଦାୟିତ୍ୱ ତୁଲାଇ ସାରିଛନ୍ତି। ପ୍ରଥମେ ୧୯୯୯ରୁ ୨୦୦୦ ଓ ପରେ ୨୦୦୧ ରୁ ୨୦୦୪ ପର୍ଯ୍ୟନ୍ତ ସଭାପତି ରହିଥିଲେ। ପରେ ୨୦୨୩ ମସିହାରେ ସେ ତୃତୀୟ ଥର ପାଇଁ ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ ଚତୁର୍ଥ ଥର ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଶ୍ରୀ ସାମଲ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ରହିଥିଲେ। ୨୦୦୪ରେ ସେ ସାଂସଦ ପଦରୁ ଇସ୍ତଫା ଦେଇ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଜେପି – ବିଜେଡି ମେଣ୍ଟ ସରକାରରେ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ବିଭାଗର ମନ୍ତ୍ରୀ ଥିଲେ।

## ବଜ୍ରାଘାତରେ ଟଳିପଡ଼ିଲେ...

ବ୍ଲକ୍ ଅଧୀନ କୁରୁଣ୍ଡା ଗ୍ରାମର ଯୁବଚାଷୀ ଚନ୍ଦ୍ରକାନ୍ତ ଆଜି ଅପରାହ୍ଣରେ ବିଲରେ ହଳ କରାଉଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ପରିବାରଲୋକ ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରକାନ୍ତଙ୍କ ଆକସ୍ମିକ ମୃତ୍ୟୁରେ ସମଗ୍ର କୁରୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଆଜି ମୁଣ୍ଡଳୀରୁ...

ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେବାକୁ ଯାଉଛି।

ତେବେ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୌଣସି ନଦୀର ଜଳସ୍ତର ବର୍ତ୍ତମାନ ବିପଦ ସଙ୍କେତ ଉପରେ ନାହିଁ। ଅତ୍ୟଧିକ ବର୍ଷା ଯୋଗୁଁ ଭଦ୍ରକ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ କିଛି କ୍ଷୟକ୍ଷତି ହୋଇଛି। ରିପୋର୍ଟ ଆସିଲେ କ୍ଷତିପୂରଣ ପ୍ରଦାନ କରାଯିବ। ତଳି ଅଞ୍ଚଳରେ ବର୍ଷା ପାଣି ରହିଛି, କିନ୍ତୁ କେଉଁଠି ବି ବନ୍ୟା ପାଣି ପଶିନାହିଁ। ଏହାସତ୍ତ୍ୱେ ଜିଲ୍ଲାପାଳମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ ଏବଂ ବନ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରହିଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ଅଛନ୍ତି। ଯଦି ବନ୍ୟା ସ୍ଥିତି ଉପୁଜେ ତେବେ ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ହୀରାକୁଦରେ ଏବେ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମଙ୍ଗଳବାର ସକାଳ ୬ଟା ପରେ ମୁଣ୍ଡଳୀରେ ଏହି ବନ୍ୟାଜଳ ପହଁଚିବ। ମୁଣ୍ଡଳୀଠାରେ ୪.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ। ଆଗାମୀ ଦିନରେ ବର୍ଷା ଅଧିକ ହେଲେ ଅଧିକ ଗେଟ୍ ଖୋଲା ହେବାର ଆଶଙ୍କା ରହିଛି।

■ **ବଣ୍ଡାଘାଟିରେ ଜନନୀ ଯନ୍ତ୍ରଣା**

## ୭ କିଲୋମିଟର ଭାରରେ ବୁହାହେଲେ ଗର୍ଭବତୀ

ମାଲକାନଗିରି/ଖଇରପୁଟ, ୭ ।୭(ସମିସ): ରାସ୍ତା ନଥିବାରୁ ବୁହାହେଲେ ଗର୍ଭବତୀ ମହିଳା। ବାରମ୍ବାର ଏଭଳି ଜନନୀ ଯନ୍ତ୍ରଣାର ଚିତ୍ର ମାଲକାନଗିରି ଜିଲ୍ଲାରୁ ଆସୁଛି। ଆଜି ପୁଣି ଜିଲ୍ଲାର ଖଇରପୁଟ ବ୍ଲକ ବଣ୍ଡାଘାଟିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ବଣ୍ଡା ଘାଟିର ଭଜଗୁଡା ଗ୍ରାମର ରଞ୍ଜନ ଭଜଙ୍କ ସ୍ତ୍ରୀ ସୁନାଇ ଭଜଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ତେବେ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସଟି ଗାଁକୁ ଆସିପାରି ନଥିଲା। ତୁସେଇପଡା ଗାଁମୁଣ୍ଡରେ ଆମ୍ବୁଲାନ୍ସ ଅଟକି ରହିଥିଲା। ପରିବାର ଲୋକେ ଆଶା ଦିଦିଙ୍କ ସହିତ ଦୀର୍ଘ ଦଶ କିଲୋମିଟ ଭାରରେ ବୋହି ମହିଳାଙ୍କୁ ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ଖଇରପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଗଲା।

## ୮ ଲକ୍ଷ ଇନାମି ମାଓବାଦୀ ନିହତ

ମାଲକାନଗିରି, ୭ ।୭ (ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ହାର୍ଡକୋର ମାଓବାଦୀ ନିହତ ହୋଇଛି। ମୃତ ମାଓବାଦୀ ହେଉଛନ୍ତି ପିଏଲଜିଏ ବାଟାଲିୟନ ନମ୍ବର ୧ର ଡେପୁଟି କମାଣ୍ଡର ସୋଡି କନ୍ନା ଓରଫ ପଦନାମ। ପଦନାମ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଘଟଣା ସ୍ଥଳରୁ ଗୋଟିଏ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ନେଶନାଲ ପାର୍କ ଜଙ୍ଗଲରେ ମାଓବାଦୀ ମାନେ ଏକ ଶିବିର କରି ରହିଥିବା ନେଇ ପୁଲିସର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଆରଜି, ସିଆରପିଏଫ ଓ ଏସ୍‌ଟିଏଫର ଯବାନ ମାନେ ସେଠାରେ ଅପରେସନ ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି ବୋଲି ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୁଚନା ଦେଇଛନ୍ତି।

## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ: sbi.05174@sbi.co.in

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ ।**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୩.୦୮.୨୦୨୫ରିଖ** ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୩.୦୮.୨୦୨୫ରିଖ ଅପରାହ୍ନ ୦୨.୦୦ ଘଟିକା ରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ତା.୧୧.୦୮.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

| କ୍ର. ନଂ. | ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଆଖଣ୍ଡଳମଣୀ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ସ୍ୱ ବନମାଳି ପାଣି,** ଠିକଣା-୧: ସା: ହୁସେନ ମାର୍କେଟ କମ୍ପ୍ଲେକ୍ସ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୦୪୫, ଠିକଣା-୨: ସା: ତେନ୍ତୁଳିଆ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା / **ଆଇନଗତ ଉତ୍ତରାଧିକାରୀ: ୧) ଶ୍ରୀ ପ୍ରସୁଜିତ ପାଣି,** ପିତା: ସ୍ୱ ବନମାଳି ପାଣି, **୨) ଶ୍ରୀମତୀ ସବିତା ପାଣି,** ସ୍ୱାମୀ: ସ୍ୱ ବନମାଳି ପାଣି, ଉଭୟଙ୍କ ଠିକଣା- ସା/ପୋ: ତେନ୍ତୁଳିଡିହି, ଥାନା: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା | ସ୍ୱ ବନମାଳି ପାଣିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତେନ୍ତୁଳିଡିହି, ପୋ/ଥାନା/ତହସିଲ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, **(କ)** ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୯୪, ପ୍ଲଟ୍ ନଂ.: ୧୮୭୧, କ୍ଷେତ୍ର: ଏକର୦.୦୮ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ହରିବଲ୍ଲଭ ପଡ଼ିହାରି, ପୂର୍ବ: ପଞ୍ଚୁ ପଡ଼ିହାରି, ପଶ୍ଚିମ: ରାସ୍ତା, **(ଖ)** ମୌଜା: ସିମିଳିଆ, ଖାତା ନଂ.: ୧୮୬/୧୫୨, ପ୍ଲଟ୍ ନଂ.: ୧୨୯/୬୬୫ ଏବଂ ୧୩୦/୬୬୬, କ୍ଷେତ୍ର: ଏକର୦.୦୪ ଡିସିମିଲି ଏବଂ ଏକର୦.୦୪ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗଦାଧର ସାହୁ, ଦକ୍ଷିଣ: ୧୦ ଫୁଟିଆ ରାସ୍ତା, ପୂର୍ବ: ଗୁଣନିଧି କର, ପଶ୍ଚିମ: ଶ୍ରୀ ସୁଶାନ୍ତ, **(ଗ)** ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୧୩୪, ପ୍ଲଟ୍ ନଂ.: ୨୪୪୫/୨୯୨୦ ଏବଂ ୨୪୪୬, କ୍ଷେତ୍ର: ଏକର୦.୦୨ ଡିସିମିଲି ଏବଂ ଏକର୦.୧୦ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: କୈଶା ବାରିକ, ଦକ୍ଷିଣ: କାଦୁଅ ରାସ୍ତା, ପୂର୍ବ: ଗ୍ରାମ୍ୟ କଂକ୍ରିଟ୍ ରାସ୍ତା, ପଶ୍ଚିମ: ବ୍ୟକ୍ତିଗତ ପ୍ଲଟ୍ (ଏହି ସମ୍ପତ୍ତିଟି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୯୫,୮୦,୭୭୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୧୧.୨୦୨୨ | ଟ.୬୩,୨୫,୦୦୦/- / ଟ.୬,୩୨,୫୦୦/- / ଟ.୫୦,୦୦୦/- |
| ୨. | **ଋଣଗ୍ରହୀତା: ମେସର୍ସ ମା ମଙ୍ଗଳା ସାଇକେଲ ଷ୍ଟୋର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୌରାଙ୍ଗ ସ,** ସା/ପୋ: ଆଜିମାବାଦ, ମେନ୍ ରୋଡ୍, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧/ **ଜାମିନ୍‌ଦାର: ଶ୍ରୀ ଅନ୍ତର୍ଯ୍ୟାମୀ ସ,** ପିତା: ଅନାଦୀ ଚରଣ ସ, ବୁଆଁଳ ବୁଆଁଳ ମନ୍ଦିର ନିକଟ, ବାଲେଶ୍ୱର ସଦର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୭ | **ଗୌରାଙ୍ଗ ସ ଏବଂ ଅନ୍ତର୍ଯ୍ୟାମୀ ସଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କରଞ୍ଜିଆ, ୟୁନିଟ୍-୬, ଖାତା ନଂ.: ୧୯୯/୨୬୦୧, ପ୍ଲଟ୍ ନଂ.: ୬୪୦/୩୭୮୩, କ୍ଷେତ୍ର: ଏକର୦.୦୪ ଡିସିମିଲି, କିସମ: ଘରବାରି (ଏହି ସମ୍ପତ୍ତିଟି ବ୍ୟାଙ୍କର ଭୌତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୮୧,୨୫,୬୬୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୬.୦୬.୨୦୨୪ | ଟ.୪୩,୧୭,୦୦୦/- / ଟ.୪,୩୧,୭୦୦/- / ଟ.୫୦,୦୦୦/- |

**ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
**www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com**
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫ ଏବଂ ସିସିଓ: ଶ୍ରୀ ବି.ଏନ୍. ମୂର୍ତ୍ତୀ, ମୋ.: ୭୩୮୧୦୪୮୭୦୭

ତାରିଖ : ୦୭.୦୭.୨୦୨୫, ସ୍ଥାନ : ଭୁବନେଶ୍ୱର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ରଥଟଣା ବନ୍ଦ ପରେ କାଳିମାଟି ରାସ୍ତା ସୁଧୁରିବ ତ?



ଯୋଡ଼ା, ୭।୭(ସମିସ): ଦୀର୍ଘ ଦିନ ଧରି ରାସ୍ତା ମରାମତି ନହେବାରୁ କାଦୁଅ ରାସ୍ତାରେ ଟଣା ହେଉଥିଲା ରଥ। ଗୁଣ୍ଡିଚା ଯାତ୍ରା ସମୟରେ କାଦୁଅରେ ରଥ ପଶି ୬ଟିରୁ ଭାଙ୍ଗିଗଲା ୨ଟି ଚକ। ବାହୁଡା ଯାତ୍ରାରେ ଆଉଥରେ କାଦୁଅରେ ପଶି ୨ଟି ଚକ ଭାଙ୍ଗିଯିବା ଫଳରେ ରଥଟି ଗଳି ପଡିଥିଲା। ପରେ ଏକ ଗାଡି ସାହାଯ୍ୟରେ ତିନି ମୂର୍ତ୍ତିଙ୍କୁ ବୁହାଯାଇ ମନ୍ଦିରକୁ ନିଆଯାଇଥିଲା। ଏହି ଘଟଣାରେ ରଥ ଟାଣିବାକୁ ଯୋଗଦେଇଥିବା ଶହ ଶହ ଭକ୍ତଙ୍କ ମନରେ ଗଭୀର ଆଘାତ ଲାଗିଛି। ଖଣି ସମୃଦ୍ଧ ଯୋଡା ବ୍ଲକ ଅନ୍ତର୍ଗକ କାଳିମାଟି ଅଞ୍ଚଳରେ ଏଭଳି ଦୁର୍ଦ୍ଦଶା ଦେଖିବାକୁ ମିଳିଛି। କାଳିମାଟିରୁ ଦୁବୁନା ଯାଇଥିବା ଗ୍ରାମ୍ୟ ରାସ୍ତା ଦୀର୍ଘ ଦିନରୁ ମରାମତି ଅଭାବରୁ ଗାଡି ମୋଟର ଯାତାୟତ ଅନୁପଯୋଗୀ ହୋଇପଡିଛି। ଭାରିଯାନ ଚଳାଚଳ ଯୋଗୁଁ ରାସ୍ତାରେ ୪ ଚକିଆ ତ ଦୂରର କଥା ୨ ଚକିଆ ଯାନଟିଏ ଯିବା ମଧ୍ୟ କଷ୍ଟକର। ଏହି ରାସ୍ତାଟିକୁ ଗ୍ରାମବାସୀ ନିଜର ପଟ୍ଟାଭୁକ୍ତ ଜମି ଦେଇ ସ୍ୱଚ୍ଛନ୍ଦ ଚଳପ୍ରଚଳ ପାଇଁ ତିଆରି କରିଥିବା ବେଳେ ଏହାରି ଉପରେ ଜୋରଜବରଦସ୍ତ ଭାରୀଯାନ ଚଳାଚଳ କରୁଛି। ରକ୍ଷଣାବେକ୍ଷଣ ପାଇଁ ଟଙ୍କାଟିଏ ମଧ୍ୟ ଏହି ସଂସ୍ଥା ଖର୍ଚ୍ଚ କରୁନାହାନ୍ତି। ଗ୍ରାମବାସୀ ପ୍ରତିବାଦ କଲେ ସେମାନଙ୍କୁ ପୁଲିସ ପ୍ରଶାସନର ଭୟ ଦେଖାଇ ସେମାନଙ୍କ ସ୍ୱରକୁ ଚପାଇଦିଆଯାଏ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ସମନ୍ୱୟ ଅଭାବରୁ ମିଳୁନି ସଠିକ ସୂଚନା

# ବୈତରଣୀ ବନ୍ୟାଜଳ ଏବେ ବି ସତର୍କ ସଂକେତ ଉପରେ



ଆନନ୍ଦପୁର, ୭।୭(ସମିସ): ବୈତରଣୀ ନଦୀରେ ହୋଇଥିବା ତିନିଟି ଯୋଜନା ନଦୀଜଳକୁ ନିୟନ୍ତ୍ରଣ କରୁଥିଲେ ମଧ୍ୟ ପରସ୍ପର ମଧ୍ୟରେ ସମନ୍ୱୟ ଅଭାବରୁ ବନ୍ୟା ଜଳସମ୍ପର୍କିତ ସଠିକ ଆକଳନ ହୋଇପାରୁ ନଥିବା ଜଣାପଡ଼ିଛି। ଏପରିକି ସୂଚନା ଅଭାବରୁ ଧନଜୀବନ ହାନିର କାରଣ ହୋଇପାରେ ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ଏଦିଗରେ ସତର୍କତା ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇଛି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗତ ୭ ଦିନଧରି ଝିପି ଝିପି ବର୍ଷା ଯୋଗୁଁ ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇ ସତର୍କ ସଂକେତ ଅତିକ୍ରମ କରି ୩୭.୭୦୦ମିଟରରେ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଆନନ୍ଦପୁର ବ୍ୟାରେଜ ଜଳଭଣ୍ଡାରରେ ଜଳ ପତ୍ତନ ବୃଦ୍ଧି ପାଉଥିବାରୁ ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ବ୍ୟାରେଜର ଗେଟ ଖୋଲାଯିବାପରେ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। ବନ୍ୟା ଜଳ ଆସିବା ପରେ ନଦୀକୂଳବର୍ତ୍ତୀ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ପଞ୍ଚୁପଲି ନିକଟରେ ନଦୀବନ୍ଧରେ ନିର୍ମାଣାଧୀନ ସ୍ଲୁଇସ ଅଧପନ୍ତରିଆ ଭାବେ ପଡିରହିଥିବାରୁ ବନ୍ୟାଜଳ ପ୍ରତିବର୍ଷ ବ୍ୟାପକ କ୍ଷୟକ୍ଷତି ଓ ଫସଲ ହାନି କରୁଛି। ଜଳସମ୍ପଦ ବିଭାଗ ଏହି ସମସ୍ୟା ସମ୍ପର୍କରେ ଅବଗତ ଥିଲେ ମଧ୍ୟ ନିରବଦ୍ରଷ୍ଟା ସାଜିଛି।

# ପୁରପଲ୍ଲୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ







କେନ୍ଦୁଝର, ୭।୭(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଯୋଗୀମଠ ଗ୍ରାମରେ ସୁନାବେଶରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଦର୍ଶନ ଦେଇଛନ୍ତି। ଏହି ଅବସରରେ ନୀତିକାନ୍ତି ସହ ଭଜନ କାର୍ଯ୍ୟକ୍ରମ, ଦେବଦାସୀ ନୃତ୍ୟସଙ୍ଗୀତ ପରିବେଷଣ କରାଯାଇଥିଲା। ବୈଦିକ ବ୍ରାହ୍ମଣ ସମେତ ଦଇତାପତି ସେବା ଯୋଗାଇଥିବାବେଳେ ରଥଯାତ୍ରା କମିଟିର ମୁଖ୍ୟ ଆୟୋଜକ ପରେଶଚନ୍ଦ୍ର ଧର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବନାଯୋଡି ଓ ଯୋଗୀମଠ ଗ୍ରାମବାସୀ ସହଯୋଗ କରିଥିଲେ। ଭକ୍ତଙ୍କୁ ପ୍ରସାଦ ବଣ୍ଟନର ବ୍ୟବସ୍ଥା ରହିଥିଲା।

**ବେଲବାହାଳି:** ଘଷିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳର ଆରାଧ୍ୟ ପ୍ରଭୁ ଦଧିବାମନଜୀଉଙ୍କ ପୀଠରେ ରବିବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସୁନାବେଶରେ ଦର୍ଶନ ଦେଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ପୂଜକ ଜଗନ୍ନାଥ ପଣ୍ଡା, ନିରଞ୍ଜନ ପଣ୍ଡା ନୀତିକାନ୍ତି ସମ୍ପନ୍ନ କରିଥିବା ବେଳେ ସେବାୟତ ହରିପ୍ରସାଦ ମିଶ୍ର, ହୃଷୀକେଶ ଆଚାର୍ଯ୍ୟ, ଅବିନାଶ ଶତପଥୀ, କଳାକର ଆଚାର୍ଯ୍ୟ, ଦାସରଥୀ ଆଚାର୍ଯ୍ୟ, ଅନିରୁଦ୍ଧ ଆଚାର୍ଯ୍ୟ, ନିର୍ମଳ ଆଚାର୍ଯ୍ୟ, ରବିନ୍ଦ୍ର ଆଚାର୍ଯ୍ୟ, ସନ୍ତୋଷ ଆଚାର୍ଯ୍ୟ, ରବିନ୍ଦ୍ର କର, ଓମପ୍ରକାଶ କର, ଅଂଶୁମାନ ମିଶ୍ର, ସନତ ଆଚାର୍ଯ୍ୟ, ଅଂଶୁମାନ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ଆଚାର୍ଯ୍ୟ, ସମୀର ଆଚାର୍ଯ୍ୟ, ସୌମ୍ୟରଞ୍ଜନ ପଣ୍ଡା ସହଯୋଗ କରିଥିଲେ। କେଶଦୁରାପାଳ ଜନମଙ୍ଗଳ ବିଦ୍ୟାଳୟର ୧୯୯୭ ମସିହା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ସୁନାବେଶ ଅବସରରେ ଭଜନ ସନ୍ଧ୍ୟା, ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଘଷିପୁରା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ତୁରୁମୁଙ୍ଗା:** ପାଟଣା ବ୍ଲକ ରାଜନଗର ଓ ମଲ୍ଲିପଶିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଉପରେ ସୁନା ବେଶ ଅନୁଷ୍ଠିତ ହୋଇଛି। ରାଜନଗରରେ ମୁଖ୍ୟ ପୂଜକ ସତ୍ୟାନନ୍ଦ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର, ଗୋପୀନାଥ ପଣ୍ଡା ଦେବନୀତି ସମ୍ପାଦନ କରିଥିଲେ। ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ। ସେହିଭଳି ମଲ୍ଲିପଶରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନା ବେଶ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ପାର୍ଥ ସାରଥିବେଜଙ୍କ ନେତୃତ୍ୱରେ ପୂଜକ କୁଳମଣି ଷଡ଼ଙ୍ଗୀ ଦେବନୀତି ସମ୍ପାଦନ କରିଥିଲେ।







## ରଥପଥ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ



ତେଲକୋଇ, ୭।୭(ସମିସ): ତେଲକୋଇ ଜଗନ୍ନାଥ ମନ୍ଦିରସ୍ଥିତ ବଡ଼ଦାଣ୍ଡରେ ରଥପଥ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟଦୁର୍ଗା ସଙ୍ଗୀତ ଓ ନୃତ୍ୟ ଶିକ୍ଷାକେନ୍ଦ୍ର ତେଲକୋଇ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଅତିଥି ଭାବେ ଭାବେ ତେଲକୋଇ ବଣିକ ସଂଘ ସଭାପତି ଧନେଶ୍ୱର ବେହେରା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର ନାଏକ, ସମ୍ବାଦିକ ବିରଞ୍ଚି ବେହେରା, ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା ଯୋଗ ଦେଇଥିଲେ। ଅଜୟ ବିଶ୍ୱାଳ, ଡ. ନାରାୟଣଚନ୍ଦ୍ର ସେନାପତି, ବାବୁଲା ପ୍ରଧାନ, ଅକ୍ଷୟ ବାରିକ, ଚନ୍ଦ୍ରଶେଖର ମହାନ୍ତ, ଶଶଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ରାଜସ୍ୱ କର୍ମଚାରୀଙ୍କ ଆନ୍ଦୋଳନ, ୧୪ରୁ କାର୍ଯ୍ୟବନ୍ଦ

ଆନନ୍ଦପୁର, ୭।୭(ସମିସ): ଆନନ୍ଦପୁର ଉପଖଣ୍ଡରେ କାର୍ଯ୍ୟରତ ରାଜସ୍ୱ ଅମଲା କର୍ମଚାରୀମାନେ ୧୦ ଦଫା ଦାବି ପୂରଣ ପାଇଁ ସୋମବାରଠାରୁ କଳାବ୍ୟାଜ୍ ପରିଧାନ ପୂର୍ବକ ପ୍ରତିବାଦ ଜଣାଇ କାର୍ଯ୍ୟ କରୁଛନ୍ତି। ଦାବି ପୂରଣ ନହେଲେ ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସଂଘର ଆନନ୍ଦପୁର ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ବାଧ୍ୟ ହୋଇ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ପୂରଣ ଦିଗରେ ସରକାରଙ୍କ ସହ ଆଲୋଚନା ବିଫଳ ହୋଇଛି। ଏନେଇ ରାଜ୍ୟ ସଂଘର ଆହ୍ୱାନରେ ଆନ୍ଦୋଳନର ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ଯଥାଶୀଘ୍ର ଦାବିପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ପ୍ରଶାସନିକ ଅଚଳବସ୍ଥା ସୃଷ୍ଟି ହେବା ସ୍ପଷ୍ଟ ହୋଇଛି।





କେନ୍ଦୁଝର: ରାଜସ୍ୱ ଅମଲା ସଂଘ ଜିଲ୍ଲା ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ୧୦ ଦଫା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ସମସ୍ତ ଅମଲା କର୍ମଚାରୀ ତଥା ସଂଘ କର୍ମକର୍ତ୍ତା କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବେଲବାହାଳି,୭।୭(ସମିସ): ଆନନ୍ଦପୁର ବ୍ଲକ ହରିଡ଼ାପାଳ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡ଼ା ଜୟମଙ୍ଗଳା ଆଞ୍ଚଳିକ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବଚନ୍ଦ୍ର ପରିଡ଼ାଙ୍କୁ ପୁରାତନ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ କମିଟି ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଘସିପୁରା ଥାନାଧିକାରୀ ମାନସ ବାରିକ, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରଞ୍ଜନ ଘଡ଼େଇ, ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପୂର୍ବତନ ସମ୍ପାଦକ କାହ୍ନୁଚରଣ ସାମଲ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ମହାରଣା, ଟୋଲଙ୍କପଡ଼ା ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ହରିଡ଼ାପାଳ ପଞ୍ଚାୟତର ସରପଞ୍ଚ ମିନତୀ ମହାରଣା, ସ୍କୁଲ କମିଟି ପରିଚାଳନା ସଭାପତି ମନୋରଞ୍ଜନ ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ କୁଣ୍ଡୁଳାଇ ଉଚ୍ଚବିଦ୍ୟାଳୟର ପିତବାସ ପଢ଼ିହାରୀ ସମ୍ବର୍ଦ୍ଧନା ଉତ୍ସବରେ ସାମିଲ ହୋଇଥିଲେ। ରଞ୍ଜନ ଜେନା ଅତିଥି ପରିଚୟ, ମଦନ ମୋହନ ବାରିକ ଓ ବୁଧଦେବ ପଣ୍ଡା ଧନ୍ୟବାଦ ଜଣାଇଥିଲେ। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗ୍ରାମ ପରିକ୍ରମା କରି ତାଙ୍କ ଗ୍ରାମ ହରିଡ଼ାପାଳସ୍ଥିତ ବାସଭବନକୁ ବିଦାୟ ଦିଆଯାଇଥିଲା।

# କେଶଦୁରାପାଳ ଲକ୍ଷ୍ମୀବଜାରର ମୁଖ୍ୟରାସ୍ତା ଅବରୋଧ



ବେଲବାହାଳି,୭।୭(ସମିସ): ଘଷିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଲକ୍ଷ୍ମୀ ବଜାରର ମୁଖ୍ୟରାସ୍ତାକୁ ଅବରୋଧ କରି ଗ୍ରାମବାସୀ ପ୍ରଶାସନର ଅବହେଳାର ପ୍ରତିବାଦ କରିଛନ୍ତି। ଜବର ଦଖଲ ଉଚ୍ଛେଦ ଅଧାରେ ଅଟକିଥିବାରୁ ବଜାର ମଝିରେ ଜମି ରହିଛି ଆଣ୍ଠୁଏ ଆଣ୍ଠୁଏ ପାଣି। ଛାତ୍ରଛାତ୍ରୀ ଓ କେଶଦୁରାପାଳ ମେଡ଼ିକାଲକୁ ଆସୁଥିବା ରୋଗୀମାନେ ଏହି ରାସ୍ତାରେ ହନ୍ତସନ୍ତ ହେଉଛନ୍ତି। ପ୍ରଶାସନ ସବୁ ଜାଣି ଚୁପ ବସିବାରୁ ଆଜି ଲୋକମାନେ ବଜାରର ମୁଖ୍ୟରାସ୍ତାରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଛନ୍ତି। ୬ଟି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭର କରୁଥିବା ଏହି ଗାଁର ବଜାର ରାସ୍ତାରେ ଦମକଳ ଓ ଆମ୍ବୁଲାନ୍ସ ମଧ୍ୟ ଯିବାଆସିବାରେ ସମ୍ଭବ ହେଉନାହିଁ। ରାସ୍ତା ଅବରୋଧ କରିଥିଲେ ମଧ୍ୟ ପ୍ରଶାସନର କୌଣସି ଦେଖା ମିଳିନଥିଲା। ଯାହାଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଣୁ ଅଧାରେ ଅଟକିଥିବା ଜବରଦଖଲ ପ୍ରଶାସନ ତୁରନ୍ତ ଉଚ୍ଛେଦ କରିବା ପାଇଁ ଅଞ୍ଚଳର ଶତ୍ରୁଘନ ସାହୁ, ବିଜୟ କୁମାର ରଣା, ପ୍ରମୋଦ ବେହେରା, ପଙ୍କଜ ରଣା, ରତ୍ନାକର ସାହୁ, ସଞ୍ଜୟ ରଣା, ଆଶୁତୋଷ ପଣ୍ଡା, ଆନନ୍ଦ ସାହୁ, କାଳନ୍ଦୀ ସାହୁ, ସନ୍ତିଆ ବେହେରା ପ୍ରମୁଖ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ; ଚାରା ରୋପଣ



ଆନନ୍ଦପୁର, ୭।୭ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରୋଭରରେଞ୍ଜର ବିଭାଗ ଓ ଯୁବ ରେଡକ୍ରସ ବିଭାଗ ତରଫରୁ ବନ ମହୋତ୍ସବ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମକୁ ଅଧକ୍ଷ ସଞ୍ଜୟ ସାହୁ ଉଦଘାଟନ କରିଥିଲେ। ରୋଭର ସ୍କାଉଟ ଲିଡର ବିଜୟ ସାହୁ, ଯୁବ ରେଡକ୍ରସ କାଉନସେଲର ମହେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ଅଧ୍ୟାପକ ଭବାନୀ ପ୍ରସାଦ ବଳ, ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ଅଳକା ପାଢ଼ୀ, ଦାମୋଦର ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିଜୟ ଷେଣ୍ଢଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ ଶତ୍ରୁଘନ ସାହୁ, ବନକର୍ମଚାରୀ ଅମରେନ୍ଦ୍ର ନାଥ, ଆମ ଜଙ୍ଗଲ ଯୋଜନା ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ପାଲ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ସାମିଲ ହୋଇଥିଲେ। ଶିକ୍ଷୟିତ୍ରୀ ନିବେଦିତା ସାହୁ, ଲକିସ୍ମିତା ସେଠୀ, ବିଶ୍ୱବନ୍ଦିତା ସାହୁ, ସୁଜାତା ଦଳେଇ, ଅଶୋକ ଗୋଛାୟତ, ସୌଜନ୍ୟ ପଣ୍ଡା, ଭାଗୀରଥି ବାରିକ, ଅକ୍ଷୟ ଦେହୁରୀ, ସତ୍ୟାନନ୍ଦ ନାଇକ ସହଯୋଗ କରିଥିଲେ। ଆନନ୍ଦପୁର ସରକାରୀ ଉଚ୍ଚବିଦ୍ୟାଳୟର ସ୍କାଉଟ ମାଷ୍ଟର ତଥା କେନ୍ଦୁଝର ଜିଲ୍ଲା ତାମିଲ ସଚିବ ଦେବୀଦାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସ୍କାଉଟ ଓ ଗାଇଡମାନେ ବିଭିନ୍ନ ପ୍ରକାରର ଗଛ ରୋପଣ କରିଥିଲେ। ପ୍ରଧନଶିକ୍ଷୟିତ୍ରୀ ଦେବଯାନୀ ବେହେରା ବୃକ୍ଷ ରୋପଣର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀ ପ୍ରତ୍ୟେକ ବର୍ଷ ୫୦ଟି ଗଛ ଲଗେଇବେ ବୋଲି ସଂକଳ୍ପ କରିଥିଲେ। ବିଦ୍ୟାଳୟର ବରିଷ୍ଠଶିକ୍ଷକ ବିନୋଦ ପହି, କାଳନ୍ଦୀ ମୁର୍ମୁ, ମହେଶ୍ୱେତା ଯେନା ଓ ଅନିତା ଦାସ ସଚେତନତା ସୃଷ୍ଟି କରିଥିଲା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ରାମଚନ୍ଦ୍ରପୁର:** ଗଁପୁରସ୍ଥିତ ଓଁମା' ସରସ୍ୱତୀ ବିଦ୍ୟାପୀଠରେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଆନନ୍ଦପୁର ଏବଂ ଇକୋ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବନମହୋତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଅଂଶଗ୍ରହଣ କରି ବୃକ୍ଷରୋପଣ କରିଥିଲେ। ଏସିଏଫ୍ ପ୍ରବୀର ମୁର୍ମୁ, ଡେପୁଟି ରେଞ୍ଜର ନବକିଶୋର ନାୟକ, ଫରେଷ୍ଟର କେଦାର ପାତ୍ର, ଫରେଷ୍ଟ ଗାର୍ଡ ଜ୍ୟୋତ୍ସ୍ନା ମୟୀ ଜେନା, ବିଦ୍ୟାପୀଠର ପ୍ରଧାନଶିକ୍ଷକ ହର୍ଯ୍ୟକ୍ଷ ଜେନା, ସହକାରୀ ଶିକ୍ଷକ ମଳୟ ଦାଶ, ବିଜୟ ହୋତା, ପ୍ରତାପ ରଞ୍ଜନ କର, ପୂର୍ବତନ ଶିକ୍ଷକ ବିନୋଦ ବିହାରୀ ରଣା, ଶିକ୍ଷାବିତ୍ ବେଲାଳସେନ୍ ପତି, ସ୍ଥାନୀୟ ସରପଞ୍ଚ ରିନା ଜେନା, ଗ୍ରାମବାସୀ ତଥା ସମାଜସେବୀ ତରଣିସେନ ହୋତା, ପୂର୍ବତନ ସରପଞ୍ଚ ଶରତ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୈକୁଣ୍ଠନାଥ ସ୍ୱାଇଁ, ସଭ୍ୟ ବିଜୟ ଦାଶ ଏବଂ ଅଙ୍ଗାରୁଆ, କରଡାପାଳ, ବରଙ୍ଗ ଗାଁର ବହୁ ଗ୍ରାମବାସୀ ସାମିଲ ହୋଇଥିଲେ।

**ହାଟଡ଼ିହୀ:** ହଦଗଡ଼ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ସୁନ୍ଦରାପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁଙ୍କ ସଂଯୋଜନା ଏବଂ ବନପାଳ ମଳୟ ସାହୁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ଲିନାଲିସା ସାମନ୍ତରାୟ, ଶିକ୍ଷୟିତ୍ରୀ ଅଙ୍କିତା ରାଉତ, ଶିକ୍ଷକ ବିଭୂପ୍ରସାଦ ନାୟକ, ହରେକୃଷ୍ଣ ଜେନା, ବିନାୟକ ଧନି, ରାକେଶ ମହାନ୍ତି, ବୈଲୋଚନ ଜେନାଙ୍କ ସହ ବିଟ୍ ଅଧିକାରୀ ବନରକ୍ଷୀ ଜ୍ୟୋତିରଞ୍ଜନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

**ତୁରୁମୁଙ୍ଗା:** ସୋମବାର ତୁରୁମୁଙ୍ଗା ଥାନା ପରିସରରେ ବୃକ୍ଷରୋପଣ କରାଯାଇଛି। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ସୌରଭ ରଞ୍ଜନ ପ୍ରଧାନ, ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ. ଥାନା ଏଏସଆଇ ବିରେନ୍ଦ୍ର କିଶୋର ବେହେରାଙ୍କ ସହ ବନ ବିଭାଗ ପାରା ଷ୍ଟାଫ ଉପସ୍ଥିତ ଥିଲେ।

ସେହିପରି ତୁରୁମୁଙ୍ଗା ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ବାହିନୀ ଦ୍ୱାରା ବନମହୋତ୍ସବ ସପ୍ତାହର ଶେଷ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପକ ଯତୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ଏକ ସଭାରେ ଅବସରପ୍ରାପ୍ତ ପ୍ରାଧାପକ ପ୍ରସନ୍ନ ପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡକ୍ରସ କାଉନସେଲର ପ୍ରଭଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବୃକ୍ଷ ରୋପଣ କରିଥିଲେ। ଅଧାପିକା ଅନ୍ନପୂର୍ଣ୍ଣା ମିଶ୍ର, ସ୍ନାତକୋତ୍ତର ଶିକ୍ଷକ କୁମୁଦିନୀ ମହାନ୍ତ, ସୁଜାତା ସାମନ୍ତରାୟ, ଦିବ୍ୟାରାଣୀ ପ୍ରସାଦ, ତପନ୍ୱିତା ମୁଣ୍ଡା, ରବିନାରାୟଣ ପ୍ରଧାନ, ଦୁର୍ଯ୍ୟୋଧନ ଜେନା, ସତ୍ୟପ୍ରକାଶ ମହାନ୍ତ, ଡେମନେଷ୍ଟ୍ରେଟର ସୁଧାଂଶୁ ଶେଖର ସାହୁ, ରାଜେନ୍ଦ୍ର ମହାନ୍ତ, କ୍ରୀଡ଼ା ଶିକ୍ଷକ ସୁଶୀଳ ପ୍ରଧାନ, ହୃଦାନନ୍ଦ ମହାନ୍ତ, ପଦ୍ମଲୋଚନ ସାହୁ, ମଦନ ମୋହନ ସାହୁ, ଭଗବାନ ମହାନ୍ତ, ସପନ ହାଁସଦା, ତାପସ ନାଏକ, ସଞ୍ଜୟ କାରୁଆ, ବିରଞ୍ଚି ନାଏକ ସହଯୋଗ କରିଥିଲେ।

# ଗୋଷ୍ଠୀ ସହାୟିକା ସଂଘର ଜିଲ୍ଲା କମିଟି ବୈଠକ

କେନ୍ଦୁଝର, ୭।୭(ସମିସ): ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ କେନ୍ଦୁଝର ଜିଲ୍ଲା କମିଟି ବୈଠକ ରବିବାର ଏଆଇଟିୟୁସି ଜିଲ୍ଲା କାର୍ଯ୍ୟାଳୟ ଶ୍ରମିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରାୟ ୫୦୦ ଗୋଷ୍ଠୀ ସହାୟିକାଙ୍କ ଗହଣରେ ୭ଦଫା ଦାବି ପୂରଣ ଉପରେ ଆଲୋଚନା ହୋଇଥିଲା। ସମସ୍ତଙ୍କୁ ମାସିକ ପାରିଶ୍ରମିକ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ, ଇନସେଣ୍ଟିଭ ପ୍ରଦାନ, ସର୍ବନିମ୍ନ ମଜୁରୀ ପ୍ରଦାନ, ସମସ୍ତ ସିଆରପି-ସିଏମ୍‌ଙ୍କୁ ସ୍ଥାୟୀ ନିଯୁକ୍ତି, ପ୍ରତି ଆଞ୍ଚଳିକ ମଞ୍ଚରେ ସଭାଗୃହ ସହ ବାର୍ଷିକ ୧୦ଲକ୍ଷ ଟଙ୍କା ପ୍ରଦାନ ଏବଂ ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ଦାବି କରାଯାଇଛି। ରାଜ୍ୟ ସଭାପତି ସୁବାସଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ରାଜ୍ୟ ଉପସଭାପତି ବ୍ରଜବନ୍ଧୁ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦିକା ସରସ୍ୱତୀ ବେହେରା, ସହସମ୍ପାଦିକା ଅନୁସୂୟା ପ୍ରଧାନ, ସମ୍ପାଦିକା ସରସ୍ୱତୀ ପ୍ରଧାନ, ବାସନ୍ତି ବାରିକ, ସୁନ୍ଦରଗଡ ଜିଲ୍ଲା ସମ୍ପାଦିକା ବାସନ୍ତୀ ବାରିକ, ଯାଜପୁର ଜିଲ୍ଲା ସମ୍ପାଦିକା ରୁନୁ ମହାନ୍ତ, ହରିଚନ୍ଦନପୁର ବ୍ଲକର ମମତାରାଣୀ ସାହୁ, ଇନ୍ଦୁମତୀ ବେହେରା, ଚମ୍ପୁଆ ବ୍ଲକର ଲକ୍ଷ୍ମୀପ୍ରିୟା ମହାନ୍ତ, ନନ୍ଦିନୀ ମହାକୁଡ, ଯୋଡା ବ୍ଲକର ପ୍ରିୟଙ୍କା ନାୟକ, ସବିତାରାଣୀ ଗୋପ, ବାଂଶପାଳ ବ୍ଲକର କଳ୍ପନା ପାତ୍ର, ସାନପ୍ରଭା ସେଠୀ, ଆନନ୍ଦପୁର ବ୍ଲକର ନିବେଦିତା ନାୟକ, ଶୁଭସ୍ମିତା ନାୟକ, ମୀନା କୁମାରୀ ମହାନ୍ତ, ମାଳତୀ ରାମ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଏଆଇଟିୟୁସିର ଶ୍ରୀହରି ଘଣା, ବଦ୍ରୁଜାମା, ଦିଲ୍ଲୀପ ସ୍ୱାଇଁ, ବିରଞ୍ଚି ଦେହୁରୀ ଏବଂ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ଲକ୍ଷ୍ମୀ ବସଷ୍ଟପ୍ ଖାଁ ଖାଁ

## ନିଶାଡ଼ିଙ୍କ ପାଇଁ ବରଦାନ!

ରାମଚନ୍ଦ୍ରପୁର,୭।୭(ସମିସ): କେନ୍ଦୁଝର ଜିଲ୍ଲା ସୀମାନ୍ତ ଗାଁ ନଣ୍ଡାବର ଆଉ ବରାଙ୍ଗ। ବଣ ପାହାଡ଼ ଘେରା ଆଦିବାସୀ ଗାଁକୁ ନବୀନ ସରକାର ସଦର ମହକୁମା ସହ ଯୋଡିବାକୁ ଲକ୍ଷ୍ମୀବସ ଚଳାଚଳର ଯୋଜନା କରିଥିଲେ। ଲକ୍ଷ୍ୟ ଥିଲା ସମସ୍ତ ଗାଁର ଲୋକେ ଅନାୟସରେ ସ୍ୱଳ୍ପ ପଇସାରେ ବ୍ଲକ ବା ସଦର ମହକୁମାକୁ ଯିବାଆସିବା କରିପାରିବେ। ସବୁ ଗାଁ ମୁଣ୍ଡରେ ନିର୍ମାଣ ହୋଇଥିଲା ଲକ୍ଷ୍ମୀ ବସଷ୍ଟପ୍; ହେଲେ ସରକାର ବଦଳିଯିବା ପରେ କୋଉଠି ଲକ୍ଷ୍ମୀ ବସଷ୍ଟପ ଅଧପନ୍ତରିଆ ଭାବେ ରହିଛି ତ କେଉଠି ରଙ୍ଗ ବଦଳି ଗଲାଣି। ମାତ୍ର ସେବା ପାଉନାହାନ୍ତି ଲୋକେ। ଏସବୁ ଭିତରେ ଲକ୍ଷ୍ମୀବସ ଆସିବା ତ ଦୂରର କଥା ବସଷ୍ଟପଟିରେ ଚଳପ୍ରଚଳ ହେଉ ନଥିବାରୁ ବିଭିନ୍ନ ନିଶାଡ଼ି, ଅସାମାଜିକ ଲୋକଙ୍କ ଆଶ୍ରୟସ୍ଥଳରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଏଥିନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଦିଗରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇ ପାରିନାହିଁ।



## ଖୋଲାମେଲାରେ ଚାଲିଛି ଅଙ୍ଗନବାଡ଼ି



ହାଟଡ଼ିହୀ, ୭।୭(ସମିସ): ହାଟଡ଼ିହୀ ବ୍ଲକ ହବଳେଶ୍ୱର ପଞ୍ଚାୟତ ଡିମିରିଆ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଖୋଲା ଆକାଶ ତଳେ ଅଙ୍ଗନବାଡ଼ି ଶିଶୁମାନେ ପାଠ ପଢୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଅଙ୍ଗନବାଡି ଗୃହ ଭାଙ୍ଗି ପଡ଼ିଥିବା ବେଳେ ଅନ୍ୟ ଉପାୟ ନପାଇ ଶିକ୍ଷୟିତ୍ରୀ ପିଲାମାନଙ୍କୁ ନେଇ ଗଛମୂଳେ ଅସୁରକ୍ଷିତ ଅବସ୍ଥାରେ ବସି ପାଠ ପଢାଉଛନ୍ତି। ଏହି କେନ୍ଦ୍ରରେ ୩୫ଜଣ କୁନିକୁନି ପିଲା ଅଛନ୍ତି। ଜିଲ୍ଲା ପ୍ରଶାସନ ଏଦିଗରେ ତୁରନ୍ତ ଦୃଷ୍ଟି ଆକର୍ଷଣ କରି ଡିମିରିଆ ଅଙ୍ଗନବାଡ଼ି କେନ୍ଦ୍ରକୁ ଗୃହ ଯୋଗାଇଦେବା ପାଇଁ ଗ୍ରାମବାସୀ ଓ ଅଭିଭାବକମାନେ ଗୁହାରି କରିଛନ୍ତି।

## ଗୋଚର ଜମିରେ ଚଞ୍ଚକତା; ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି

**ରାମଚନ୍ଦ୍ରପୁର, ୭।୭(ସମିସ):** ଘସିପୁରା ତହସିଲ ହସନପୁର ମୌଜା ଟୋଲପ୍ଲାଜା ନିକଟରେ ଥିବା ରାଜସ୍ୱ ୧୬ ଏକର ଗୋଚର ଜମିରୁ ଖାତା ନଂ ୪୨୬ ରକ୍ଷିତ ଭାବରେ ଉଲ୍ଲେଖ ରହିଛି। ସେହି ଖାତାରୁ ଚଞ୍ଚକତା କରି ଘସିପୁରା ଥାନା ଟୋଲଙ୍କପଡ଼ା ଗ୍ରାମର ବୈତାରି ପଣ୍ଡାଙ୍କ, ମାନସ ପଣ୍ଡା ଏବଂ କାନନବାଳା ସାହୁ, ବୁରୁଜୁ ଜେନା ଯଥାକ୍ରମେ ୪୧୭/୩୪୨, ୪୧୭/୩୪, ୪୧୭/୨୪, ୪୧୭/୧୮୭ ଖାତାରେ ନିଜ ନାମରେ ବେଆଇନ ଭାବେ ୫ ଏକରରୁ ଅଧିକ ଜମି ପଟ୍ଟା କରି ଉକ୍ତ ଜମିରେ ବାଡ଼ ପକାଇବା ବେଳେ କଥା ଲୋକଲୋଚନକୁ ଆସିଛି। ପରେ ହସନପୁର ଗ୍ରାମବାସୀ ଏହାକୁ ବିରୋଧକରି ଆନନ୍ଦପୁର ଉପଜିଲ୍ଲାପାଳ ସମେତ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ଗୁହାରି କରିଥିଲେ। ହେଲେ ତଦନ୍ତ ଆଳରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏଥିନେଇ ଗୁହାରି କରିଛନ୍ତି।

# ଉଖୁଣ୍ଡା ନୂତନ ବ୍ଲକ୍ ପ୍ରତିଷ୍ଠା ସପକ୍ଷରେ ପ୍ରବଳ ଜନମତ

**ଉଖୁଣ୍ଡା, ୭।୭(ସମିସ)**

ସୋମବାର ପୂର୍ବାହ୍ଣ ୧୦ଟା ସମୟରେ ଉଖୁଣ୍ଡା ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ବୃହତ ଶାନ୍ତି କମିଟିର ସଭାପତି ନାରାୟଣ ସାହୁଙ୍କ ଆହ୍ୱାନକ୍ରମେ ଜିଲ୍ଲା ପରିଷଦ ସଭ୍ୟ ରାଧାକାନ୍ତ ନାଏକଙ୍କ ସଭାପତିତ୍ୱରେ ଉଖୁଣ୍ଡାରେ ବ୍ଲକ ପ୍ରତିଷ୍ଠା ଦାବି ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଠାରେ ଏକ ବ୍ଲକ ସଦର ମହମୁମା ପ୍ରତିଷ୍ଠା ନେଇ ଏହି ସଭାରେ ପ୍ରବଳ ଜନମତ ପ୍ରକାଶ ପାଇଛି। ୨୦୧୪ରୁ ଏଠାରେ ବ୍ଲକ ପ୍ରତିଷ୍ଠା ନିମିତ୍ତ ଦାବିପତ୍ର ସହିତ ୧୮ଟି ଗ୍ରାମପଞ୍ଚାୟତର ସମ୍ମତିପତ୍ର ଓ ଆନୁଷଙ୍ଗିକ କାଗଜପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶଥାଉକି, ଉଖୁଣ୍ଡାର ୧୩ କିମି ପରିଧି ମଧ୍ୟରେ ଏହା ହେଉଛି ସର୍ବ ବୃହତ ମାର୍କେଟ। ନୂତନ ବ୍ଲକ ପ୍ରତିଷ୍ଠା ପାଇଁ




ଏଠାରେ ସମସ୍ତ ପ୍ରକାର ଭିତ୍ତିଭୂମି ଯଥା ଡାକ୍ତରଖାନା, ପଶୁ ଡାକ୍ତରଖାନା, ସ୍କୁଲ, କଲେଜ, ପୋଷ୍ଟ ଅଫିସ, ଆରଆଇ ଅଫିସ, ଟେଲିଫୋନ ଏକ୍ସଚେଞ୍ଜ, ଇଂରାଜୀ ମାଧ୍ୟମ ସ୍କୁଲ, କ୍ୟାମ୍ପସ ଓ ଗୁରୁତ୍ୱପୂର୍ଣ୍ଣ ରାଜ୍ୟସ୍ତରୀୟ ବୃହତ ଶାନ୍ତି କମିଟି କାର୍ଯ୍ୟ କରୁଛି। ଗମନାଗମନର ସୁବ୍ୟବସ୍ଥା ରହିଛି।। ସଭାରେ ବୁଦ୍ଧିଜୀବୀ, ବ୍ୟବସାୟୀ, ବରିଷ୍ଠ ନାଗରିକ, ଚିନ୍ତନଶୀଳ ବ୍ୟକ୍ତିତ୍ୱ ଏବଂ ରାଜନୈତିକ ଦଳର ସଦସ୍ୟମାନେ ନିଜସ୍ୱ ମତ ବ୍ୟକ୍ତ କରିଥିଲେ। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସଭାରେ ଲକ୍ଷ୍ମଣ ରାଉତ, ପ୍ରବୀର ନାଏକ, ଚିରଞ୍ଜିତ ସାହୁ, ଭବାନୀ ଶଙ୍କର ନାଏକ, ବିଜୟଶ୍ରୀ ମହାପାତ୍ର, ଗଜେନ୍ଦ୍ର ମାଝୀ, ଶୁକଦେବ ମହାନ୍ତ, ଚିନ୍ତାମଣି ମହାନ୍ତ, ଭାସ୍କର ପରିଡ଼ା ଓ ୧୨ଟି ପଞ୍ଚାୟତ ସରପଞ୍ଚ ବିଶେଷ ଭାବରେ ଉଖୁଣ୍ଡା ସରପଞ୍ଚ ମେଘ ମାଳତୀ ଦେହୁରୀ, ବାଉଁଶୁଳି ସରପଞ୍ଚ କୁଶଧର ସର୍ଦ୍ଦାର, ଚଉଠିଆ ସରପଞ୍ଚ ଅନୁପମା ମୁଣ୍ଡା, ବଡନେଉଳି ସରପଞ୍ଚ ନିରଞ୍ଜନ ସଏ ମତ ବ୍ୟକ୍ତ କରିଥିଲେ। ଟିକେଶ୍ୱର ମହାନ୍ତ, ଗଙ୍ଗାଧର ମୁଣ୍ଡା, ନବକିଶୋର ବେହେରା, ସୁରେଶଚନ୍ଦ୍ର ମହାନ୍ତ, ଚକ୍ରଧର ମହାନ୍ତ, ଉଦ୍ଧବ ଚରଣ ମହାନ୍ତ, ରମେଶ ମହାନ୍ତ, ଗଙ୍ଗାଧର ମହାନ୍ତ, କ୍ଷୀରୋଦଚନ୍ଦ୍ର ମହାନ୍ତ, ମହେନ୍ଦ୍ର ବାରିକ, ମାଗୁଣି ଚରଣ ମହାନ୍ତ, ମହେନ୍ଦ୍ର ସାହୁ, ଅଭିମନ୍ୟୁ ପାତ୍ର, କେଦାର ଗିରି, ମନିନ୍ଦ୍ର ବାରିକ, ହରମୋହନ ନାୟକ, ଭଞ୍ଜକିଶୋର ନାୟକ, ରମାକାନ୍ତ ବାରିକ, ଶ୍ରୀବତ୍ସ ସାହୁ ଯୋଗ ଦେଇଥିଲେ। ଲକ୍ଷ୍ମଣ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି



**କେନ୍ଦୁଝର, ୭।୭(ସମିସ):** ସୋମବାର ଜିଲ୍ଲାପାଳ ବିଶାଳ ସିଂହଙ୍କ ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୦୩ଟି ଅଭିଯୋଗ ମଧ୍ୟରୁ ୧୩ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୯୦ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ରହିଥିଲା। ୧୮ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ଗୋଟିଏ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ, ମଦରାଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଲାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର ଏବଂ ସହାୟକ ଜିଲ୍ଲାପାଳ ଉଦୟନ ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀ ଏଥିରେ କାର୍ଯ୍ୟ ସମ୍ପାଦନ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ୭୬ତମ ବନମହୋତ୍ସବ

**ଚମ୍ପୁଆ, ୭।୭(ସମିସ):** ଚମ୍ପୁଆ ତାଲୁକ ଆଇନ ସେବା ପ୍ରାଧିକରଣ କମିଟି ପକ୍ଷରୁ ମହତାବ ହାଇସ୍କୁଲ ପରିସରରେ ୭୬ତମ ବନମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ କାର୍ଯ୍ୟକ୍ରମରେ ଏସଡ଼ିଜେଏମ୍ ଦୀପକ ସାହୁ, ଜେଏମଏଫସି ସୁସ୍ମିତା ମିଶ୍ର, ଏସିଏଫ ତଥା ଚମ୍ପୁଆ ବନ୍ୟାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ଓରେଷ୍ଟର ଜ୍ୟୋତିପ୍ରଭା ପାଣି, ମହତାବ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଗୁଇଁ, ବାର ସଭାପତି ରମେଶ ପ୍ରଧାନ, ଫ୍ରଣ୍ଟ ଲାଇନ୍ ରିଟେନର ସୁବ୍ରିତ୍ତି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ସମ୍ପଦ ଆମର ଅଭିବୃଦ୍ଧି ପରିବେଶ ସନ୍ତୁଳନ ରକ୍ଷା କରିବା ସହ ଆମର ଜୀବନଜୀବିକାକୁ ମଧ୍ୟ ସୁଦୃଢ଼ କରିଥାଏ ବୋଲି ଏସିଏଫ ଶ୍ରୀ ଛତ୍ରିଆ କହିଥିଲେ। ବିଦ୍ୟାଳୟ ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଗଛର ଚାରା ଲଗାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଇନସେବା ପ୍ରାଧିକରଣ କମିଟିର ସହାୟକ ଅବହେଳ ସ୍ୱରାଜ ଖାନ ପରିଚାଳନା କରିଥିଲେ।

**ରାମଚନ୍ଦ୍ରପୁର:** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ବରାଙ୍ଗ ସଂରକ୍ଷିତ ବନାଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ବନବିଭାଗ ପକ୍ଷରୁ ବନମହୋତ୍ସବ ସପ୍ତାହର ଶେଷ ଦିବସରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଛି। ଫରେଷ୍ଟର କେଦାର ପାତ୍ରଙ୍କ ସଂଯୋଜନାରେ ପୁରୁଣାବାନ୍ଧଗୋଡା ବଳରାଧ ଧାର ହାଇସ୍କୁଲ, କିର୍ଣ୍ଣଚପାଟିଆ ଏବଂ ଅଙ୍ଗାପୁଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ବରକ, ରକ୍ତଚନ୍ଦନ ସମେତ ଅନେକ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। ଫରେଷ୍ଟଗାର୍ଡ ଜ୍ୟୋତ୍ସ୍ନାମୟୀ ଜେନା ସମେତ ସ୍ଥାନୀୟ ବନ କର୍ମଚାରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ଯୋଡ଼ା, ୭।୭(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବଡ଼ବିଲ ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବଢ଼ିବାରେ ଲାଗିଥିବା ବେଳେ ସୋମବାର ଭଦ୍ରାସାହିଠାରେ ମହିଳାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ଅଧା ଅଂଶ ନେଇ ଫେରାର ହୋଇଯାଇଛନ୍ତି ଦୁର୍ବୃତ୍ତ। ଅପରାହ୍ଣ ପ୍ରାୟ ୩ଟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସହରାଇ ଓରାମଙ୍କ ଧର୍ମପତ୍ନୀ ଶାନ୍ତିଲତାନିଜ ଦୋକାନରେ ତାଙ୍କ ନାତି ବୋହୂଙ୍କ ସହ ବସିଥିବା ବେଳେ ହଠାତ ଦୁଇଜଣ ଦୋକାନରୁ ପ୍ରଥମେ ବିସ୍କୁଟ କିଣିବା ବାହାନାରେ ଆସି ତାଙ୍କ ବୋହୂଙ୍କ ଧ୍ୟାନ ଅନ୍ୟପଟେ କେନ୍ଦ୍ରିତ କରିଥିଲେ। ଏତିକିବେଳେ ଦୁର୍ବୃତ୍ତମାନେ ଶାନ୍ତିଲତାଙ୍କ ବେକରୁ ସୁନାଚେନ ଟାଣିବା ସହ ତାଙ୍କ କାନଫୁଲକୁ ଲୁଟିବାକୁ ଉଦ୍ୟମ କରିଥିଲେ। ଲୁଟଉଦ୍ୟମରେ ସୁନା ଚେନଟି ଛିଣ୍ଡିଯିବାରୁ ଲୁଟେରାମାନେ କେବଳ ସୁନା ଚେନର ଅଧା ଅଂଶ ନେଇ ସେଠାରୁ ଚମ୍ପଟ ମାରିଛନ୍ତି। ଘଟଣା ପରେ ଶାନ୍ତିଲତା ପୁଲିସକୁ ଅଭିଯୋଗ କରିଛନ୍ତି। ବଡ଼ବିଲ ପୁଲିସ ସିସି କ୍ୟାମେରା ଆଧାରରେ ଯାଞ୍ଚ ଜାରି ରଖିଛି। ଖଣି ଅଞ୍ଚଳରେ ଦିନକୁ ଦିନ ଡିଜେଲ ଚୋରି, ଟଙ୍କା ଲୁଟ, ଆଦି ବଢ଼ି ଚାଲିଛି ଯାହାର ପଛରେ ଝାଡ଼ଖଣ୍ଡ ଗ୍ୟାଙ୍ଗ ସମ୍ପୃକ୍ତ ଅଛି ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ପ୍ରକାଶ କରିଛି।

### ଲଗାଣ ବର୍ଷା କ୍ଷୟକ୍ଷତିର ମିଳୁନି ସରକାରୀ ସହାୟତା

## ଶୋଇଛି ପ୍ରଶାସନ; ମିଳୁନି ପଲିଥିନ୍, ବାରଦୁଆର କ୍ଷତିଗ୍ରସ୍ତ



**ବାଲିବନ୍ଧ, ୭।୭ (ସମିସ):** ଲଗାଣ ବର୍ଷାରେ ବହୁ ଘର କ୍ଷତିଗ୍ରସ୍ତ ହେବା ସହ ପରିବାର ବାରଦୁଆର ହେଉଥିଲେ ମଧ୍ୟ ସେମାନଙ୍କ ପାଖକୁ ସରକାରୀ ସହାୟତା ପହଞ୍ଚିପାରି ନାହିଁ। ପ୍ରଶାସନିକ ଅଧିକାରୀମାନେ ନିଦାବିଷ୍ଟ ସାଜିଛନ୍ତି। ଏପରିକି ଭାଙ୍ଗିଥିବା ଘରଗୁଡ଼ିକ ପାଇଁ ସାମୟିକ ଭାବେ ମିଳୁନି ପଲିଥିନ। ଝୁମ୍ପୁରା ତହସିଲ ଅନ୍ତର୍ଗତ ମଳଦା ଆରଆଇ ସର୍କଲ କାଳିଆପାଳ ଗ୍ରାମରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଶନିବାର ସନ୍ଧ୍ୟାରେ ଜଗଦଳା ନାଳରେ ବନ୍ୟାଜଳ ପ୍ରବାହିତ ହେବାରୁ ରାସ୍ତାଘଟ ଧୋଇଯିବା ସହ ସାହିବସ୍ତି, ଗାଁଗଣ୍ଡାରେ ବିଶେଷ କ୍ଷତି ହୋଇଥିଲା। ଅନେକ କଚ୍ଚଘରର କାନ୍ଥ ଧସି ପଡ଼ିଛି। ପାଣି ଜମି ରହିଥିବାରୁ ଚୁଲି ଜାଳିବା କଷ୍ଟକର ହୋଇପଡ଼ୁଛି। କ୍ଷତିଗ୍ରସ୍ତ ଆଶ୍ରୟ ପାଇଁ ବାରଦୁଆର ହେଉଥିବା ବେଳେ ମଳଦା ରାଜସ୍ୱ ନିରୀକ୍ଷକ ଅଜୟ ଦାସ ପଲିଥିନ ମିଳୁ ନଥିବା କହି ସମସ୍ୟା ଉପରେ ଆଖି ବୁଜି ଦେଇଥିବା ଗ୍ରାମର ପାଲୁଣି ନାଏକ, ମଙ୍ଗୁଳି ସେଠି, ବିଳାଶ ନାଏକ ଅଭିଯୋଗ କରିଛନ୍ତି। ମଳଦା ସରପଞ୍ଚ ଦିବାକର ନାଏକ ମଧ୍ୟ ଏନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଆରଆଇ ଶ୍ରୀ ଦାସ ଘଟଣାକୁ ହାଲୁକା ଭାବେ ନେଉଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ତହସିଲଦାର ରୋହିତ ବାଗ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ।

## ତାରାମଣି ରଣାଙ୍କ ପରଲୋକ

**ହାଟଡ଼ିହୀ, ୭।୭(ସମିସ):** ହାଟଡ଼ିହୀ ବ୍ଲକ ଅଧୀନ ହାଟଡ଼ିହୀ ଗ୍ରାମର ବରିଷ୍ଠ ବିଜେଡି ନେତା ଗୌରାଙ୍ଗ ରଣାଙ୍କ ମାଆ ତାରାମଣିଙ୍କ ୮୦ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛିମାସ ପୂର୍ବରୁ ସେ ମେରୁଦଣ୍ଡ ଯନ୍ତ୍ରଣା ଯୋଗୁଁ ଚିକିତ୍ସାଧୀନ ଥିଲେ। ସୋମବାର ଅପରାହ୍ନ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ, ବନ୍ଧୁବତ୍ସଳ ଓ ଅତି ଅମାୟିକ ମହିଳା ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ବୋହୂ, ନାତିନାତୁଣୀ ଝିଅ ଜ୍ୱାଇଁ ସମସ୍ତେ ଉପସ୍ଥିତ ଥିଲେ। ସରପଞ୍ଚ ଚିନ୍ମୟ ନାୟକ, ସମିତିସଭ୍ୟ କୈଳାସ ରାଉତ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ଗଣେଶ ବିଗ୍ରହ ପ୍ରତିଷ୍ଠା

**ରାମଚନ୍ଦ୍ରପୁର, ୭।୭(ସମିସ):** ଘସିପୁରା ବ୍ଲକ ସାଇଁକୁଳସ୍ଥିତ ପତିତପାବନ କଲେଜ ପରିସରରେ ରବିବାର ବିଘ୍ନବିନାୟକ ତଥା ବିଦ୍ୟାଦାତା ଶ୍ରୀଗଣେଶଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମାପନ ହୋଇଯାଇଛି। ଯୁକ୍ତ ଦୁଇ ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳ କର୍ତ୍ତା ଏବଂ ଗୋପାଳଚନ୍ଦ୍ର ପଣ୍ଡା ଓ ରବୀନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଗଣେଶ ବିଗ୍ରହ ପ୍ରତିଷ୍ଠା ପରେ ମହାବିଦ୍ୟାଳୟର ଉନ୍ନତି ହେବା ସହ ବିଦ୍ୟାର୍ଥୀଙ୍କ ଶିକ୍ଷାଦାନ ପ୍ରତି ଆଗ୍ରହ ବଢ଼ିବ ବୋଲି ମତ ପ୍ରକାଶ ପାଇଛି।

## ବାଳିକା ବିଦ୍ୟାଳୟର ଶ୍ରେଣୀଗୃହ ବିପଦସଂକୁଳ



**ଆନନ୍ଦପୁର, ୭।୭ (ସମିସ):** ଆନନ୍ଦପୁର ବଡ଼ବାଣ୍ଠାରେ ଥିବା ସର୍ବପୁରାତନ ସରକାରୀ ବାଳିକା ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକ ବିପଦସଂକୁଳ ହୋଇପଡ଼ିଛି। ୧୯୧୨ରେ ସ୍ଥାପିତ ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅଞ୍ଚଳକୁ ଗୌରବାନ୍ୱିତ କରିଆସିଥିବା ବେଳେ ବର୍ତ୍ତମାନ ବିଦ୍ୟାଳୟଟିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୮ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି। ଶ୍ରେଣୀଗୃହର ସମସ୍ତ ଆଜିବେଷ୍ଟସ୍ କଣା ହୋଇଯାଇଥିବାରୁ ବର୍ଷା ହେଲେ ପାଣି ଗଳୁଛି। ଫଳରେ ଛାତ୍ରଛାତ୍ରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ଶ୍ରେଣୀଗୃହରେ ୨ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦୁଇ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି। କିଛି ବର୍ଷ ପୂର୍ବରୁ ସର୍ବଶିକ୍ଷା ଅଭିଯାନରେ ଏକ ଶ୍ରେଣୀଗୃହ ନିର୍ମାଣ କରାଯାଇଥିବା ବେଳେ ତାହା ମଧ୍ୟ ବିପଦସଂକୁଳ ଅବସ୍ଥାରେ ପଡ଼ିଛି। ଆନନ୍ଦପୁର ସରକାରୀ ବାଳିକା ବିଦ୍ୟାଳୟ ସରକାରଙ୍କ ଅନୁଦାନରୁ ବାଦ୍ ପଡ଼ି ଉପଯୁକ୍ତ ଶିକ୍ଷା ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ବିଫଳ ହେଉଛି। ଶିକ୍ଷା ବିଭାଗର ଉଚ୍ଚକର୍ତ୍ତୃପକ୍ଷ ନୂତନ ଶ୍ରେଣୀଗୃହ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଗୋଶାଳା ପାଇଁ ରୋଗବ୍ୟାଧି ବୃଦ୍ଧି ଅଭିଯୋଗ



**କେନ୍ଦୁଝର, ୭।୭(ସମିସ):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ହର୍ଷପୁର ଗ୍ରାମର କିରଣବାଳା ସାହୁ ସର୍ବସାଧାରଣ ରାସ୍ତା ଅବରୋଧ କରି ଗୋଶାଳା କରିଥିବା ଅଭିଯୋଗ ହୋଇଛି। ପାଳନ କରୁଥିବା ଗାଇଗୋରୁଙ୍କ ଖତ, ମୂତ୍ର ଧୋଡ଼ାକରି ରାସ୍ତାରେ ଛାଡ଼ିବା ଦ୍ୱାରା ଗ୍ରାମବାସୀଙ୍କ ସମେତ ଅଙ୍ଗନବାଡି ଶିଶୁ ଓ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା କୁହାଯାଉଛି। ମଶା ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ରୋଗ ବ୍ୟାଧି ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ସେନେଇ ଜିଲ୍ଲା ପ୍ରଶାସନ ନିକଟରେ ଅନେକଥର ଅଭିଯୋଗ କରାଯାଇଥିଲେହେଁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨ତାରିଖ ସଦର ଥାନାଧିକାରୀଙ୍କୁ ଅଭିଯୋଗ କରିବା ପରେ ସେ ତଦନ୍ତ କରିବା ସହିତ ସମସ୍ୟାଭିତ୍ତିକ ଭିଡିଓ ଉପଜିଲ୍ଲାପାଳଙ୍କୁ ପଠାଇଥିଲେ। ସଦର ତହସିଲଙ୍କୁ ମଧ୍ୟ ଅବଗତ କରାଯାଇଛି। ସର୍ବସାଧାରଣ ରାସ୍ତାକୁ ପ୍ରଦୂଷଣମୁକ୍ତ କରାଯିବାକୁ ସକୁନ୍ତଳା ସାହୁ, ସୁଶୀଳା ସାହୁ, ଝୁଲିରାଣୀ ସାହୁ, ସୁଢଳା ଓଝା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ଆଜିଠୁ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ବାରିପଦା, ୭।୭(ସମିସ):** ରାଜ୍ୟ ଡ୍ରାଇଭର ମହାସଂଘର ଆହ୍ୱାନକ୍ରମେ ଜିଲ୍ଲା ଶାଖା ପକ୍ଷରୁ ଡ୍ରାଇଭରମାନଙ୍କ ବିଭିନ୍ନ ଦାବି ନେଇ ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବେ। ଏନେଇ ଓଡ଼ିଶା ଡ୍ରାଇଭର ମହାସଂଘର ଜିଲ୍ଲା ଶାଖା ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକରେ ଡ୍ରାଇଭରମାନଙ୍କ ସମେତ ଆଲୋଚନା କରାଯାଇଛି। ୭ଦଫା ଦାବି ଉପସ୍ଥାପନ କରି ଡ୍ରାଇଭରମାନେ ଗାଡି ଚାଳନା ବନ୍ଦ କରିବା ସହ ପାଲବଣି ବାଇପାସ ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ ପ୍ରଦର୍ଶନ କରିବେ ବୋଲି କହିଛନ୍ତି। ବିଗତ ଦିନରୁ ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ଉପାୟ ମାଧ୍ୟମରେ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ବିଜେପି ସରକାର ସମସ୍ତ ସମସ୍ୟାର ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେଇ ସୁଦ୍ଧା କିନ୍ତୁ କୋଣସି ଗୋଟିଏ ବି ସମସ୍ୟାର ସମାଧାନ କରିଲା ନାହିଁ। ଡ୍ରାଇଭରମାନେ ସମାଜର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବେଶ ସହାୟକ ହେଉଥିବା ବେଳେ ତାଙ୍କ ବିଜେପି ସରକାର ବାରମ୍ବାର ଉପେକ୍ଷା କରିବାରେ ଲାଗିଛି। ଯାହାକୁ ନେଇ ପୂର୍ବରୁ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଏଥିପରେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ ନକରିବାରୁ ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି।

## ମହୁଲ ଫୁଲ ଜବତ; ୧ ଗିରଫ

**ମହୁଲଡିହା, ୭।୭(ସମିସ):** ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଜଣଙ୍କ ଘରେ ଚଢ଼ଉ କରି ୭ କୁଇଣ୍ଟାଲରୁ ଅଧିକ ମହୁଲ ଫୁଲ ଜବତ କରି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାୟକ ଖବର ପାଇ ବ୍ଲକ ଅଧୀନ ଜାମୁଖଞ୍ଜରୀ ଗ୍ରାମର ଗଣେଶ୍ୱର ମହାନ୍ତଙ୍କ ଘରେ ଭୋରୁ ଚଢ଼ଉ କରି ୭ କୁଇଣ୍ଟାଲ ୭୦ କିଗ୍ରା ମହୁଲ ଫୁଲ ଜବତ କରି ଗଣେଶ୍ୱରଙ୍କୁ ଗିରଫ କରିଥିଲେ। ଅବକାରୀ ଥାନାରେ ମାମଲା ରୁଜୁ କରି ଠାକୁରମୁଣ୍ଡା ଜେଏମଏଫସିଙ୍କ କୋର୍ଟରେ ହାଜର କରିଥିଲେ। ଚଢ଼ଉରେ ଅବକାରୀ ଥାନା ଏଏସଆଇ ଲକ୍ଷ୍ମଣ ନାଏକ, କନଷ୍ଟେବଲ ଚନ୍ଦ୍ରକାନ୍ତ ମୁଦୁଲି ଓ ସସ୍ମିତା ବେହେରା ସାମିଲ ଥିଲେ।

## ନିମ୍ବଚାରା ରୋପଣ ସଚେତନତା କାର୍ଯ୍ୟକ୍ରମ

**ବାରିପଦା, ୭।୭(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଜିଉଙ୍କ ବାହୁଡ଼ାଯାତ୍ରାରେ ଗ୍ଲୋବାଲ ନିମ ପ୍ଲାଣ୍ଟେସନ ଆନୁକୂଲ୍ୟରେ ନିମ୍ବଚାରା ରୋପଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ସଦସ୍ୟ ଓ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଙ୍କୁ ନେଇ ଶୋଭାଯାତ୍ରା ଅମ୍ବିକା ମନ୍ଦିରରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇ ଫେରିଆସିଥିଲେ। ଶୋଭାଯାତ୍ରାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଶୁଭାରମ୍ଭ କରିବା ସହ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦରା ସୋରେନ ଯୋଗଦେଇଥିଲେ। ସଂସ୍ଥାର ପ୍ରତିଷ୍ଠାତା ବିମ୍ବାଧର ସାହୁ, ବରିଷ୍ଠ ସଦସ୍ୟ ଅଜିତ କବାଟ, ପ୍ରିତମ ସିଂହ, ଶିକ୍ଷକ ସୋମନାଥ ସିଂହ, ସମାଜସେବୀ ଡ. ନିରୋଜ ପୋଥାଳ, ସଦସ୍ୟ ମାନସ ବାଗ, ଅମର ବେହେରା, ନିର୍ମଳ ଗିରି, ବୀରକିଶୋର କୁଅଁର, ଭାସ୍ୱତୀ ପଣ୍ଡା, ବିଜୟଲକ୍ଷ୍ମୀ ନାୟକ, ସୁମିତ୍ରା କୁଅଁରବାବୁ, ରାଜଲକ୍ଷ୍ମୀ ମିଶ୍ର, ସୌଦାମିନୀ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଅରବିନ୍ଦ ମୁଖିଙ୍କ ସମେତ ପୂର୍ଣ୍ଣଚନ୍ଦ୍ରପୁର ସ୍କୁଲର ପ୍ରଧାନଶିକ୍ଷକ ସୌମ୍ୟ ଦାଶ, ୱାର୍ଡେନ ସରୋଜ ସାବତ ତଥା ବାଲେଶ୍ୱରରୁ ଅତିଥି ଭାବେ ରାଜେନ୍ଦ୍ର ରାଉତ ଓ ରଞ୍ଜିତା ରାଉତ ଯୋଗଦେଇଥିଲେ।

## ବିଜେପି ଛାଡ଼ି ବିଜେଡିରେ ମିଶିଲେ ଧୋବଣିଶୋଳ ପଞ୍ଚାୟତର ନେତା-କର୍ମୀ



**ବାଙ୍ଗିରିପୋଷି, ୭।୭(ସମିସ):** ରାଜ୍ୟ ବିଜେଡି ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ୫୦ରୁ ଅଧିକ ନେତା ଓ କର୍ମୀ ବିଜେପି ଛାଡ଼ି ବିଜେଡିରେ ମିଶିଛନ୍ତି। ଏନେଇ ସୋମବାର ବାଙ୍ଗିରିପୋଷି ସ୍ଥିତ ସାଇ କଲ୍ୟାଣମଣ୍ଡପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଧୋବଣିଶୋଳ ଗ୍ରାମ ପଞ୍ଚାୟତର ବିଜେପି ସମର୍ଥିତ ସରପଞ୍ଚ ଓ ନାଏବ ସରପଞ୍ଚ ସହ ୱାର୍ଡମେମ୍ବର ଏବଂ ପଞ୍ଚାୟତର ବିଜେପି ଆଗଧାଡ଼ିର କର୍ମୀଙ୍କ ସହ ଆସି ବିଜେଡିର ସଦସ୍ୟତା ଗ୍ରହଣ କରିଛନ୍ତି। ଏହାଦ୍ୱାରା ବିଜେଡି ବାଙ୍ଗିରିପୋଷିରେ ଅଧିକ ଶକ୍ତିଶାଳୀ ହେବା ସହ ନିଜ ଦଳକୁ ସୁଦୃଢ଼ କରିପାରିଛି। ସଦସ୍ୟତା ଗ୍ରହଣ କରିଥିବା ପ୍ରମୁଖ ବିଜେପି ସମର୍ଥିତ ଧୋବଣିଶୋଳ ପଞ୍ଚାୟତର ରେଣିକା ହାଁସଦାଃ, ନାଏବ ସରପଞ୍ଚ ସଂଗ୍ରାମ ସୋରେନ, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ଦାଶରଥି ଚୋପୟାରଙ୍କ ସହ ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ପ୍ରମୁଖ ଶଙ୍ଖ ଚିହ୍ନର ଉତ୍ତରୀ ପିନ୍ଧି ଆନୁଷ୍ଠାନିକ ଭାବେ ବିଜେଡିର ସଦସ୍ୟତା ଗ୍ରହଣ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦଳର ନୀତି ଆଦର୍ଶରେ ସମସ୍ତ ଧୋବଣିଶୋଳ ପଞ୍ଚାୟତ ବାସୀଙ୍କୁ ଆକର୍ଷିତ କରିଛି। ଫଳରେ ସେମାନେ ପୁରୁଣା ବିଜେପି ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି। ଆଗାମୀ ଦିନରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଏବେଠୁ ଅଣ୍ଟା ଭିଡ଼ିଛି ବିଜେଡି ବୋଲି ମୟୂରଭଞ୍ଜ ଜିଲ୍ଲାର ସଂଗଠନ ସଭାପତି ସୁଦାମ ମାର୍ଣ୍ଡି ପ୍ରକାଶ କରିଛନ୍ତି।

## ଘରକୁ ବାହୁଡ଼ିଲେ ତିନି ମହାପ୍ରଭୁ

**ବେତନଟୀ, ୭।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀସ୍ଥିତ ଆନନ୍ଦବଜାରରେ ୬୮ତମ ବାହୁଡା ଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି। ଆନନ୍ଦବଜାର ରଥଯାତ୍ରା କମିଟି ପକ୍ଷରୁ ସର୍ବପ୍ରଥମେ ମାଉସୀ ମା' ମନ୍ଦିରରୁ ତିନି ଠାକୁରଙ୍କୁ ଅପରାହ୍ନରେ ପହଣ୍ଡି କରି ରଥ ଉପରକୁ ଅଣା ଯାଇଥିଲା। ପରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମରେ ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳା ଭାବେ ପାଳିତ ହୋଇଛି। ପ୍ରଥମେ ତିନି ଠାକୁରଙ୍କ ରଥଟି ଲକ୍ଷ୍ମୀନାରାୟଣ ମନ୍ଦିର ( ମାଉସୀମା' ମନ୍ଦିର) ରୁ ବାହାରି ଆନନ୍ଦ ବଜାର ମନ୍ଦିର ପହଞ୍ଚିବା ପରେ ଠାକୁରଙ୍କୁ ବିଜେ କରାଯିବା ପରେ ଆଳତି ହୋଇଥିଲା। ରଥ ଟଣା ସମୟରେ ବେତନଟୀ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ଦିଆଯାଇଥିଲା। ରଥ ଟଣା ଗତିପଥରେ ବିଦ୍ୟୁତ୍ ତାରଗୁଡିକ ଝୁଲି ରହିଥିବା ଯୋଗୁଁ ସାମାନ୍ୟ ବିଳମ୍ବ ହୋଇଥିଲା। ଆଗାମୀ ବର୍ଷକୁ ବିଦ୍ୟୁତ ବିଭାଗ ପକ୍ଷରୁ ତାରଗୁଡିକ ଉଚ୍ଚ ଦେଇ ନେବାକୁ ସାଧାରଣରେ ଦାବି ହୋଇଛି। ରଥଟଣା କାର୍ଯ୍ୟକ୍ରମରେ କମିଟି ପକ୍ଷରୁ ସଭାପତି ଠାକୁରା ହାଁସଦା, ଉପସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଗୋପୀନାଥ ପଢ଼ିଆରୀ, ସହ ସମ୍ପାଦକ ରୋହିତ ସିଂ, କୋଷାଧ୍ୟକ୍ଷ ସଞ୍ଜୟ ଘୋଷ, ସତ୍ୟନାରାୟଣ ବେହେରା, ସୁମୀତ ଘୋଷ, ଅର୍ପଣ ଘୋଷ, ଅର୍ଣ୍ଣବ ଘୋଷ, ସୁଦିପ ଘୋଷ, ସିପୁନ ବିନ୍ଧାଣି, ରାହୁଲ ସିଂ, ଆଦିତ୍ୟ ସାହୁ, ରିଙ୍କୁ ସିଂ, ପିଙ୍କି ସିଂ, ଦେବୁ ବିଶ୍ୱାଳ, ଆକାଶ ଯାଦବ, ହରିହର ହାଁସଦା, ରାହୁଲ ବେହେରା, ଦଲୁ ମହାନ୍ତ, କ୍ରିଷ୍ଣା ବିନ୍ଧାଣି, ବିକାଶ ଜେନା, ତପନ ସେନାପତି, ବାପୁନ ହାଁସଦା, ବାଦଲ ହାଁସଦା ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।



## ବିଦ୍ୟୁତ୍ ଆଘାତରେ ଶିଶୁକନ୍ୟା ମୃତ

**ରାଇରଙ୍ଗପୁର, ୭।୭(ସମିସ):** ବାଦାମପାହାଡ଼ ଥାନା ଅଧୀନ କୁସୁମି ବ୍ଲକର ଝିପାବନ୍ଧ ଗ୍ରାମର ଜନୈକ ଶିଶୁ କନ୍ୟାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗୀତା ମହାନ୍ତି(୯)। ଘର ଭିତରେ ଅଜାଣତରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଗୀତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ବାଦାମପାହାଡ଼ ପୁଲିସ ତଦନ୍ତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ। ଛୋଟ ପିଲାଟିର ଦୁଃଖଦ ମୃତ୍ୟୁରେ ବାପ, ମାଆ ଭାଙ୍ଗି ପଡ଼ିଛନ୍ତି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଉକ୍ତ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଗାଡ଼ି ଧକ୍କାରେ ହାଇସ୍କୁଲ କର୍ମଚାରୀଙ୍କ ମୃତ୍ୟୁ

**ବଡ଼ସାହି, ୭।୭(ସମିସ):** ବଡ଼ସାହି ଥାନା ଅଧୀନ ମାଣତ୍ରୀ ଡାକ୍ତରଖାନା ଛକ ନିକଟରେ ଅଜଣା ଗାଡ଼ିଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୂଷାଗଡ଼ିଆ ଗ୍ରାମର ପ୍ରଦୀପ ବିଶ୍ୱାଳ(୫୫)। ସେ ମୂଷାଗଡ଼ିଆ ବୃନ୍ଦାବନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ରବିବାର ରାତିରେ ସାଇକଲରେ ଘରକୁ ଫେରୁଥିବା ବେଳେ ଅଜଣା ଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାର ଦେଖି ପରିବାର ଲୋକଙ୍କୁ ଖବର ଦେବା ସହିତ ତାଙ୍କୁ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ସାହି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିଛି। ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରୀ ରହିଛି।

## ରାହୁଲ ଗାନ୍ଧୀଙ୍କ ଗସ୍ତ ଲାଗି ରାଇରଙ୍ଗପୁର କଂଗ୍ରେସର ପ୍ରସ୍ତୁତି

**ରାଇରଙ୍ଗପୁର, ୭।୭(ସମିସ):** ଜାତୀୟ କଂଗ୍ରେସ ଦଳର ସଭାପତି ମଲିକାର୍ଜୁନ ଖଡ଼ଗେ ଓ ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଗସ୍ତକୁ ସଫଳ କରିବା ପାଇଁ ସ୍ଥାନୀୟ ପିସିଏମ କଲ୍ୟାଣଭବନ ପରିସରରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ତରଫରୁ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ସାହୁଙ୍କ ସଭାପତିତ୍ୱରେ ବୈଠକରେ ପ୍ରାକ୍ତନ ରାଇରଙ୍ଗପୁର କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରାକ୍ତନ ରାଇରଙ୍ଗପୁର କଂଗ୍ରେସ ବିଧାୟକ ଶ୍ୟାମ ଚରଣ ହାଁସଦାଃ, ପ୍ରାକ୍ତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ରାଇରଙ୍ଗପୁର ନଗର କଂଗ୍ରେସ ସଭାପତି ଅଶୋକ ଅଗ୍ରୱାଲ, ବରିଷ୍ଠ କଂଗ୍ରେସ ନେତା ବସନ୍ତ ପଟ୍ଟନାୟକ, ରୁପକ ମହାନ୍ତି, ଯାମଦା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷା ହେଲେନା ବାଗେ ପ୍ରମୁଖ ଯୋଗଦେଇ ଆଗାମୀ ୧୧ ତାରିଖ କଂଗ୍ରେସ ସମାବେଶରେ ରାଇରଙ୍ଗପୁର ସାଂଗଠନିକ ନିର୍ବାଚନମଣ୍ଡଳୀରୁ ଅଧିକ କଂଗ୍ରେସ କର୍ମୀ ଯୋଗଦେବେ ସେନେଇ ଆଲୋଚନା କରିଥିଲେ। ବୈଠକରେ ତିରିଂ, ଯାମଦା, ବହଳଦା, ରାଇରଙ୍ଗପୁର ବ୍ଲକ ଏବଂ ରାଇରଙ୍ଗପୁର ପୌରାଞ୍ଚଳରୁ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୮୬ ● ପାଉଣ୍ଡ ୧୧୬.୪୯
- ୟୁରୋ ୧୦୦.୩୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୦,୭୬୩ (ନୂଆଦିଲ୍ଲୀ)
- ରୁପା : ୧,୧୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୪୪୨.୦୦
- ନିଫ୍ଟି ୨୫,୪୬୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# ମକା ଚାଷୀଙ୍କ ଉପରେ ସଙ୍କଟ

ନୂଆଦିଲ୍ଲୀ,୭।୭ (ଏଜେନ୍ସି)



**ଇଥାନଏଲ୍ ଶିଳ୍ପକୁ ଲାଗିପାରେ ଝଟ୍‌କା**

ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ଭାରତରେ ଘରୋଇ ଭାବରେ, କିଛି କ୍ଷେତ୍ର ଚିନ୍ତା ପ୍ରକଟ କରୁଛି ଯେ କିଛି କୃଷି ଉତ୍ପାଦର ଆମଦାନୀ ଭାରତୀୟ ଚାଷୀଙ୍କ ଉପରେ ଖରାପ ପ୍ରଭାବ ପକାଇପାରେ। ଏହି ଚୁକ୍ତିର ପ୍ରଭାବରେ ମକା ଚାଷୀ ଏବଂ ଦେଶର ଇଥାନଏଲ୍ ଶିଳ୍ପକୁ ବିଷାଷ ଭାବେ ପ୍ରଭାବିତ କରିପାରେ। ସୂତ୍ର ଅନୁସାରେ, ଆମେରିକା ଭାରତକୁ ତିନୋଟି ପ୍ରମୁଖ କୃଷି ଉତ୍ପାଦ ପଠାଇବା ସହିତ ଜଡିତ ବାଣିଜ୍ୟ ପ୍ରତିବନ୍ଧକକୁ ଦୂର କରିବାକୁ ଦାବି କରୁଛି, ଯାହା ମଧ୍ୟରୁ ଏହାର ଅତିରିକ୍ତ ପରିମାଣ ଅଛି। ଏହି କୃଷି ଉତ୍ପାଦଗୁଡ଼ିକ ମଧ୍ୟରେ ସୋୟାବିନ୍, ସୋୟା ତେଲ ଏବଂ ମକା (ମକାକୁ ମକା ମଧ୍ୟ କୁହାଯାଏ) ଅନ୍ତର୍ଭୁକ୍ତ। ୨୦୨୪-୨୫ (ଜୁଲାଇ ରୁ ଜୁନ୍) ବର୍ଷରେ, ଦେଶରେ ପ୍ରାୟ ୧.୨କୋଟି ହେକ୍ଟର ଜମିରେ ମକା ଏବଂ ପ୍ରାୟ ୧.୩ କୋଟି ହେକ୍ଟର ଜମିରେ ସୋୟାବିନ୍ ଚାଷ କରାଯାଇଥିଲା। ଏହି ଦୁଇଟି ଫସଲ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟର ଚାଷୀଙ୍କ ଉପରେ ବଡ଼ ପ୍ରଭାବ ପକାଇଥାଏ।

ଯଦି ଭାରତ ଆମେରିକାର ଦାବିକୁ ଗ୍ରହଣ କରେ, ତେବେ ମକା ହେଉଛି ସବୁଠାରୁ ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଫସଲ ମଧ୍ୟରୁ ଗୋଟିଏ। ଗହମ ଏବଂ ଚାଉଳ ପରେ, ମକା ହେଉଛି ଭାରତର ତୃତୀୟ ବୃହତ ଶସ୍ୟ ଫସଲ। ମକା ବିହାରର ସମଗ୍ର କୃଷି ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଂଶ।

ଅକ୍ଟୋବର ଶେଷ ଏବଂ ନଭେମ୍ବର ପ୍ରାରମ୍ଭରେ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି, ଯେତେବେଳେ ଖରିଫ ଫସଲ ମକା ଅମଳ ପାଇଁ ପ୍ରସ୍ତୁତ ହେବ। ୨୦୨୪-୨୫ (ଜୁଲାଇରୁ ଜୁନ୍) ବର୍ଷରେ ଭାରତର ମୋଟ ମକା ଉତ୍ପାଦନର ପ୍ରାୟ ୯.୧୧ ପ୍ରତିଶତ ବିହାରରେ ହୋଇଥିଲା। ତୃତୀୟ ଅଗ୍ରିମ ଆକଳନ ଅନୁଯାୟୀ, ବିହାରର ମକା ଉତ୍ପାଦନ ପ୍ରାୟ ୫୦ ଲକ୍ଷ ଟନ୍ ଥିଲା ଯେତେବେଳେ ଦେଶର ଉତ୍ପାଦନ ପ୍ରାୟ ୪.୨୨ କୋଟି ଟନ୍ ଥିଲା। ପ୍ରକୃତରେ, ମୋଟ ଉତ୍ପାଦନରେ ମକାର ଅଂଶଠାରୁ ବହୁତ ଅଧିକ, ପ୍ରତି ହେକ୍ଟର ମକା ଉତ୍ପାଦନରେ ଅଭୁତ ବୃଦ୍ଧି ଏବଂ ବିହାରରେ ଏହାର ମୋଟ ଉତ୍ପାଦନ ଏହାକୁ ରାଜ୍ୟର ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କରିଛି। ତଥ୍ୟ ଦର୍ଶାଉଛି ଯେ ୨୦୧୮-୧୯ ଏବଂ ୨୦୨୪-୨୫ ମଧ୍ୟରେ, ବିହାରରେ ମକା ଉତ୍ପାଦନ ପ୍ରାୟ ୮ ପ୍ରତିଶତର ଏକ ଯୌଗିକ ବାର୍ଷିକ ଅଭିବୃଦ୍ଧି ହାରରେ ବୃଦ୍ଧି ପାଇଛି, ଯାହା ଜାତୀୟ ଅଭିବୃଦ୍ଧି ହାର ପ୍ରାୟ ୨.୦୨ ପ୍ରତିଶତ ଥିଲା। ବିପରୀତରେ, ରାଜ୍ୟରେ ଧାନ ଉତ୍ପାଦନ ୧.୩୫ ପ୍ରତିଶତ ଜାତୀୟ ଅଭିବୃଦ୍ଧି ହାର ତୁଳନାରେ ସମାନ ସମୟ ମଧ୍ୟରେ ୪.୪୫ ପ୍ରତିଶତ ସିଏଆର୍‌ଜି ପରିଲକ୍ଷିତ ହୋଇଛି।

### ଭାରତୀୟ ବିମାନ ଖସାଇଥିବା ପାକିସ୍ତାନର ଦାବିକୁ ଭାରତର ଖାରଜ

## ରାଫେଲ ସେୟାରରେ ପୁଣି ବୃଦ୍ଧି

ନୂଆଦିଲ୍ଲୀ,୭।୭ (ଏଜେନ୍ସି): ଗତ ଏକ ମାସରେ ୩ ପ୍ରତିଶତ ହ୍ରାସ ଘଟିବା ପରେ, ସୋମବାର ରାଫେଲ ଜେଟ୍ ନିର୍ମାତା କମ୍ପାନୀ ଡାସଲ୍ଟ ଆଭିଏସନର ସେୟାରରେ ପାଖାପାଖି ୧ ପ୍ରତିଶତ ବୃଦ୍ଧି ଘଟିଛି। ଫଳରେ କମ୍ପାନୀର ସେୟାର ମୂଲ୍ୟ ୨୯୮.୪୦ ୟୁରୋରେ ପହଞ୍ଚିଛି। ଏହି ବୃଦ୍ଧି ଭାରତର ପ୍ରତିରକ୍ଷା ସଚିବ ଆରକେ ସିଂହଙ୍କ ସେହି ବିବୃତ୍ତି ପରେ ଆସିଛି, ଯେଉଁଠି ସେ ପାକିସ୍ତାନ ଦ୍ୱାରା ଭାରତୀୟ ରାଫେଲ ଜେଟ୍ ଖସାଇବାର ଦାବିକୁ ସମ୍ପୂର୍ଣ୍ଣ ଖାରଜ କରି ଦେଇଥିଲେ।

ନିକଟରେ ଇଣ୍ଡୋନେସିଆରେ ମୁତୟନ ଜଣେ ଭାରତୀୟ ପ୍ରତିରକ୍ଷା ବିଶେଷଜ୍ଞ ଦାବି କରିଥିଲେ ଯେ, ଅପରେସନ ସିନ୍ଦୂରର ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ଭାରତୀୟ ବାୟୁସେନାକୁ କିଛି ଲଢୁଆ ବିମାନ ହରାଇବାକୁ ପଡ଼ିଥିଲା। ତାଙ୍କ କହିବା ମୁତାବିକ ଏହା ଏଥିପାଇଁ ହୋଇଥିଲା, କାରଣ ରାଜନୀତିକ ନେତୃତ୍ୱ ପାକିସ୍ତାନୀ ସାମରିକ ଠିକଣା ଉପରେ ଆକ୍ରମଣ କରିବାକୁ ମନା କରି ଦେଇଥିଲେ। ଏଥିରେ ଭାରତୀୟ ବିମାନଗୁଡ଼ିକୁ କେବଳ ଆତଙ୍କୀ ଠିକଣା ଉପରେ ହିଁ ପ୍ରହାର କରିବାର ସ୍ୱାଧୀନତା ଦିଆଯାଇଥିଲା।

ପ୍ରତିରକ୍ଷା ସଚିବ ଆରକେ ସିଂହ ଏକ ସାକ୍ଷାତକାରରେ ଏହି ଦାବିକୁ ସମ୍ପୂର୍ଣ୍ଣ ଭୁଲ ଦର୍ଶାଇଛନ୍ତି। ସେ ଜୋର ଦେଇ କହିଛନ୍ତି , ପାକିସ୍ତାନ ଭାରତ ଅପେକ୍ଷା ବହୁଗୁଣ ଅଧିକ କ୍ଷତି ସହିଛି। କେବଳ ଜୀବନ ଓ ସମ୍ପତ୍ତି ନୁହେଁ ବରଂ ୧୦୦ରୁ ଅଧକ ଆତଙ୍କବାଦୀଙ୍କର ମଧ କ୍ଷତି ହୋଇଛି। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଯୁଦ୍ଧବେଳେ ଭାରତୀୟ ସଶସ୍ତ୍ର ବାହିନୀକୁ ପୂର୍ଣ୍ଣ ପରିଚାଳନା ସ୍ୱାଧୀନତା ମିଳିଛି। ଅପରେସନ ସିନ୍ଦୂରର ସଫଳତା ପରେ ଡସଲ୍ଟର ସେୟାରରେ ଖୁବ୍ ବୃଦ୍ଧି ଦେଖିବାକୁ ମିଳିଥିଲା। ପ୍ରାରମ୍ଭରେ କମ୍ପାନୀର ସେୟାର ମୂଲ୍ୟରେ ୬୬ ପ୍ରତିଶତ ଯାଏ ବୃଦ୍‌ଦି ଘଟିଥିଲା।

## ଗୁଜରାଟରେ ବୃହତ୍ ସୋଲାର ପ୍ୟାନେଲ୍ ଫ୍ରେମ୍ ପ୍ଲାଣ୍ଟ ବସାଇଲା ଏଚ୍‌ଆଣ୍ଡଏଚ୍ ଆଲୁମିନିୟମ

ଅହମ୍ମଦାବାଦ,୭।୭ (ଏଜେନ୍ସି)





ଗୁଜରାଟସ୍ଥିତ ଏଚ୍‌ଆଣ୍ଡଏଚ୍ ଆଲୁମିନିୟମ ପ୍ରାଇଭେଟ ଲିମିଟେଡ ଭାରତର ସର୍ବବୃହତ ଏବଂ ସର୍ବାଧିକ ଉନ୍ନତ ଆଲୁମିନିୟମ ସୋଲାର ଫ୍ରେମ ଉତ୍ପାଦନ ପ୍ଲାଣ୍ଟ ଗୁଜରାଟ (ଭାରତ)ର ରାଜକୋଟଠାରେ ଶୁଭାରମ୍ଭ କରିଛି। ଚିଭଦେନ୍ ରାଜକୋଟ ଗ୍ରାମରେ ଅବସ୍ଥିତ ବାର୍ଷିକ ୨୪,୦୦୦ ମେଟ୍ରିକ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ଭାରତରେ ୬ ଗିଗାୱାଟ (ଜିଡବ୍ଲ୍ୟୁ) ପର୍ଯ୍ୟନ୍ତ ସୌର ଶକ୍ତି ପ୍ରକଳ୍ପ ସ୍ଥାପନକୁ ଶକ୍ତି ଓ ସମର୍ଥନ ଯୋଗାଇପାରିବ। ସୋଲାର ପ୍ୟାନେଲ ଆଲୁମିନିୟମ ଫ୍ରେମ୍ ଉତ୍ପାଦନ ନିମନ୍ତେ କମ୍ପାନୀ ୨୮,୦୦୦ ବର୍ଗମିଟର ପରିମିତ ଅଞ୍ଚଳରେ ସ୍ଥାପିତ ଏହି ଅନ୍ୟତମ ସର୍ବାଧୁନିକ ପ୍ଲାଣ୍ଟରେ ପ୍ରାୟ ୧୫୦ କୋଟି ଟଙ୍କା ନିବେଶ କରିଛି। ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର.ପାଟିଲ ଏହି ପ୍ଲାଣ୍ଟକୁ ୨୦୨୫ ଜୁଲାଇ ୪ ତାରିଖରେ ବରିଷ୍ଠ ସରକାରୀ ପଦାଧିକାରୀ, ଏଚ୍‌ଆଣ୍ଡଏଚ୍ ଆଲୁମିନିୟମର ନେତୃତ୍ୱ ପ୍ରଦାନକାରୀ ଟିମ୍ ଏବଂ ସମସ୍ତ ନିମନ୍ତ୍ରିତ ବିଶିଷ୍ଟ ଅତିଥିଗଣଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ପ୍ଲାଣ୍ଟରେ ପରୀକ୍ଷାମୂଳକ ଉତ୍ପାଦନ ୨୦୨୫ ଜୁନ୍ ମାସରେ ଆରମ୍ଭ ହୋଇଛି ଏବଂ ବ୍ୟବସାୟିକ ଉତ୍ପାଦନ ମାସକ ମଧ୍ୟରେ ଆରମ୍ଭ ହେବା ଆଶା କରାଯାଉଛି। ପୂର୍ଣ୍ଣ କ୍ଷମତାର ଉପଯୋଗରେ ଏହି ପ୍ଲାଣ୍ଟ ବର୍ଷକୁ ୭୦୦-୭୫୦ କୋଟି ଟଙ୍କାର ବିକ୍ରି ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବ। ଏହି ପ୍ଲାଣ୍ଟ; ୩୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଉତ୍ତମ ପଟେଲ, ଡାଇରେକ୍ଟର, ଏଚ୍‌ଆଣ୍ଡଏଚ୍ ଆଲୁମିନିୟମ ପ୍ରାଇଭେଟ ଲିମିଟେ କହିଥିଲେ, ଏହା ଗୋଟିଏ ସ୍ଥାନରେ ଭାରତର ସର୍ବବୃହତ ଏବଂ ସର୍ବାଧୁନିକ ସୋଲାର ପ୍ୟାନେଲ ଆଲୁମିନିୟମ ଫ୍ରେମ୍ ପ୍ଲାଣ୍ଟ ହେବ।

- ବାର୍ଷିକ ଉତ୍ପାଦନ କ୍ଷମତା ୨୪,୦୦୦ ମେଟ୍ରିକ ଟନ୍
- ୧୫୦ କୋଟି ଟଙ୍କା ନିବେଶ

## ବିଶ୍ୱର ଶୀର୍ଷ ୧୦ ଧନୀ ତାଲିକାରୁ ବାଦ ପଡ଼ିଲେ ବିଲ୍ ଗେଟ୍ସ

ନୂଆଦିଲ୍ଲୀ,୭।୭ (ଏଜେନ୍ସି)

**ସମ୍ପତ୍ତି ୭ ଦିନରେ କମିଲା ୩୦%**



ଦିନ ଥିଲା ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଥିଲେ ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍ସ। ଏବେ ସେ ଦୁନିଆର ଶୀର୍ଷ ୧୦ ଧନୀ ତାଲିକାରୁ ବାଦ ପଡ଼ିଛନ୍ତି। ତାଙ୍କର ସମ୍ପତ୍ତିର ମୂଲ୍ୟ ବର୍ତ୍ତମାନ ତାଙ୍କ ପୂର୍ବତନ ସହଯୋଗୀ ତଥା ମାଇକ୍ରୋସଫ୍ଟର ପୂର୍ବତନ ସିଇଓ ଷ୍ଟିଭ୍ ବାଲ୍‌ମରଙ୍କଠାରୁ ବି କମ୍ ହୋଇଯାଇଛି। ଗେଟ୍ସ କରିଥିବା ଦାନକୁ ପ୍ରତିଫଳିତ କରିବା ପାଇଁ ପୁନଃଗଣନା କରାଯିବା ପରେ ତାଙ୍କ ସମ୍ପତ୍ତିରେ ଏହି ପରିବର୍ତ୍ତନ ଆସିଛି। ଗେଟ୍ସଙ୍କ ସମ୍ପତ୍ତି ପ୍ରାୟ ୫୨ ବିଲିୟନ ଡାଲର ହ୍ରାସ ପାଇଛି। ଗତ ୭ ଦିନରେ ଏଥିରେ ପ୍ରାୟ ୩୦% ହ୍ରାସ ଘଟିଛି। ସମ୍ପତ୍ତି ପୁନଃଆକଳନ ପରେ ଏହା ୧୭୫ ବିଲିୟନ ଡଲାରରୁ ଖସି ୧୨୪ ବିଲିୟନ ଡଲାର ହୋଇଛି। ଏହାପରେ ବ୍ଲୁମବର୍ଗ ବିଲିୟୋନେୟର୍ସ ଇଣ୍ଡେକ୍ସରେ ଗେଟ୍ସ ୫ମ ସ୍ଥାନରୁ ଦ୍ୱାଦଶ ସ୍ଥାନକୁ ଖସିଆଛନ୍ତି। ୧୭୨ ବିଲିୟନ ଡଲାର ସମ୍ପତ୍ତି ସହ ଷ୍ଟିଭ୍ ବାଲ୍‌ମର ବର୍ତ୍ତମାନ ସୂଚୀରେ ପଞ୍ଚମ ସ୍ଥାନରେ ରହିଛନ୍ତି।

ଅପରପକ୍ଷେ ଆଲ୍ଫାବେଟ୍‌ର ସହ-ପ୍ରତିଷ୍ଠାତା ଲ୍ୟାରୀ ପେଜ୍ ଏବଂ ସେର୍ଗେ ବ୍ରିନ୍, ଏନ୍‌ଭିଡିଆ ସିଇଓ ଜେନ୍‌ସେନ୍ ହୁଆଙ୍ଗ ଏବଂ ୱାରେନ୍ ବଫେଙ୍କଠାରୁ ପଛରେ ବି ଗେଟ୍ସ ପଡ଼ିଛନ୍ତି। ମେ' ମାସରେ ଏକ ବ୍ଲଗ୍ ପୋଷ୍ଟରେ ବିଲ୍ ଗେଟ୍ସ ଉଲ୍ଲେଖ କରିଥିଲେ ଯେ ତାଙ୍କର ମୋଟ ସମ୍ପତ୍ତି ୧୦୮ ବିଲିୟନ ଡଲାର ଏବଂ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ପ୍ରାୟ ସମସ୍ତ ସମ୍ପତ୍ତି ଗେଟ୍ସ ଫାଉଣ୍ଡେସନ ମାଧ୍ୟମରେ ଦାନ କରିବାକୁ ପ୍ରତିବଦ୍ଧ। ସେ କହିଥିଲେ ଯେ ଫାଉଣ୍ଡେସନ ୨୦୪୫ରେ ବନ୍ଦ ହେବା ପୂର୍ବରୁ ୨୦୦ ବିଲିୟନ ଡଲାରୁ ଅଧିକ ଖର୍ଚ୍ଚ କରିବ। ଗେଟ୍ସ ଫାଉଣ୍ଡେସନର ୱେବସାଇଟ ଅନୁଯାୟୀ, ଗେଟ୍ସ ଏବଂ ତାଙ୍କ ପୂର୍ବତନ ପତ୍ନୀ ମେଲିଣ୍ଡା ଫ୍ରେଞ୍ଚ ଗେଟ୍ସ ଡିସେମ୍ବର ୨୦୨୪ ଶେଷ ସୁଦ୍ଧା ଫାଉଣ୍ଡେସନକୁ ମୋଟ ୬୦ ବିଲିୟନ ଡଲାର ଦାନ କରିଥିଲେ। ସେତେବେଳେ ୱାରେନ୍ ବଫେଟ୍ ୪୩ ବିଲିୟନ ଦାନ କରିଥିଲେ । ବ୍ଲୁମବର୍ଗ ରିପୋର୍ଟ ଅନୁସାରେ ଗେଟ୍ସଙ୍କ ପାଖରେ ବର୍ତ୍ତମାନ ମାଇକ୍ରୋସଫ୍ଟର ପ୍ରାୟ ୧% ଅଂଶ। କମ୍ପାନୀରୁ ୬୦ ବିଲିୟନ ଡଲାରରୁ ଅଧିକ ଷ୍ଟକ୍ ଏବଂ ଲାଭାଂଶ ପାଇଛନ୍ତି। ତାଙ୍କର ଅଧିକାଂଶ ସମ୍ପତ୍ତି ବର୍ତ୍ତମାନ କାସକେଡ୍ ଇନଭେଷ୍ଟମେଣ୍ଟ ଦ୍ୱାରା ପରିଚାଳିତ ହେଉଛି। ରିପୋର୍ଟ ଅନୁଯାୟୀ, କମ୍ପାନୀର ପୂର୍ବତନ କର୍ମଚାରୀ ବାଲ୍‌ମର ଏବେ ଗେଟ୍ସଙ୍କ ତୁଳନାରେ ଅଧିକ ଧନୀ। ଯାହା କମ୍ପାନୀର ପ୍ରତିଷ୍ଠାତାଙ୍କ ତୁଳନାରେ ଜଣେ ପୂର୍ବତନ କର୍ମଚାରୀଙ୍କ ପାଇଁ ଏକ ଅସାଧାରଣ ସଫଳତା। ବାଲ୍‌ମର ୨୦୦୦ ମସିହାରେ ସିଇଓ ହୋଇଥିଲେ ଏବଂ ୨୦୧୪ ମସିହାରେ ୪% ଅଂଶଧନ ସହିତ କମ୍ପାନି ଛାଡ଼ିଥିଲେ।

## ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ଚାର୍ଜ ଛାଡ଼ କଲା ବିଓବି

ଭୁବନେଶ୍ୱର,୭।୭ (ସମିସ): ଭାରତର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ ବରୋଦା(ବିଓବି) ଜୁଲାଇ ୧ ତାରିଖଠାରୁ ସମସ୍ତ ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ନ ରଖିବା ଉପରେ ଚାର୍ଜ ଛାଡ଼ କରି ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରାହକ- ଅନୁକୂଳ ପଦକ୍ଷେପ ଘୋଷଣା କରିଛି। ଫଳରେ ଏହା ଗ୍ରାହକମାନଙ୍କ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବ। ଏହାସହିତ ଗ୍ରାହକମାନେ ସେମାନଙ୍କ ସଞ୍ଚୟ ଖାତାରେ ମାସିକ ହାରାହାରି ବାଲାନ୍ସରେ ଅଭାବ ପାଇଁ କୌଣସି ଚାର୍ଜ ଦେବେନାହିଁ।

ପ୍ରିମିୟମ ସଞ୍ଚୟ ଖାତା ଯୋଜନାରେ ଏହି ଛାଡ଼ ପ୍ରଯୁଜ୍ୟ ନୁହେଁ। ବ୍ୟାଙ୍କ ଅଫ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ବାହିଦ କହିଛନ୍ତି ଯେ, ସର୍ବନିମ୍ନ ବାଲାନ୍ସ ଚାର୍ଜ ହଟାଇବା ଆମର ଗ୍ରାହକମାନଙ୍କ ପ୍ରତି ବ୍ୟାଙ୍କ ଅଫ ବରୋଦାର ଜାରି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ସମସ୍ତଙ୍କ ପାଇଁ ବ୍ୟାଙ୍କିଙ୍ଗକୁ ଅଧିକ ସୁଗମ କରିଥାଏ। ଏହା ଗ୍ରାହକମାନଙ୍କୁ ଅନ୍ତର୍ଭୁକ୍ତିମୂଳକ ଗୁଣାତ୍ମକ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବା ପାଇଁ ଆମର ପ୍ରୟାସକୁ ଆହୁରି ମଜଭୁତ କରେ ବୋଲି ବ୍ୟାଙ୍କ ଅଫ ବରୋଦା ପକ୍ଷରୁ କୁହାଯାଇଛି।

## ୫୦ରୁ ଅଧିକ ଗାଁରେ ପହଞ୍ଚିଲା ବେଦାନ୍ତ ଆଲୁମିନିୟମର ମୋବାଇଲ୍ ସ୍ୱାସ୍ଥ୍ୟ ସେବା

ଭୁବନେଶ୍ୱର, ୭।୭ (ସିମସ)



ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ସେବା ମାଧ୍ୟମରେ ଓଡ଼ିଶାର ୫୨ ଗ୍ରାମର ୩୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଛି। ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ଏହି କମ୍ପାନୀ ଗତ ଦୁଇ ବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି, ଯାହା ଅନୁନ୍ନତ ଅଞ୍ଚଳଗୁଡିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିଛି। ଗ୍ରାମୀଣ ଓଡ଼ିଶାର ସ୍ୱାସ୍ଥ୍ୟସେବା ବ୍ୟବଧାନ ପୂରଣ ଉପରେ ଧ୍ୟାନ କେନ୍ଦ୍ରିତ କରି, ଗଁାଟ ଶିବିରଗୁଡ଼ିକ ବିଭିନ୍ନ ପ୍ରକାରର ମାଗଣା ସେବା ପ୍ରଦାନ କରେ, ଯେଉଁଥିରେ ଡାକ୍ତରୀ ଯାଞ୍ଚ, ମ୍ୟାଲେରିଆ ସ୍କ୍ରିନିଂ, ରକ୍ତ ଶର୍କରା ପରୀକ୍ଷା ଏବଂ ଅତ୍ୟାବଶ୍ୟକ ଔଷଧ ବଣ୍ଟନ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଗଁାଟ ସମ୍ପୂର୍ଣ୍ଣ ଭାବରେ ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ମୌଳିକ ଔଷଧ ସହିତ ସଜ୍ଜିତ। ତୁରନ୍ତ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ସମ୍ବୋଧିତ କରିବା ସହିତ, ଏହି ପଦକ୍ଷେପ ପ୍ରତିରୋଧକ ଯତ୍ନ ଉପରେ ଗୁରୁତ୍ୱାରୋପ କରେ, ଯାହା ସମ୍ପ୍ରଦାୟର ସାମଗ୍ରିକ କଲ୍ୟାଣରେ ଯୋଗଦାନ ଦିଏ। କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକରେ, ଏହି ପଦକ୍ଷେପ ୨୧ଟି ଗ୍ରାମରେ ପହଂଚିଥିବାବେଳେ ରାୟଗଡା ଜିଲ୍ଲାର କାଶୀପୁର ବ୍ଲକରେ ଏହି ସେବା ୧୪ଟି ଗ୍ରାମ, ସୁନ୍ଦରଗଡ ଜିଲ୍ଲାର ହେମଗିର ବ୍ଲକରେ ୧୧ଟି ଗ୍ରାମ ଏବଂ ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକରେ ୬ଟି ଗ୍ରାମରେ ପହଞ୍ଚିପାରିଛି।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରଥ ଯାତ୍ରାରେ ୨୦ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଭୋଜନ ସେବା

ଭୁବନେଶ୍ୱର, ୭।୭ (ସମିସ): ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ସେବା କରିବାର ଏହାର ଦୀର୍ଘ ପରମ୍ପରାକୁ ଜାରି ରଖି, ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ଏହି ବର୍ଷ ଭକ୍ତମାନଙ୍କ ମଧ୍ୟରେ ୨୦ ଲକ୍ଷରୁ ଅଧିକ ଭୋଜନ ସେବା ଯୋଗାଇ ଦେଇଛି। ନବଯୌବନ ଦର୍ଶନ ଦିନ ଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ୧୧ ଦିନ ଧରି ଜିନ୍ଦଲ ଫାଉଣ୍ଡେସନ ସତେଜ ଗରମ ରନ୍ଧା ଖାଦ୍ୟ ବଣ୍ଟନ କରିଥିଲା। ଅଧିକରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଭୋଜନ ସେବା ଯୋଗାଇବା ପାଇଁ ରେଳ ଷ୍ଟେସନ ନିକଟ ଏବଂ ଗୁଣ୍ଡିଚା ମନ୍ଦିର ପାଖ ବସ୍ ଷ୍ଟାଣ୍ଡରେ ଦୁଇଟି ବଡ଼ ଷ୍ଟଲ୍ ଖୋଲାଯାଇଥିଲା। ଏହି ଷ୍ଟଲ ଗୁଡିକରେ ସତେଜ ରନ୍ଧା ଯାଇଥିବା ପୁଷ୍ଟିକର ପାରମ୍ପରିକ ଓଡ଼ିଆ ଖାଦ୍ୟ ଯଥା; ଅରୁଆ ଅନ୍ନ, ଡାଲମା ଏବଂ ଖଟା ପ୍ରଦାନ କରାଯାଇ ଥିଲା । ପରିଷ୍କାର ପରିଚ୍ଛନ୍ନ ପରିବେଶରେ ଏହି ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ଆଧ୍ୟାତ୍ମିକ ଭାବାବେଗକୁ ମଧ୍ୟ ପ୍ରାଥମିକତା ଦିଆଯାଇଥିଲା । ୧୬୦ରୁ ଅଧିକ ସମର୍ପିତ ସ୍ୱେଚ୍ଛାସେବୀ ଓ କର୍ମଚାରୀ ନିରନ୍ତର ଭାବେ ରନ୍ଧନ, ପରିବହନ ଓ ବଣ୍ଟନ କାର୍ଯ୍ୟରେ ନିୟୋଜିତ ଥିଲେ। ମାନ୍ୟବର ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ବସ୍ ଷ୍ଟାଣ୍ଡ ଷ୍ଟଲର ଶୁଭାରମ୍ଭ କରିଥିବା ବେଳେ, ରେଳ ଷ୍ଟେସନ ପାଖ ଷ୍ଟଲକୁ ଏଡିଆରଏମ ଶ୍ରୀ ଡିକେ ବେହେରା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, "ରଥଯାତ୍ରା ସମୟରେ ଜଣେ ବି ଶ୍ରଦ୍ଧାଳୁ ଯେପରି ଭୋକରେ ରହିବେ ନାହିଁ ସେଥିପାଇଁ ବିଗତ ୧୧ ବର୍ଷ ଧରି ଆମର ଏହି ସମର୍ପିତ ପ୍ରୟାସ ଜାରି ରହିଛି। ଏହି ପବିତ୍ର ଶ୍ରଦ୍ଧା ଓ ଏକତାର ପର୍ବରେ ଆମେ ସେବା କରିପାରୁଥିବାରୁ ଆମେ ମହାପ୍ରଭୁ ଜଗନ୍ନାଥଙ୍କୁ ଧନ୍ୟବାଦ ଜଣାଉଛୁ।




## ଟାଟା ଷ୍ଟିଲ୍‌ର ଯୋଡ଼ା ଇଷ୍ଟ ଏବଂ ଖଣ୍ଡବନ୍ଧ ଖଣିକୁ ୫ ତାରକା ରେଟିଂ ପୁରସ୍କାର



ଭୁବନେଶ୍ୱର, ୭।୭ (ସମିସ): ଟାଟା ଷ୍ଟିଲର ଯୋଡ଼ା ଇଷ୍ଟ ଲୌହ ଖଣି ଏବଂ ଖଣ୍ଡବନ୍ଧ ଖଣିକୁ ସମ୍ମାନଜନକ ଷ୍ଟାର ରେଟିଂ ଆୱାର୍ଡ, ରାଜସ୍ଥାନର ଜୟପୁରସ୍ଥିତ ରାଜସ୍ଥାନ ଇଣ୍ଟର ନ୍ୟାସନାଲ ସେଣ୍ଟରରେ ସୋମବାର ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଷ୍ଟାର ରେଟିଂ ଆୱାର୍ଡ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଛି। ଅନେକ ପ୍ରଶଂସନୀୟ ପରିବେଶ ଅନୁକୂଳ କାର୍ଯ୍ୟ ଏବଂ ପରିଚାଳନା ଉତ୍କର୍ଷ ନିମନ୍ତେ ପ୍ରଥମ ଥର ପାଇଁ ଖଣ୍ଡବନ୍ଧ ଖଣି ପଞ୍ଚ ତାରକା ରେଟିଂ ପୁରସ୍କାର ହାସଲ କରିଛି। ସୂଚନାଯୋଗ୍ୟ ଯେ, ଯୋଡ଼ା ଇଷ୍ଟ ଖଣି ଏପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ୫ ତାରକା ରେଟିଂ ପୁରସ୍କାର ପାଇଛି। ଏହି ଅବସରରେ, ଝାଡ଼ଖଣ୍ଡରେ ଅବସ୍ଥିତ କମ୍ପାନିର ନୁଆମୁଣ୍ଡି ଲୌହ ଖଣି ୭ ଷ୍ଟାର ରେଟିଂ ପୁରସ୍କାର ଲାଭ କରିଛି । ଏହି ପ୍ରତିଷ୍ଠିତ ପୁରସ୍କାର ପାଇଥିବା ସାରା ଦେଶର ମାତ୍ର ତିନୋଟି ଖଣି ମଧ୍ୟରୁ ନୁଆମୁଣ୍ଡି ଖଣି ଅନ୍ୟତମ। ୨୦୧୭ ମସିହାରେ ଏହି ପୁରସ୍କାର ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ନୁଆମୁଣ୍ଡି ଖଣି ଲଗାତାର ଆଠ ବର୍ଷ ଧରି ପଞ୍ଚ ତାରକା ରେଟିଂ ହାସଲ କରିଛି।

### ଜୁଲାଇ ୯ ଶ୍ରମିକ ସଂଗଠନ ଧର୍ମଘଟ

# ସାମିଲ ହେବେ ବ୍ୟାଙ୍କ ଓ ବୀମା କର୍ମଚାରୀ

କଲକାତା,୭।୭ (ଏଜେନ୍ସି)




ଦେଶରେ ଶ୍ରମିକମାନଙ୍କ ଅଧିକାର ଉପରେ ହେଉଥିବା ଆକ୍ରମଣକୁ ତୀବ୍ର ବିରୋଧ କରିଛି କେନ୍ଦ୍ରୀୟ ଶ୍ରମିକ ସଂଗଠନ। ଏହାସହିତ, କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଠିକ୍ ନୁହେଁ। ଏହା ବିରୁଦ୍ଧରେ , ସଂଗଠନ ଜୁଲାଇ ୯ ରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛି। ଶ୍ରମିକ ସଂଗଠନ, କୃଷକ ସଂଗଠନ ଏବଂ ମହାଗଠବନ୍ଧନର ସାଂଗଠନିକ ଦଳଗୁଡ଼ିକ ମଧ୍ୟ ଏହାର ସମର୍ଥନରେ ଆଗକୁ ଆସୁଛନ୍ତି। ଏବେ ବ୍ୟାଙ୍କ କର୍ମଚାରୀଙ୍କ ଏକ ସଂଗଠନ ମଧ୍ୟ କହିଛି ଯେ ସେମାନେ ଏହି ଧର୍ମଘଟରେ ଯୋଗଦେବେ। ଏହାସହ ବୀମା କ୍ଷେତ୍ରର କର୍ମଚାରୀମାନେ ଏହି ଧର୍ମଘଟରେ ସାମିଲ ହେଉଛନ୍ତି।

ସଂଘ କହିଛି ଯେ, ଏଆଇବିଇଏ, ଏଆଇବିଓଏ ଏବଂ ବେଫି ଭଳି ବ୍ୟାଙ୍କିଙ୍ଗ କ୍ଷେତ୍ରର ଶ୍ରମିକ ସଂଗଠନ ଏହି ଧର୍ମଘଟରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛି। ତେବେ ସଂଘ ଏକ ବିବୃତ୍ତିରେ ଏହା ମଧ୍ୟ କହିଛି ଯେ ବୀମା କ୍ଷେତ୍ର ମଧ୍ୟ ଧର୍ମଘଟରେ ଯୋଗଦେବାକୁ ନିଷ୍ପତ୍ତି ନେଇଛି। ସଂଗଠନ ଅନୁଯାୟୀ, ବ୍ୟାଙ୍କିଂ ଏବଂ ଅନ୍ୟାନ୍ୟ ଆର୍ଥିକ କ୍ଷେତ୍ରରେ ଧର୍ମଘଟ ସମ୍ପୂର୍ଣ୍ଣ ସଫଳ ହେବ। ବ୍ୟାଙ୍କ କର୍ମଚାରୀ ସଂଘ ଦାବି କରିଛି ଯେ ଏହି ଧର୍ମଘଟରେ ୧୫ କୋଟିରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିବେ। ସେମାନେ ସରକାରଙ୍କ "କର୍ପୋରେଟ୍-ସମର୍ଥକ ଅର୍ଥନୈତିକ ସଂସ୍କାର ଏବଂ ଶ୍ରମିକ ବିରୋଧୀ ନୀତି" ବିରୋଧରେ ପ୍ରତିବାଦ କରିବେ। ଏହାର ଅର୍ଥ ହେଉଛି କର୍ମଚାରୀମାନେ ସରକାରଙ୍କ ନୀତି ପ୍ରତି ବିମୁଖ, ଯାହା କମ୍ପାନୀଗୁଡ଼ିକୁ ଲାଭଦାୟକ ଏବଂ ଶ୍ରମିକ ବିରୋଧୀ। କର୍ମଚାରୀମାନେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦକୁ ଜୋରଦାର କରିବେ ବୋଲି ସଂଗଠନ କହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କ ମଜବୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ପର୍କରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜବୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୯- ଆମେରିକୀୟ ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶିତ।
- ୧୯୧୮- ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଭାକ୍ରା ନଙ୍ଗଲ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ।
- ୨୦୦୩- ସୁଦାନରେ ହୋଇଥିବା ବିମାନ ଦୁର୍ଘଟଣାରେ ୧୧୬ ଲୋକଙ୍କ ପ୍ରାଣହାନି।
- ୨୦୦୭- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପରଲୋକ।



## ରସଗୋଲା ଦିବସ

ଆଜି ରସଗୋଲା ଦିବସ। ଓଡ଼ିଶାର ପାରମ୍ପରିକ ମିଠା ରସଗୋଲା ପାଇଁ ଆଜିର ଦିନଟି ସମର୍ପିତ। ।ଓଡ଼ିଆ ଘରେ ଅତିଥି ଚର୍ଚ୍ଚା ହେଉ କି ଆନନ୍ଦ ଉଲ୍ଲାସର ମୁହୂର୍ତ୍ତ ସବୁଠି ଲୋଡ଼ା ରସଗୋଲା। ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର ଶ୍ରୀମନ୍ଦିରରେ କେଉଁ ଅନାଦି କାଳରୁ ରସଗୋଲା ପ୍ରସାଦ ରୂପେ ଅର୍ପଣ କରାଯାଉଅଛି। ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶହ ଶହ ବର୍ଷ ହେଲା ରସଗୋଲା ଲାଗି ହୋଇଆସୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଅନ୍ତିମ ପର୍ବ ହେଉଛି 'ନୀଳାଦ୍ରିବିଜେ'। ଶ୍ରୀଗୁଣ୍ଡିଚା ମନ୍ଦିରରେ ରହଣି ପରେ ବାହୁଡ଼ା ଦଶମୀ ଦିନ ଶ୍ରୀଜୀଉମାନେ ସିଂହଦ୍ୱାରକୁ ଫେରନ୍ତି। ତ୍ରୟୋଦଶୀ ଦିନ ଶ୍ରୀବିଗ୍ରହମାନେ ରତ୍ନ ସିଂହାସନକୁ ବିଜେ କରି ଥାଆନ୍ତି। ଏହାକୁ 'ନୀଳାଦ୍ରି ବିଜୟ' ବା 'ନୀଳାଦ୍ରିବିଜେ' କୁହାଯାଏ। ବିଶ୍ୱାସ ରହିଛି, ରଥଯାତ୍ରାରେ ସଙ୍ଗରେ ନେଇ ନ ଥିବାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଅଭିମାନ କରିଥାନ୍ତି ମା'ଲକ୍ଷ୍ମୀ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଜୟବିଜୟ ଦ୍ୱାରକୁ ବନ୍ଦ କରି ଦିଅନ୍ତି ମା' ଲକ୍ଷ୍ମୀ। ଅଭିମାନୀନି ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥାନ୍ତି ମହାପ୍ରଭୁ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରଚାରପ୍ରସାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରିବିଜେ ଦିନ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲ। ଏହାପରେ ୨୦୧୬ ଜୁଲାଇ ୧୭ ଠାରୁ ଏହି ଦିବସ ପାଳନ ହେଉଛି। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାର ବ୍ୟବସାୟୀ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶାର ରସଗୋଲାକୁ ଜିଆଇ ମାନ୍ୟତା ଦେବା ପାଇଁ ଓଡ଼ିଆ ଲୋକେ ଏକଜୁଟ ହୋଇଥିଲେ। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା।



## ଆସିବ 'ଗଲିବୟ'ର ସିକ୍ୱେଲ

ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗଲିବୟ'ର ସିକ୍ୱେଲ ଆସିବ। ଏହାର ମୂଳ ଫିଲ୍ମରେ ଆଲିଆ ଭଟ୍ଟ, ରଣବୀର ସିଂହ, ସିଦ୍ଧାନ୍ତ ଚତୁର୍ବେଦୀ, କଲ୍କି କୋଚଲିନ୍ ନଜର ଆସିଥିଲେ। ଫିଲ୍ମଟି ଦର୍ଶକଙ୍କ ସହ ଫିଲ୍ମ ସମୀକ୍ଷକଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସିଥିଲା। ଏହା ୧୩ଟି ଫିଲ୍ମ ଫେୟାର୍ ପୁରସ୍କାର ଜିତିଥିଲା, ଯାହା ଏକ ରେକର୍ଡ ମଧ୍ୟ। ୬ ବର୍ଷ ପରେ ଜୋୟା ଏବେ ଏହାର ସିକ୍ୱେଲ ଆଣିବା ପାଇଁ ଯୋଜନା କରୁଛନ୍ତି। ଜୋୟା କିନ୍ତୁ ଏହାର ନିର୍ଦ୍ଦେଶନା ଦେବେ ନାହିଁ। 'ଖୋ ଗଏ ହମ୍ କହାଁ' ଫେମ୍ ଅର୍ଜୁନ୍ ବରେନ୍ ସିଂହ ଏହାର ନିର୍ଦ୍ଦେଶନା ଦେବେ। ସିକ୍ୱେଲରେ କିନ୍ତୁ ରଣବୀର ଓ ଆଲିଆ ଦେଖାଯିବେ ନାହିଁ। ଏଥିରେ ଭିକି କୌଶଲ ଓ ଅନନ୍ୟା ପାଣ୍ଡେଙ୍କୁ ବ୍ରେକ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ 'ଗଲିବୟ'ର ସଫଳତାକୁ ଏହାର ସିକ୍ୱେଲ ଦୋହରାଇ ପାରିବ କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ପକ୍ଷୀ ସୁରକ୍ଷା ପାଇଁ ମଶା ଛାଡୁଛି ଡ୍ରୋନ୍

ବୈଜ୍ଞାନିକମାନେ ଏକ ବିଶାଳ ଡ୍ରୋନ୍‌କୁ ଉପଯୋଗ କରି ଆମେରିକାର ହାୱାଇ ଜଙ୍ଗଲରେ ମଶା ପଲଙ୍କୁ ଛାଡୁଛନ୍ତି। ତେବେ ଏଠାରେ ଦେଖାଯାଉଥିବା ହନିକ୍ରିପର୍ ପକ୍ଷୀଙ୍କ ଜୀବନ ରକ୍ଷା ପାଇଁ ଏଭଳି କିଛି କରାଯାଉଛି। ଏହି ପକ୍ଷୀ ପରିବେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କ୍ରମାଗତ ଭାବେ ଏମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମଶା ଦ୍ୱାରା ବ୍ୟାପୁଥିବା ଏଭିୟନ ମ୍ୟାଲେରିଆ ଏହି ପକ୍ଷୀଙ୍କ ଜୀବନ ନେଉଛି। ତେଣୁ ହନିକ୍ରିପର୍ ପକ୍ଷୀ ଏଭିୟନ ମ୍ୟାଲେରିଆଠାରୁ ଜୀବିତ ରହିବା ଲାଗି ଏବେ ସଂଘର୍ଷ କରୁଛନ୍ତି। ତେବେ ଡ୍ରୋନ୍‌ରେ ଛଡ଼ା ଯାଉଥିବା ମଶାକୁ ବୈଜ୍ଞାନିକମାନେ ଗବେଷଣାଗାରରେ ତିଆରି କରିଛନ୍ତି। ଏହି ମଶା କାମୁଡ଼ୁ ନ ଥିବା ବେଳେ ଏଥିରେ ଏକ ଜୀବାଣୁ ଅଛି। ଏହି ଜୀବାଣୁ ଆକ୍ରମଣକାରୀ ମଶାଙ୍କ ବଂଶବିସ୍ତାରକୁ ରୋକିବା ଦିଗରେ କାର୍ଯ୍ୟ କରିବ। ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ଏହି ବିଶେଷ ଅଣ୍ଡିରା ମଶାମାନଙ୍କୁ ନିରନ୍ତର ଛାଡ଼ିବା ଦ୍ୱାରା ଏଭିୟନ୍ ମ୍ୟାଲେରିଆ ବାହକ ମଶାଙ୍କ ସଂଖ୍ୟା ହ୍ରାସ ପାଇବ। ଏହି ପ୍ରକାରେ ରୋଗର ପ୍ରସାରକୁ ରୋକା ଯାଇପାରିବ। ସେହିପରି ଏବେ ସୁଦ୍ଧା ଏକଥା ସ୍ପଷ୍ଟ ହୋଇପାରି ନାହିଁ, ଏତେ ସଂଖ୍ୟକ ମଶା ଛଡ଼ାଯିବା ପରେ କିଛି ଲାଭ ମିଳିଛି କି ନାହିଁ। ହେଲେ ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି, ଏହି ପ୍ରକାରେ ହନିକ୍ରିପର୍ ପକ୍ଷୀଙ୍କୁ ରକ୍ଷା କରାଯାଇପାରିବ। ସେହିପରି ଏହି ମଶା ଏଠାରେ ନ ଥିଲେ। ୧୮୨୬ ମସିହାରେ ଏକ ଜାହାଜରୁ ଏହି ମଶା ଏଠାକୁ ଆସିଥିଲା। ସେବେଠାରୁ ସେମାନେ ଏହାର ଗରମ ଏବଂ ଆର୍ଦ୍ର ଜଳବାୟୁରେ ବଂଶବିସ୍ତାର କରିଚାଲିଲେ।





# ସୁବର୍ଣ୍ଣା

## ମକା ମଞ୍ଜି ଛଡା ଯନ୍ତ୍ର

ମକା ଚାଷ ଶୀତ, ବର୍ଷା ଓ ଖରାଦିନେ କରାଯାଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ବାଲିଆ, ଦୋରସା ଓ ପଟୁମାଟି ଆବଶ୍ୟକ ହୋଇଥାଏ। ତେବେ ମକାର ବହୁବିଧ ବ୍ୟବହାର ଏହାକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରୁଛି। ଯେମିତିକି ମକାରୁ ଖଇ, କର୍ଣ୍ଣଫ୍ଲେକ୍ସ ତଥା ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତି ହୁଏ। ଏହା ସହ ଗୋଖାଦ୍ୟ, କୁକୁଡ଼ାଖାଦ୍ୟ ଆଦି ପ୍ରସ୍ତୁତି ବେଳେ ମକା ବିଶେଷ ଭାବେ ଦରକାର ହୋଇଥାଏ। ତେବେ ମକାରୁ ଦାନା କାଢ଼ିବାକୁ ଚାଷୀଙ୍କୁ ଅଧିକ ସମୟ ଲାଗୁଥିବାବେଳେ ଏଥିପାଇଁ ଅଧିକ ପରିଶ୍ରମ ଓ ଖର୍ଚ୍ଚ ବଢ଼ିଥାଏ। ଖାସ୍‌କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏହି ପ୍ରକ୍ରିୟା ବହୁତ ମହଙ୍ଗା ପଡ଼ିଯାଏ। ତେଣୁ ଚାଷୀଙ୍କ ସମସ୍ୟାକୁ ଦୂର କରିବାକୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଦ୍ୱାରା ପେଡାଲ ପରିଚାଳିତ ମକା ମଞ୍ଜିଛଡ଼ା ଯନ୍ତ୍ର ବିକଶିତ କରାଯାଇଛି। ଏହା କେବଳ ମକା ଚୋପାରୁ ଦାନା ବାହାର କରିବ ତାହା ନୁହେଁ; ଚାଷୀଙ୍କ ସମୟ ଏବଂ ଶ୍ରମ ହ୍ରାସ ପାଇବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମେସିନ୍ କୌଣସି ଇନ୍ଧନ କିମ୍ବା ବିଦ୍ୟୁତ୍ ବିନା ଚାଲୁଥିବାରୁ ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ରରେ କ୍ଷମତା ୧୩୦ କିଗ୍ରା ପ୍ରତି ଘଣ୍ଟାରେ ମକା ଦାନା କାଢ଼ିପାରେ। ଏଥିରେ ଦୁଇଜଣ ଲୋକ ବସି ଆରାମରେ ଯନ୍ତ୍ରକୁ ଚଳାଇ ପାରିବେ ସେ ନେଇ ଡିଜାଇନ୍ ହୋଇଛି। ଅର୍ଥାତ୍ ଜଣେ ଗୋଡରେ ପ୍ୟାଡେଲ ମାରି ଯନ୍ତ୍ରକୁ ସଞ୍ଚାଳିତ କରିବା ସମୟରେ ଅନ୍ୟ ଜଣ ଯନ୍ତ୍ରରେ ମକା ପକାଇବା କାର୍ଯ୍ୟ କରିଥାନ୍ତି। ଏହାର ମକା ଚୋପା କାଢ଼ିବାର କ୍ଷମତା ୯୭ ପ୍ରତିଶତ ଏବଂ ଦାନା କାଢ଼ିବାର ଦକ୍ଷତା ୯୫ ପ୍ରତିଶତ ଯାଏଁ ଥିବାରୁ ଚାଷୀଭାଇ ଏଥିରୁ ଅଧିକ ଲାଭବାନ ହୋଇପାରିବେ। ତେଣୁ ମକା ଚାଷ କରୁଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଏହି ଯନ୍ତ୍ରଟି କୌଣସି ବରଦାନଠାରୁ କମ୍ ନୁହେଁ।



## ଜହ୍ନି ଗଛ ପାଇଁ ଦେଶୀ ଟନିକ୍

**ବର୍ଷାଦିନିଆ ପନିପରିବା ଚାଷରୁ ଅଧିକ ଲାଭ ମିଳେ। ଚାଷୀମାନେ ଏହି ଦିନେ ବିଭିନ୍ନ ଫସଲ ସହିତ ଜହ୍ନି ଚାଷ ମଧ୍ୟ କରିଥାନ୍ତି। ତେଣୁ ଜହ୍ନି ଗଛ ବଢୁ ନ ଥିଲେ ଏହି ଉପାୟ ଆପଣାଇ ପାରିବେ।**

ଚାଷୀମାନେ କମ୍ ସମୟରେ ଅଧିକ ଅମଳ ପାଇବା ପାଇଁ ରାସାୟନିକ ସାର, କୀଟନାଶକ ଆଦି ପ୍ରୟୋଗ କରିଥାନ୍ତି। ଏହା ବ୍ୟୟ ବହୁଳ। ଏହା ମାଟି ଓ ଫସଲ ପାଇଁ କ୍ଷତି ସୃଷ୍ଟି କରିପାରେ। ତେଣୁ ପ୍ରାକୃତିକ ଉପାୟ ଆପଣାଇ ଚାଷୀମାନେ ଜହ୍ନି ଗଛର ବୃଦ୍ଧି ପାଇଁ ନିମ ଖତ, ଦହି ଏବଂ କଦଳୀ ଚୋପାରୁ ତିଆରି ଦେଶୀ ସାର ପ୍ରୟୋଗ କରିପାରିବେ। କଦଳୀ ଚୋପାରେ ପଟାସିୟମ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱ ରହିଥାଏ। ଯାହାକି ଗଛ ଓ ଫଳ ବୃଦ୍ଧି ପାଇଁ ଏହା ବହୁତ ଉପଯୋଗୀ ହୋଇଥାଏ।, ଦେଶୀ ସାର ବା କୀଟନାଶକ ପ୍ରୟୋଗ ଦ୍ୱାରା ଫୁଲ ଝଡ଼ିବା ନିୟନ୍ତ୍ରଣ ହୋଇଥାଏ। ଏହା ରୋଗ ପୋକ ନିୟନ୍ତ୍ରଣ ପାଇଁ ସହାୟକ ହୋଇଥାଏ। ନିମ ଖତ ମାଟିରେ କବକ ଏବଂ ହାନିକାରିକ ଜୀବାଣୁ ରୋକିଥାଏ। ଏହାଦ୍ୱାରା ଜହ୍ନି ଉତ୍ପାଦନ ହୁଏ। ଏକ ଗ୍ଲାସ ପାଣିରେ କଦଳୀ ଚୋପାକୁ ଅଳ୍ପ ଆଞ୍ଚରେ ରଖି ଫୁଟାନ୍ତୁ। ଏହି ପାଣି ଥଣ୍ଡା କରିବା ପରେ ଏହାକୁ ଛାଣି ନିଅନ୍ତୁ। ଛଣା ପାଣିରେ ଏକ ଚାମଚ ନିମ ଖତ ଏବଂ ଏକ ଚାମଚ ଦହିକୁ ଭଲଭାବେ ମିଶାନ୍ତୁ। ଏହି ଘୋଳକୁ କିଛି ଘଣ୍ଟା ପାଇଁ ରଖି ଜହ୍ନି ଗଛ ମୂଳେ ମାଟି କୋଡ଼ାଖୋସା କରି ପ୍ରୟୋଗ କରିପାରିବେ। ଏପରି କରିବା ଦ୍ୱାରା ଜହ୍ନି ଗଛ ଝଙ୍କାଳିଆ ହୋଇଯାଏ। ଫଳ ମଧ୍ୟ ଅଧିକ ମିଳେ। ଜୀବାମୃତ, ଘନଜୀବାମୃତ, ହାଣ୍ଡିଖତ ଅନୁମୋଦିତ ପରିମାଣରେ ବ୍ୟବହାର କଲେ ଗଛର ବୃଦ୍ଧି ତ୍ୱରାନିତ ହୁଏ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ।
- ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ପାଗ ଶୁଖିଲା ନ ଥିଲେ ଘାସ ଚରିବା ପାଇଁ ବାହାରକୁ ଛାଡନ୍ତୁ ନାହିଁ।
- ବର୍ତ୍ତମାନ ଅମୃତଭଣ୍ଡା ଲଗେଇବାର ଉତ୍କୃଷ୍ଟ ସମୟ। ହନି ଡିୟୁ, କୁର୍ଗ ହନି ଡିୟୁ, ସିଓ-୧, ସିଓ-୨, ପୁଷା, ଡେଲିଶିୟଶ, ପୁଷା, ମଜେଷ୍ଟିକ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ।
- ବର୍ଷାଋତୁରେ କୁକୁଡା ଫାର୍ମରେ ପବନର ଚଳପ୍ରଚଳ କିମ୍ବା ଉଚିତ ଭେଣ୍ଟିଲେସନ୍ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। କୁକୁଡା ସେଡର ଉପର ପାର୍ଶ୍ୱରେ ୧ରୁ ୨ ଫୁଟ୍ ଖୋଲା ରଖି ସେଡର ପାର୍ଶ୍ୱକାନ୍ଥଗୁଡିକ ପଲିଥିନ୍ ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ରଖନ୍ତୁ। କୀଟମାନଙ୍କ ଆକ୍ରମଣରୁ କୁକୁଡାଙ୍କୁ ରକ୍ଷା କରିବା ପାଇଁ ସେଡର ଚାରିପାଖରେ ଥିବା ନାଳିଗୁଡିକୁ ସ୍ୱଚ୍ଛ ଓ ସୁଖିଲା ରଖନ୍ତୁ। ବର୍ଷାଜଳ ସେଡ୍ ଭିତରକୁ ସିଧାସଳଖ ପ୍ରବେଶ ନ କରିବାକୁ ଉଚିତ ବ୍ୟବସ୍ଥା କରନ୍ତୁ। ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ାମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ।

## ଯବକ୍ଷାରଜାନ ଅଭାବରୁ ଫସଲ ହାନି

**ଗଛ ବଢ଼ିବା ପାଇଁ ମୃତ୍ତିକାରୁ ବିଭିନ୍ନ ଖାଦ୍ୟସାର ଆବଶ୍ୟକ କରୁଥିବାବେଳେ ସେଥିମଧ୍ୟରୁ ଯବକ୍ଷାରଜାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ହେଲେ ମାଟିରେ ଯବକ୍ଷାରଜାନର ଅଭାବରେ ପ୍ରଥମେ ପତ୍ର ହଳଦିଆ ପଡ଼ିଯାଏ। ଗଛ ବୃଦ୍ଧିରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ସମୟ ପୂର୍ବରୁ ଏହାର ସମାଧାନ ନ କରିଲେ ଫସଲ ଉତ୍ପାଦନରେ ହ୍ରାସ ହୋଇଥାଏ। ଏହାର ପ୍ରତିକାର କରିବା ନିହାତି ଆବଶ୍ୟକ।**



କୃଷି ବିଶେଷଜ୍ଞଙ୍କ ମୁତାବକ ଯବକ୍ଷାରଜାନ ଫସଲ ବୃଦ୍ଧି ପାଇଁ ସବୁଠୁ ଜରୁରି ପୋଷାକତତ୍ତ୍ୱ। ତେବେ ମାଟିରେ ଯବକ୍ଷାରଜାନ ଅଭାବ ହେଲେ ପ୍ରଥମେ ଗଛ ପତ୍ରରୁ ଏହାର ଲକ୍ଷଣ ଜଣାପଡ଼ିଯାଏ। ଯେପରିକି ତଳ ପତ୍ରଗୁଡ଼ିକ ପ୍ରଥମେ ଫିକା ସବୁଜ ହୋଇ ହଳଦିଆ ପଡ଼ିଯାଏ। ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ି ନ ପାରିବା, ଫସଲ ହାନି ହେବା ଆଦି ଲକ୍ଷଣ ପରିଲକ୍ଷିତ ହୋଇଥାଏ। ତେଣୁ ମାଟିରେ ଯବକ୍ଷାରଜାନ ଅଭାବ ପୂରଣ କରିବାକୁ ଜମିରେ ସବୁଜ ସାର ପ୍ରୟୋଗ କରାଯାଏ। ଜମିରେ ମୁଗ ତଥା ଡାଲିଜାତୀୟ ଫସଲ, ସୋୟାବିନ୍, ଚିନାବାଦାମ ବୁଣିବା ଦ୍ୱାରା ଏହି ଫସଲ ଅମଳ ପରେ ମାଟିରେ ପ୍ରାକୃତିକ ରୂପେ ଯବକ୍ଷାରଜାନ ମାତ୍ରା ବୃଦ୍ଧି ପାଏ। ମାଟିରେ ଯବକ୍ଷାରଜାନ ବୃଦ୍ଧି ପାଇଁ ଏହା ଏକ ପାରମ୍ପରିକ ଓ ଶସ୍ତା କୌଶଳ। ସେହିପରି ଗୋବର ଖତ, ଜିଆଖତ, ପତ୍ରରୁ ପ୍ରସ୍ତୁତ ଖତ ମୃତ୍ତିକାର ଉର୍ବରଶକ୍ତିକୁ ବୃଦ୍ଧି କରି ଧୀରେ ଧୀରେ ନାଇଟ୍ରୋଜେନ୍ ଉପଲବ୍ଧ କରାଇଥାଏ। ବିଶେଷ କଥା ହେଉଛି, ୟୁରିଆ, ଆମୋନିୟମ ସଲ୍‌ଫେଟ୍ ପରି ଉର୍ବରକ ନିର୍ଦ୍ଦିଷ୍ଟ ମାତ୍ରାରେ ଉପଯୋଗ କରିପାରିବେ। ସେହିପରି ମୃତ୍ତିକାରେ ଜୀବାଣୁ ସାର ତଥା ରାଇଜୋବିୟମ, ଆଜୋସ୍ପିରିଲମ୍ ଏବଂ ଆଜୋଟୋବ୍ୟାକ୍ଟେର ପରି ଜୈବ ଉର୍ବରକ ଯବକ୍ଷାରଜାନ ବୃଦ୍ଧି କରିବାକୁ ସାହାଯ୍ୟ କରିଥାଏ। ବିଶେଷ କଥା ହେଉଛି, ଜମିରେ ଗୋଟିଏ ପ୍ରକାର ଫସଲ ବାରମ୍ବାର ଚାଷ କରିବା ଦ୍ୱାରା ମାଟିରେ ଯବକ୍ଷାରଜାନ ହ୍ରାସ ପାଇଥାଏ। ତେଣୁ ଯବକ୍ଷାରଜାନ ସନ୍ତୁଳନ ରଖିବାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଡାଲିଜାତୀୟ ଫସଲ ଚାଷ କରିପାରିବେ।

### ଏଜ୍‌ବାଷ୍ଟନ ଦଖଲ କଲୁ ସତ; ଖେଳରେ ମଜା ଆସିଲାନି: ଗିଲ୍

# ପିଚ୍ ଉପରେ ନିର୍ଭର କରୁଛି ଟେଷ୍ଟ ମ୍ୟାଚ୍‌ର ଗୁରୁତ୍ୱ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି)



ଫ୍ଲାଟ ପିଚ୍ ଓ ଡ୍ୟୁକ୍ ବଲ୍‌ରେ ବୋଲରଙ୍କୁ ସହାୟତା ବିନା ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଇଛି। ଏଜ୍‌ବାଷ୍ଟନରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ ରନ୍‌ର ବୃହତ୍ ବିଜୟ ପରେ ଏହା କହିଛନ୍ତି ଅଧିନାୟକ ଶୁବମନ ଗିଲ୍। ଦୀର୍ଘ ୫୮ ବର୍ଷ ପରେ ଏଜ୍‌ବାଷ୍ଟନରେ ଭାରତ ଟେଷ୍ଟ ମ୍ୟାଚ୍ ଜିତିଛି ସତ, କିନ୍ତୁ ଏହି ବିଜୟରେ ମଜା ନାହିଁ। ଏଠାରେ ଖେଳାଯାଇଥିବା ଟେଷ୍ଟରେ ଭାରତୀୟ ବୋଲରମାନେ ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଏହା ମଧ୍ୟରୁ ୧୫ଟି ୱିକେଟ କେବଳ ନୂଆ ବଲ୍‌ରେ ମିଳିଛି। ଏଭଳି ପରିବେଶରେ ଟେଷ୍ଟ ମ୍ୟାଚ୍ ଖେଳିବା ବାଜ୍‌ବଲ ଯୁଗର ମନ୍ତ୍ରକୁ ବିରୋଧ କରୁଛି। ଏଠାରେ ପ୍ରଥମ ତଥା ବିଦେଶ ମାଟିରେ ସର୍ବବୃହତ୍ ବ୍ୟବଧାନ ବିଜୟ ଭାରତକୁ ୧-୧ରେ ସିରିଜ୍ ବରାବର କରିବାରେ ସହାୟ ହୋଇଛି।

ଏହି ଟେଷ୍ଟରେ ଉଭୟ ଦଳ ମିଳିତଭାବେ ୧୬୯୨ ରନ୍ କରିଛନ୍ତି। ଏହା ଫଳରେ ବ୍ୟାଟ୍ସମ୍ୟାନ ଏଠାରେ ମନଇଚ୍ଛା ଖେଳିଛନ୍ତି। ଚଳିତ ସିରିଜ୍‌ରେ ଖେଳାଯାଇଥିବା ପ୍ରଥମ ଦୁଇଟି ଟେଷ୍ଟରେ ଏଯାଏ ୩,୩୬୫ ରନ୍ ସଂଗୃହୀତ ହୋଇଛି। ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଏହା ସର୍ବାଧିକ ରନ୍। କିନ୍ତୁ ଖେଳର ମାନ କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବଢ଼ାଇବାରେ ଏହି ପିଚ୍ ସହାୟତା କରିପାରି ନାହିଁ। ଏଭଳି ପିଚ୍‌ରେ ବୋଲରଙ୍କ ଲାଗି ସଫଳତା ପାଇବା କଷ୍ଟକର। ଏହା ସହ ଅଳ୍ପ ସମୟ ପରେ ଡ୍ୟୁକ୍ ବଲ ଢିଲା (ସଫ୍‌ଟ) ହୋଇଯିବା ମଧ୍ୟ ବୋଲରଙ୍କୁ ଅସୁବିଧାରେ ପକାଉଛି। ଏଭଳି ପିଚ୍ ଓ ବଲ୍‌ରେ ୱିକେଟ ମିଳିବା କଷ୍ଟକର ବୋଲି ଜଣାପଡ଼ିବା ପରେ ରନ୍ ସହଜରେ ସଂଗୃହୀତ ହୋଇଥିଲା। ଗୋଟିଏ ନୂଆ ବଲ ୨୦ ଓଭର ବୋଲିଂ ହେବା ପରେ ସଫ୍‌ଟ ହୋଇଯାଉଛି ଓ ବ୍ୟାଟରଙ୍କୁ ରନ୍ ସଂଗ୍ରହରେ ସହାୟତା କରୁଛି। ଏ ସମ୍ପର୍କରେ ଗିଲ୍ କହନ୍ତି, ଏହି ୨୦ ଓଭର ବୋଲିଂ କରିବା ପରେ ଅବଶିଷ୍ଟ ସମୟ ରକ୍ଷଣାତ୍ମକ ଭାବେ ଖେଳିବାକୁ ପଡୁଛି। ଏହି ସମୟରେ ରନ ଅଟକାଇବା କଷ୍ଟକର ହୋଇ ପଡୁଛି। ବୋଲରଙ୍କୁ କିଛି ସହାୟତା ନ ମିଳିଲେ ଇଂଲଣ୍ଡରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଉଛି ବୋଲି ଗିଲ୍ କହନ୍ତି।

### ■ ଅଧିନାୟକ ଭାବେ ଗୁରୁ ଦାୟିତ୍ୱ

ବିଦେଶ ମାଟିରେ ସୁଇଂ ପିଚ୍‌ରେ ଖେଳିବା ଆମଲାଗି କଷ୍ଟକର ହୋଇଥାଏ। ଏଭଳି ସ୍ଥାନରେ ଆମେ ଭଲ ପ୍ରଦର୍ଶନ ଦେଇ ପାରୁ ନ ଥିବାରୁ ଏକାଧିକଥର ସମାଲୋଚିତ ହୋଇଛୁ। କିନ୍ତୁ ଏବେ ଟେଷ୍ଟ ଖେଳାଯାଉଥିବା ବଲର ସ୍ଥିତି ଓ ଫ୍ଲାଟ ପରିବେଶ ସମ୍ପର୍କରେ ଜାଣିବା ପରେ ମୁଁ ଜଣେ ଅଧିନାୟକ ଭାବେ ସଫଳ ହେବାକୁ ଚେଷ୍ଟା କରିଥିଲି। ଫଳରେ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୧୪୭, ଦ୍ୱିତୀୟ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୨୬୯ ଓ ୧୬୧ ରନ୍ କରି ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଶେଷ ଭାଗ ବ୍ୟାଟରଙ୍କ ହାଲ୍‌କା ମନୋଭାବ ଯୋଗୁଁ ଆମେ ବିପର୍ଯ୍ୟୟର ଶିକାର ହୋଇଥିଲୁ। ଏହାକୁ ସୁଧାରିବାରେ ଜାଡେଜା ଭାଇ ଓ ୱାଶିଂଟନ ସୁନ୍ଦର ସହାୟତା କରିବା ଫଳରେ ଆମେ ଟେଷ୍ଟ ଜିତିବାରେ ସମର୍ଥ ହୋଇଛୁ।

### ■ ଇଂଲଣ୍ଡ ପିଚ୍ ଆଉ ଫ୍ଲାଟ୍ ହେବ ନାହିଁ

ଏଜ୍‌ବାଷ୍ଟନ ଟେଷ୍ଟ ପରାଜୟ ପରେ ଇଂଲଣ୍ଡରେ ଆଉ ଫ୍ଲାଟ ପିଚ୍‌ରେ ଖେଳିବାକୁ ପଡ଼ିବ ନାହିଁ ବୋଲି ଭାରତୀୟ ଅଧିନାୟକ ଶୁବମନ ଗିଲ କହିଛନ୍ତି। ଆମର ଏତେ ସମୟ ଧରି ଟେଷ୍ଟ ଖେଳିବାର ଅଭ୍ୟାସ ନାହିଁ। ଭାରତରେ ପିଚ୍ ସ୍ପିନ୍‌କୁ ସୁହାଇଥାଏ ଓ ଟେଷ୍ଟ ୩ରୁ ୪ ଦିନ ମଧ୍ୟରେ ଶେଷ ହୋଇଯାଇଥାଏ। ଆମେ ଯେତେବେଳେ ବିଦେଶରେ ଖେଳୁ ସେଠିକାର ସୁଇଂ, ଫାଷ୍ଟ ଓ ବାଉନ୍ସି ପିଚ୍‌ରେ ମ୍ୟାଚ୍ ଅଢ଼େଇରୁ ୪ ଦିନରେ ଶେଷ ହୋଇଥାଏ। ପ୍ରଥମଥର ଏଠାରେ କ୍ରମାଗତ ଟେଷ୍ଟ ୫ ଦିନରେ ଶେଷ ହୋଇଛି। ଅବଶ୍ୟ ଆମ ପ୍ରତିଦ୍ୱନ୍ଦ୍ୱୀ ୯୦ ଓଭର ଭିତରେ ଆଉଟ ହୋଇଯାଇଥିବାରୁ ଆମକୁ ପଡ଼ିଆରେ ଗୋଟିଏ ଦିନ ବିତାଇବାକୁ ପଡ଼ିଛି। କିନ୍ତୁ ଖୁସିର କଥା ଏହି ଦୁଇଟି ଯାକ ଟେଷ୍ଟରେ ଭାରତ ବ୍ୟାଟିଂରେ ଅଧିକ ସମୟ ଦେଇଛି ଓ କ୍ଲାନ୍ତ ହେବାରୁ ବର୍ତ୍ତିଯାଇଛି।

### ■ ବୋଲରଙ୍କୁ ପ୍ରଶଂସା

ଯଶପ୍ରୀତ୍ (ବୁମ୍‌ରା) ଭାଇଙ୍କ ଅନୁପସ୍ଥିତିରେ ଆମେ ପ୍ରତିଦ୍ୱନ୍ଦ୍ୱୀ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବା ନେଇ ଅନେକ ସନ୍ଦେହ ପ୍ରକାଶ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଦଳର ଦୁଇ ଫ୍ରଣ୍ଟଲାଇନ୍ ବୋଲର ମହମ୍ମଦ୍ ସିରାଜ ଓ ଆକାଶଦୀପଙ୍କ ମିଳିତ ଭାବେ ୧୭ଟି ୱିକେଟ ନେଇଛନ୍ତି। ଏହା ଆମଲାଗି ସବୁଠାରୁ ବଡ଼ ଉପଲବ୍ଧି ବୋଲି ଗିଲ କହନ୍ତି। ଏପରି ସଫଳତାକୁ ପ୍ରଶଂସା କରିବା ଲାଗି ମୋ ନିକଟରେ ଭାଷା ନାହିଁ ବୋଲି ଗିଲ୍ କହନ୍ତି। ଏହି ବୋଲର ଓ ଖେଳାଳିମାନେ ଆମ ଦେଶରେ ସର୍ବଶ୍ରେଷ୍ଠ। ଏମାନେ ଯେଉଁଠି ଖେଳନ୍ତୁ ନା କାହିଁକି ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବେ। ଫ୍ଲାଟ୍ ପିଚ୍ ଓ ସଫ୍ଟ ବଲରେ କୁଲଦୀପ ଯାଦବଙ୍କ ପରି ବୋଲର ଦଳ ଲାଗି ଅଧିକ ଲାଭବାନ ସାବ୍ୟସ୍ତ ହୋଇଥାନ୍ତେ। ତାଙ୍କୁ ନ ଖେଳାଇବା ସମ୍ପର୍କରେ ଗିଲଙ୍କ ମତ ହେଲା, କୁଲଦୀପ୍ ଭାଇଙ୍କ ବୋଲିଂର ତୁଳନା ନାହିଁ। କିନ୍ତୁ ଶେଷ ଭାଗ ବ୍ୟାଟିଂକୁ ଶକ୍ତିଶାଳୀ କରିବା ଲାଗି ୱାସି (ୱାଶିଂଟନ ସୁନ୍ଦର)ଙ୍କୁ ଖେଳାଇଥିଲୁ। ଏହା ଆମ ଲାଗି ଲାଭବାନ ସାବ୍ୟସ୍ତ ହୋଇଛି। ଏଣୁ ଆମ ନିଷ୍ପତ୍ତି ଠିକ୍ ଥିଲା ବୋଲି ସେ କହିଛନ୍ତି।

## ଆର୍ଚର, ଆଟକିନସନଙ୍କ ମୁକାବିଲା ଲାଗି ଭାରତ ପ୍ରସ୍ତୁତ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି): ଭାରତଠାରୁ ଦ୍ୱିତୀୟ ଟେଷ୍ଟ ହାରିବାର ଅଳ୍ପ ସମୟ ମଧ୍ୟରେ ତୃତୀୟ ଟେଷ୍ଟ ଲାଗି ଦଳ ଘୋଷଣା କରିଛି ଇଂଲଣ୍ଡ। ଏହି ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ। ଦଳରେ କୌଣସି ଖେଳାଳିଙ୍କୁ ବାଦ୍ ଦିଆଯାଇ ନ ଥିଲାବେଳେ ଫାଷ୍ଟ ବୋଲର ଗସ୍ ଆଟକିସନଙ୍କୁ ସାମିଲ କରିଛି। ଫଳରେ ଇଂଲଣ୍ଡ ଦଳର ବୋଲିଂ ଶକ୍ତି ବୃଦ୍ଧି ପାଇଛି। ପୂର୍ବରୁ ଜୋଫ୍ରା ଆର୍ଚରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଥିଲା। ଏହା ଫଳରେ ଲର୍ଡ୍ସର ସୁଇଂ ଓ ବାଉନ୍ସି ୱିକେଟରେ ଉଭୟ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ଇଂଲଣ୍ଡରେ ସ୍ପିନରଙ୍କର ଆବଶ୍ୟକତା ନାହିଁ। ଏଣୁ ଲର୍ଡସରେ ଇଂଲଣ୍ଡ କେବଳ ଫାଷ୍ଟ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଓ ପଞ୍ଚମ ଟେଷ୍ଟ ଓଭାଲରେ ଜୁଲାଇ ୩୧ରୁ ଖେଳାଯିବ।

**ଇଂଲଣ୍ଡ ଦଳ**

ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର, ଗସ ଆଟକିନସନ, ସୋଏବ ବସିର, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ, ଜେମି ସ୍ମିଥ୍, ଜୋଶ ଟଙ୍ଗ୍ ଓ କ୍ରିସ୍ ଓକ୍ସ।

## ୭ ଜଣ ଲୋକଙ୍କ ଗହଣରେ ଜନ୍ମଦିନ ପାଳିଲେ ଧୋନି



ରାଞ୍ଚି, ୭।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ସୋମବାର (ଜୁଲାଇ ୭) ତାଙ୍କର ୪୪ତମ ଜନ୍ମଦିନ ପାଳିଛନ୍ତି। ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ଷ୍ଟାଡିୟମରେ ୭ ଜଣ ଲୋକଙ୍କ ଗହଣରେ ଧୋନି କେକ୍ କାଟି ସାଧାରଣ ଭାବେ ଜନ୍ମଦିନକୁ ପାଳିଥିଲେ। ଏହି କେକ୍ କଟାଯିବା ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଏଥିରେ ଧୋନି ଏକ କଳା ରଙ୍ଗର ସ୍ଲିଭଲେସ୍ ଟି-ଶାର୍ଟ ପରିଧାନ କରିଥିବାର ଦେଖିବାକୁ ମିଳିଥିଲା।

## ୱେଷ୍ଟଇଣ୍ଡିଜର କ୍ରମାଗତ ୨ୟ ପରାଜୟ

ସେଣ୍ଟ ଜର୍ଜ୍ସ, ୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟକୁ ଅଷ୍ଟ୍ରେଲିଆ ୧୩୩ ରନରେ ଜିତିନେଇଛି। ୨୭୭ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସରେ ୧୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ରୋଷ୍ଟନ ଚେଜ୍ ୩୪, ବ୍ରାଣ୍ଡନ କିଙ୍ଗ୍ ୧୪, ସାଇ ହୋପ୍ ୧୭, ସାମରା ଜୋସେଫ୍ ୨୪ ରନ କରି ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଫଳ ବୋଲର ଭାବେ ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

## କ୍ୱାର୍ଟରରେ ବେନିକ, ଆନିସିମୋଭା

ଲଣ୍ଡନ, ୭।୭ (ଏଜେନ୍ସି): ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ମହିଳା ବିଭାଗରେ ସୁଇଜରଲାଣ୍ଡର ବେଲିଣ୍ଡା ବେନିକ ଓ ଆମେରିକାର ଆମଣ୍ଡା ଆନିସିମୋଭା କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସୋମବାର ଅନୁଷ୍ଠିତ ରାଉଣ୍ଡ-୧୬ର ଏକ ମ୍ୟାଚରେ ବେଲିଣ୍ଡା ୭-୬ (୭/୪), ୬-୪ ସେଟ୍‌ରେ ରୁଷିଆ ଏକଟେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ସେହିଭଳି ୧୩ତମ ସିଡ୍ ଆମେରିକାର ଆନିସିମୋଭା ୬-୨, ୭-୫, ୬-୪ ସେଟ୍‌ରେ ଚେକ୍ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ପୂର୍ବରୁ ଗତ ରାତିରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କା ୬-୪, ୭-୬ (୭/୪) ସେଟ୍‌ରେ ଏଲିସେ ମର୍ଟେନ୍ସଙ୍କୁ ହରାଇ ଅନ୍ତିମ-୮ରେ ପ୍ରବେଶ କରିଥିଲେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ସର୍ବିୟା ତାରକା ନୋଭାକ ଜୋକୋଭିଚ୍ ଓ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍‌ଙ୍କ ମଧ୍ୟରେ ପ୍ରି-କ୍ୱାର୍ଟରରେ ଜୋର୍‌ଦାର ଲଢ଼େଇ ଦେଖିବାକୁ ମିଳିଛି। ଚତୁର୍ଥ ସେଟ୍ ଜାରି ରହିଥିବାବେଳେ ଜୋକୋଭିଚ୍ ୧-୬, ୬-୪, ୬-୩, ୩-୪ରେ ଅଗ୍ରଣୀ ରହିଛନ୍ତି।

● ଜାତୀୟ ସବ୍‌ଜୁନିଅର ମହିଳା ହକି

## ସ୍ୱିଟିଙ୍କ ହ୍ୟାଟ୍ରିକ୍: ଓଡ଼ିଶାର ବିଜୟ ଅଭିଯାନ



ଭୁବନେଶ୍ୱର, ୭।୭ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ମହିଳା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଓଡ଼ିଶା ସ୍ୱିଟି କୁଜୁରଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ୩-୧ରେ ଅନ୍ୟତମ ଶକ୍ତିଶାଳୀ ପଞ୍ଜାବ ଦଳକୁ ପରାସ୍ତ କରିଥିଲା। ସ୍ୱିଟି ମ୍ୟାଚରେ ୧୫ତମ, ୩୦ତମ ଓ ୫୯ତମ ମିନିଟ୍‌ରେ ଏହି ୩ଟି ଗୋଲ୍ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଏଥିସହ ୩ ପଏଣ୍ଟ ପାଇ ଓଡ଼ିଶା ଖାତା ଖୋଲିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ମହାରାଷ୍ଟ୍ର ଦଳକୁ ଭେଟିବ।

## ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ସୁସ୍ମିତାଙ୍କୁ ୫ମ ପଦକ

ଭୁବନେଶ୍ୱର, ୭।୭ (ସମିସ): ଓଡ଼ିଶା ପୁଲିସରେ କାର୍ଯ୍ୟରତ ସୁସ୍ମିତା ଟିଗା ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ତାଙ୍କ ଦମ୍‌ଦାର



ପ୍ରଦର୍ଶନ ଜାରି ରଖି ୫ମ ପଦକ ବିଜୟୀ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ହାଫ୍ ମାରାଥନ (୨୧.୧ କିମି)ରେ ସୁସ୍ମିତା ପୋଡିୟମର ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଚଳିତ ବିଶ୍ୱ ପୁଲିସ କ୍ରୀଡ଼ାରେ ସୁସ୍ମିତା ଏଥିପୂର୍ବରୁ ୧୫୦୦ ମିଟର ରେସ୍ ଓ ୩୦୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ, ୮୦୦ ମିଟରରେ ରୌପ୍ୟ ଏବଂ ୪ ଗୁଣା ୪୦୦ ମିଟର ରିଲେରେ କାଂସ୍ୟ ପଦକ ଜିତିଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶାରେ ପ୍ରଥମଥର ହେବ ବରିଷ୍ଠ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୭।୭ (ସମିସ): ଓଡ଼ିଶାରେ ପ୍ରଥମଥର ହେବାକୁ ଯାଉଛି ବରିଷ୍ଠ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ। ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟର ହାଇ ପରଫର୍ମାନ୍ସ ସେଣ୍ଟର ଓ ପୋଖରୀପୁଟ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ଜୁଲାଇ ୮ରୁ ଆରମ୍ଭ ହୋଇ ୧୫ରେ ଶେଷ ହେବ। ଦେଶର ୧୫୦୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ୪ ଦିନ କ୍ୱାଲିଫାଇଂ ଇଭେଣ୍ଟ ହେବ ଓ ଏହା ପରେ ମୁଖ୍ୟ ଇଭେଣ୍ଟରେ ଖେଳାଯିବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଳିନ କୁମାର ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଲାଗି ଆହ୍ୱାନ ଦେଇଛନ୍ତି। ସଂଯୋଜକ ସୁଦୀପ ବିଶୋଇ, କମଳ ଦାସ, ଶୈଳେନ୍ଦ୍ର ଚୌଧୁରୀ, କମଳ ପଟ୍ଟନାୟକ, ପ୍ରଦୀପ ମହାନ୍ତି ରହିଛନ୍ତି। ଚିଫ୍ ରେଫରୀ ସିଆର୍ ରାଜୀବ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ ବୋଲି ମିଡିଆ ମ୍ୟାନେଜର ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

● ଜାତୀୟ ଶିଶୁ ଓ ମିନି ଅସିଚାଳନା

## ବିଭୂତି ପଟେଲଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୭।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ରେ ଅନୁଷ୍ଠିତ ଜାତୀୟ ଶିଶୁ (୧୦ ବର୍ଷରୁ କମ୍) ଓ ମିନି (୧୨ ବର୍ଷରୁ କମ୍) ଜାତୀୟ ଅସିଚାଳନାରେ ଓଡ଼ିଶାର ବିଭୁତି ଶଙ୍କର ପଟେଲଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ବିଭୂତି ୧୨ ବର୍ଷରୁକମ୍ ବିଭାଗର ଇପି କାଟାଗୋରୀରେ ଏହି ସଫଳତା ପାଇଛନ୍ତି। ବିଭୁତି ବଲାଙ୍ଗୀର କ୍ରୀଡ଼ାଛାତ୍ରାବାସରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

# ମୁଲ୍‌ଡର୍‌ଙ୍କ ରେକର୍ଡ ତ୍ରିଶତକ

ବୁଲାୱାୟୋ, ୭।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍ କୀର୍ତ୍ତିମାନଭରା ତ୍ରିଶତକୀୟ ପାଳି ଖେଳିଛନ୍ତି। ମୁଲ୍‌ଡର୍‌ଙ୍କ ଅପରାଜିତ ୩୬୭ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୧୪ ଓଭରରେ ୫ ୱିକେଟରେ ୬୨୬ ରନ କରି ପାଳି ଘୋଷଣା କରିଛି। ମୁଲ୍‌ଡର ବିଶ୍ୱର ପ୍ରଥମ ଖେଳାଳି ଭାବେ ଟେଷ୍ଟ ନେତୃତ୍ୱ ନେବାର ପ୍ରଥମ ପାଳିରେ ତ୍ରିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗଙ୍କ ନାମରେ ରହିଥିଲା। ଗ୍ରାହମ ୧୯୬୯ରେ ଟେଷ୍ଟ ନେତୃତ୍ୱ



ପଦାର୍ପଣର ପ୍ରଥମ ପାଳିରେ ଭାରତ ବିପକ୍ଷରେ ୨୩୯ ରନ କରିଥିଲେ।

ସେହିଭଳି ୨୯୭ ବଲ୍‌ରେ ତ୍ରିଶତକ ହାସଲ କରିଥିବା ମୁଲ୍‌ଡର୍ ମୋଟ୍ ୩୩୪ ବଲ୍ ଖେଳି ୩୬୭ ରନ କରି ଅପରାଜିତ ରହିଥିଲେ। ଏହି ପାଳିରେ ସେ ୪୯ ଚୌକା ଓ ୪ ଛକା ମାରିଥିଲେ। ଏଥିସହ ଟେଷ୍ଟରେ ସେ ଦ୍ୱିତୀୟ ଦ୍ରୁତତମ ତ୍ରିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ଭାରତର ବୀରେନ୍ଦ୍ର ସେହ୍ୱାଗ ୨୦୦୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୭୮ ବଲ୍‌ରେ ତ୍ରିଶତକ ହାସଲ କରି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତ୍ରିଶତକ ହାସଲ କରିବାରେ ମୁଲ୍‌ଡର ଦକ୍ଷିଣ ଆଫ୍ରିକାର ୨ୟ ଓ ବିଶ୍ୱର ୨୯ତମ କ୍ରିକେଟର୍ ହୋଇଛନ୍ତି। ହାସିମ ଅମଲା ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଦି ଓଭାଲ୍ ଗ୍ରାଉଣ୍ଡରେ ୩୧୧ ରନର ପାଳି ଖେଳିଥିଲେ। ମୁଲ୍‌ଡର ଆଉ ୩୪ ରନ କରିଥିଲେ ବ୍ରାଏନ ଲାରା (ଅପରାଜିତ ୪୦୦ ରନ)ଙ୍କ ନାମରେ ରହିଥିବା ଟେଷ୍ଟର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରକୁ ଟପିଯାଇଥାନ୍ତେ। ଦକ୍ଷିଣ ଆଫ୍ରିକାର ୬୨୬/୫ ସ୍କୋର ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ -- ରନ କରି ଅଲ୍‌ଆଉଟ୍ ହୋଇଯାଇଛି।

# ରାଜ୍ୟ କ୍ରିକେଟ ଶୀର୍ଷକୁ ନେବା ପାଇଁ ଓସିଏର ଉଦ୍ୟମ

କଟକ,୭।୭(ସମିସ)

ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢ଼ାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ। ରାଜ୍ୟ କ୍ରିକେଟକୁ ଶୀର୍ଷକୁ ନେବା ପାଇଁ ଓସିଏର ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି ଆଲୋଚନା ଜୋର ଧରିଛି।

ରାଜ୍ୟରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆୟୋଜନ କରାଯାଉଥିଲେ ସୁଦ୍ଧା ଏହାର ବ୍ୟାପକ ପ୍ରଚାର, ପ୍ରସାର ଅଭାବ ଯୋଗୁଁ ପ୍ରତିଭାବାନ ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ଅଣଦେଖା ହୋଇ ରହିଯାଉଥିଲା। ଏଥିରେ ପରିବର୍ତ୍ତନ ଅଣାଯିବା ସହ ମ୍ୟାଚ୍ ଗୁଡିକର ସିଧାପ୍ରସାରଣ ଏଣିକି ଅନ୍ତର୍ଜାତୀୟ ସ୍ତରର ପ୍ଲାଟଫର୍ମରେ ପ୍ରଦର୍ଶନ କରାଯିବ। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍

ODISHA PRO T20 LEAGUE

**ଓପିଟିଏଲ୍‌କୁ ନେଇ ନୂଆ ଆଶା**

ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଓପିଟିଏଲ ଆୟୋଜନର ମଙ୍ଗ ଧରିବ। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ହୋଇ ସାରିଛି। ଖୁବଶୀଘ୍ର ଓସିଏ ଚୂଡାନ୍ତ ଫ୍ରାଞ୍ଚାଇଜ ତାଲିକା ପ୍ରକାଶ କରିବ। ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବା ପାଇଁ କାର୍ଯ୍ୟଧାରା ଅଗ୍ରଗତି କରିଛି।

ନିକଟ ଅତୀତରେ ରାଜ୍ୟ ବରିଷ୍ଠ ଦଳର ଖେଳାଳି ଏକମାସିଆ ଶ୍ରୀଲଙ୍କା ଗସ୍ତରେ ଯାଇ ୪ଟି ତ୍ରିଦିବସୀୟ ଏବଂ ୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଫେରିଛି। ଉକ୍ତ ଏକ୍ସପୋଜର ଟୁର୍‌ରେ କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନଜରରେ ରଖି ଡ୍ରାଫ୍ଟ ପ୍ରସ୍ତୁତ କରାଯିବ। ତେବେ ଓପିଟିଏଲରେ ପ୍ରତ୍ୟେକ ଦଳରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ସାମିଲ କରାଯିବା ପାଇଁ ସ୍ଥିର କରିଛି ଓସିଏ। ଯେଉଁଥିରେ ବରିଷ୍ଠ ବର୍ଗରୁ ୧୨ଜଣ ଏବଂ ୪ଜଣ କନିଷ୍ଠ ବର୍ଗର ଖେଳାଳି ରହିବେ। ଡ୍ରାଫ୍ଟ ତାଲିକା ଘୋଷଣା ପୂର୍ବରୁ ପ୍ରାଥମିକ ପର୍ଯ୍ୟାୟରେ କନିଷ୍ଠ ବର୍ଗର ୫୦ଜଣିଆ ଖେଳାଳି ତାଲିକା ପ୍ରସ୍ତୁତ କରାଯାଉଛି। ସେହିପରି ଅଧିନାୟକତ୍ୱ ନିମନ୍ତେ କିଛି ବରିଷ୍ଠ ଖେଳାଳିଙ୍କ ନାମ ଏବେ ଆଲୋଚନାରେ ଥିବା ବେଳେ ଖୁବଶୀଘ୍ର ଏହା ଘୋଷଣା ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ରାଜ୍ୟ କ୍ରିକେଟର ଧାରା ବଦଳିବା ଭଳି ଟୁର୍ଣ୍ଣାମେଣ୍ଟ ହେବ ଓପିଟିଏଲ। ଓଡ଼ିଆ ଖେଳାଳିମାନଙ୍କ ନିମନ୍ତେ ଏହା ଏକ ବଡ ମଞ୍ଚ ସାବ୍ୟସ୍ତ ହେବ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କ ଉପରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ପଡିବ। ଖେଳାଳିମାନେ ସମ୍ପୂର୍ଣ୍ଣ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳିବାର ଅଭିଜ୍ଞତା ପାଇବେ ବୋଲି ସଞ୍ଜୟ ମତ ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS